# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୬/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 6/2025 | Page 16 | ₹ 7.00 | RAYAGADA

୫୨ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 13 | ମୂଲ୍ୟ ₹୭/-



DSPL-400

GOVERNMENT OF ODISHA

GLOBAL ENERGY LEADERS' SUMMIT PURI 2025

Sufficiency | Balance | Innovation



**Shri Narendra Modi**
Prime Minister



**Shri Mohan Charan Majhi**
Chief Minister, Odisha

# Powering States to Energise India

## Bringing Together

Union Ministers | State Energy Ministers I Union & State Secretaries
Policymakers & Global Leaders | Researchers & Think Tanks
Innovators & Technology Pioneers

**5-7 December 2025**

www.gelsodisha2025.com



SUFFICIENCY



BALANCE



INNOVATION

OIPR-04001/13/0023/2526

## PARTNERS

INDIAN INSTITUTE OF TECHNOLOGY, KANPUR | TONY BLAIR INSTITUTE FOR GLOBAL CHANGE

EnergyDepartment.Odisha | Energy Department, Govt. of Odisha | EnergyOdisha

# ମୁନିରଙ୍କ ହାତରେ ନ୍ୟୁକ୍ଲିଅର ବଟନ୍

**ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ଦେଶର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ (ସିଡିଏଫ୍) ରୂପେ ନିଯୁକ୍ତି ପାଇଁ କରିଥିବା ସୁପାରିସକୁ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦ୍ଦାରୀ ମଞ୍ଜୁରୀ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଏହି ମୋହର ପରେ ମୁନିର ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଓଏଏସ୍) ଦାୟିତ୍ୱ ତୁଲାଇବା ସହ ତାଙ୍କ ହାତରେ ସ୍ଥଳସେନା, ନୌସେନା ଓ ବାୟୁସେନାର ନିୟନ୍ତ୍ରଣ ରହିବ। କେବଳ ଏତିକି ନୁହେଁ, ନୂଆକରି ସୃଷ୍ଟି ହୋଇଥିବା ଶକ୍ତିଶାଳୀ ସାମରିକ ପଦବୀରେ ମୁନିର ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ରହିବା ସଙ୍ଗେ ସଙ୍ଗେ ନ୍ୟାଶନାଲ ଷ୍ଟ୍ରାଟେଜିକ୍ କମାଣ୍ଡର ମଙ୍ଗ ଧରିବେ। ଫଳରେ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ର ଓ ମିଶାଇଲ ସିଷ୍ଟମ୍‌ର ଲଗାମ ତାଙ୍କ ହାତରେ ରହିବ, ଯାହାକି ଭାରତ ପାଇଁ ଶୁଭଙ୍କର ହୋଇ ନ ପାରେ ବୋଲି କୁହାଯାଉଛି।**

ଇସ୍‌ଲାମାବାଦ,୫।୧୨

## ପାକିସ୍ତାନର ପ୍ରଥମ ସିଡିଏଫ୍ ରୂପେ ନିଯୁକ୍ତି ଦେଲେ ରାଷ୍ଟ୍ରପତି ଜର୍ଦ୍ଦାରୀ

ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦ୍ଦାରୀଙ୍କ ଅଫିସିଆଲ୍ 'X' ହ୍ୟାଣ୍ଡେଲରୁ ଶୁକ୍ରବାର ଏକ ପୋଷ୍ଟ କରାଯାଇଛି। ବର୍ତ୍ତମାନ ସିଓଏଏସ୍ ଥିବା ଫିଲ୍ଡ ମାର୍ଶଲ ଆସିମ୍ ସୟେଦ ମୁନିରଙ୍କୁ ଦେଶର ପ୍ରଥମ ସିଡିଏଫ୍ ରୂପେ ଆଗାମୀ ୫ ବର୍ଷ ପାଇଁ ନିଯୁକ୍ତି ଦିଆଯାଇଥିବା ଏଥିରେ ଉଲ୍ଲେଖ କରାଯାଇଛି। ମୁନିର ସିଡିଏଫ୍ ପଦବୀରେ ରହିବା ଫଳରେ ତାଙ୍କ ହାତରେ କେବଳ ୩ ସେନା ରହିବ ତାହା ନୁହେଁ, ପାକିସ୍ତାନର ଆଣବିକ ଅସ୍ତ୍ର ଓ କ୍ଷେପଣାସ୍ତ୍ର ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବା ଜାତୀୟ ରଣନୈତିକ କମାଣ୍ଡ ମଧ୍ୟ ସେ ସମ୍ଭାଳିବେ। ନୂଆ ନିଯୁକ୍ତି ପରେ ମୁନିର ରାଷ୍ଟ୍ରପତିଙ୍କ ଭଳି ଆଇନଗତ ସୁରକ୍ଷା ପାଇବେ। ଫଳରେ ତାଙ୍କ ବିରୋଧରେ ଆଜୀବନ କୌଣସି ମାମଲା ରୁଜୁ କରାଯାଇପାରିବ ନାହିଁ। ଆଜୀବନ ଦଣ୍ଡମୁକ୍ତି ସୁବିଧା ବାୟୁସେନା ଓ ନୌସେନା ମୁଖ୍ୟଙ୍କ ପାଇଁ ମଧ୍ୟ ଲାଗୁହେବ ବୋଲି ଉକ୍ତ ବିବୃତିରୁ ଜଣାପଡ଼ିଛି।


ଆସିମ୍ ମୁନିର

୫ ବର୍ଷ ପରେ ମୁନିର ସିଡିଏଫ୍ ପଦବୀରେ ରହିବାକୁ ଚାହୁଁଥିବା ନେଇ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ନିକଟରେ ଆଗ୍ରହ ପ୍ରକାଶ କଲେ ସେମାନେ ମନା କରିପାରିବେ ନାହିଁ। ୨୭ତମ ସମ୍ବିଧାନ ସଂଶୋଧନ ବଳରେ ସିଡିଏଫ୍‌ଙ୍କୁ ଏହି କ୍ଷମତା ଦିଆଯାଇଛି। ଏଥିସହ ଉକ୍ତ ସଂଶୋଧନ ସେନା ଉପରେ ନିର୍ବାଚିତ ସରକାରଙ୍କ କର୍ତ୍ତୃତ୍ୱକୁ ମଧ୍ୟ ହ୍ରାସ କରିଦେଇଛି। ପାକିସ୍ତାନୀ ମିଡିଆ ରିପୋର୍ଟ ଅନୁସାରେ ସିଡିଏଫ୍ ଭାଇସ୍ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ଭିସିଓଏଏସ୍) ନିଯୁକ୍ତି ପାଇଁ ସଂଘୀୟ ସରକାରଙ୍କୁ ନାମ ସୁପାରିସ କରିପାରିବେ। ଏହା ପୂର୍ବରୁ ଏଭଳି ନିଯୁକ୍ତି କ୍ଷମତା ସରକାରଙ୍କ ନିକଟରେ ରହିଥିଲା। ଉଲ୍ଲେଖଯୋଗ୍ୟ, ପାକିସ୍ତାନ ଇତିହାସରେ ଉଭୟ ୫-ଷ୍ଟାର ର୍‍ୟାଙ୍କ୍ ଧାରଣ ସହ ସିଓଏଏସ୍ ଏବଂ ସିଡିଏଫ୍ ପଦବୀ ଅଳଙ୍କୃତ କରିବାରେ ମୁନିର ପ୍ରଥମ ସାମରିକ ଅଧିକାରୀ। ୧୯୬୫ରେ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ତତ୍କାଳୀନ ସେନାମୁଖ୍ୟ ଜେନେରାଲ ଆୟୁବ ଖାନ୍‌ଙ୍କୁ ଫିଲ୍ଡ ମାର୍ଶଲ ଟାଇଟଲ ଦିଆଯାଇଥିଲା। ଆୟୁବଙ୍କ ପରେ ମୁନିର ଦ୍ୱିତୀୟ ସେନା ଅଧିକାରୀ ରୂପେ ଫିଲ୍ଡ ମାର୍ଶଲ ହୋଇଛନ୍ତି। ଗତ ଏପ୍ରିଲରେ ପହଲଗାମ୍ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରାଯିବା ପରେ ମେ'ରେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନୀ ଆତଙ୍କବାଦୀଙ୍କ ଭିତ୍ତିଭୂମି ଧ୍ୱଂସ କରିବାକୁ ଯାଇ 'ଅପରେଶନ୍ ସିନ୍ଦୂର' ଚଳାଇଥିଲା। ଭାରତର ଏହି ସାମରିକ ଅଭିଯାନ ବନ୍ଦ ହୋଇଯିବା ପରେ ପାକିସ୍ତାନ ମୁନିରଙ୍କୁ ଫିଲ୍ଡ ମାର୍ଶଲ ଉପାଧି ପ୍ରଦାନ କରିଥିଲା।

## ଭାରତ ପାଇଁ ବିପଦ

ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ସମାଲୋଚକମାନେ 'ଜିହାଦୀ ଜେନେରାଲ' ଆଖ୍ୟା ଦେଇଥାନ୍ତି। ମୁନିର କ୍ଷମତାକୁ ଆସିବା ପରଠୁ ଅନେକଥର ଘୋଷଣା କରିଛନ୍ତି ଯେ ହିନ୍ଦୁ ଓ ମୁସଲମାନମାନେ ଏକାଠି ରହିପାରିବେ ନାହିଁ। ତାଙ୍କର ଏହି ମତ ଯୋଗୁ ଭାରତ ବିରୋଧରେ ସାମରିକ ଉତ୍ତେଜନା ବଢ଼ିଥିଲା। ଏତିକି ନୁହେଁ, ମୁନିର ଭାରତକୁ ଏକାଧିକ ଥର ଆଣବିକ ଆକ୍ରମଣର ଧମକ ମଧ୍ୟ ଦେଇଛନ୍ତି। ଅପରେଶନ୍ ସିନ୍ଦୂର ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ହ୍ୱାଇଟ୍ ହାଉସ୍‌ରେ ୨ ଥର ସାକ୍ଷାତ କରିଥିବା ମୁନିରଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଆଗକୁ ଦୃଢ଼ ହୋଇପାରେ, ଯାହାକି ନୂଆଦିଲ୍ଲୀ ପାଇଁ ଏକ ବିପଦର ସଙ୍କେତ ବୋଲି ମନେକରାଯାଉଛି।

# ଫୋନ୍ ଲୋକେଶନ ସର୍ଭିଲାନ୍ସ ଉପରେ ବିଚାର କରୁଛି କେନ୍ଦ୍ର

ନୂଆଦିଲ୍ଲୀ,୫।୧୨

ସାଟେଲାଇଟ୍ ଲୋକେଶନ ଟ୍ରାକିଂ ବ୍ୟବସ୍ଥାକୁ ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକ ପାଇଁ ବାଧ୍ୟତାମୂଳକ କରିବାକୁ ଟେଲିକମ୍ ଶିଳ୍ପର ଏକ ପ୍ରସ୍ତାବ ଉପରେ ଭାରତ ସରକାର ବିଚାର କରୁଛନ୍ତି। ଫୋନ୍‌ଗୁଡ଼ିକର ଉପରେ ନଜର ରଖିବା ପାଇଁ ଏହି ଲୋକେଶନ ଟ୍ରାକିଂ ବ୍ୟବସ୍ଥା ସବୁବେଳେ କାର୍ଯ୍ୟକ୍ଷମ ରହିବ। ତେବେ ପ୍ରିଭେସିକୁ ନେଇ ଆପଲ୍, ଗୁଗଲ ଏବଂ ସାମସଙ୍ଗ୍ କମ୍ପାନୀ ସରକାର ଉକ୍ତ ପ୍ରସ୍ତାବକୁ ବିରୋଧ କରୁଥିବା ବିଭିନ୍ନ ସୂତ୍ର ଓ ଦସ୍ତାବିଜ୍‌ରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଭାରତରେ ବିକ୍ରି ପୂର୍ବରୁ ସମସ୍ତ ନୂଆ ମୋବାଇଲ୍ ଫୋନ୍‌ରେ ସଞ୍ଚାର ସାଥୀ ଆପ୍ ୯୦ ଦିନ ମଧ୍ୟରେ ଇନ୍‌ଷ୍ଟଲ କରିବା ପାଇଁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ନେଇ ବିବାଦ ଜୋର୍ ଧରିଥିଲା। ପ୍ରିଭେସିକୁ ନେଇ ବିପକ୍ଷ ଦଳଗୁଡ଼ିକ ଚିନ୍ତା ପ୍ରକଟ କରିବା ସହ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଥିଲେ। ଆପଲ ମଧ୍ୟ ଏଭଳି ପଦକ୍ଷେପକୁ ବିରୋଧ କରିବା ସହ ପ୍ରିଭେସି ପ୍ରସଙ୍ଗ ଉଠାଇ ଏହାକୁ ଅନୁପାଳନ କରିବ ନାହିଁ ବୋଲି କହିଥିଲା। ଶେଷରେ ସରକାର ଉକ୍ତ ନିର୍ଦ୍ଦେଶନାମାକୁ ରଦ୍ଦ କରିବାକୁ ବାଧ୍ୟ ହୋଇଥିଲେ।

ତଦନ୍ତ ସମୟରେ ଆଇନଗତ ଆବଶ୍ୟକତା ଅନୁଯାୟୀ ଟେଲିକମ୍ କମ୍ପାନୀଗୁଡ଼ିକଠାରୁ ତଦନ୍ତକାରୀ ସଂସ୍ଥା ଫୋନ୍‌ର ନିର୍ଦ୍ଦିଷ୍ଟ ସ୍ଥାନ ପାଇପାରୁ ନ ଥିବାରୁ ଏହାକୁ ନେଇ ନରେନ୍ଦ୍ର ମୋଦି ପ୍ରଶାସନ ବହୁବର୍ଷ ହେଲା ଚିନ୍ତିତ ରହିଛି। ସାମ୍ପ୍ରତିକ ବ୍ୟବସ୍ଥାରେ ସେଲୁଲାର ଟାୱାର ଡେଟା ବ୍ୟବହାରରେ କମ୍ପାନୀଗୁଡ଼ିକ ସୀମିତ କରାଯାଇଛି, ଯାହା ଫୋନ୍ ଲୋକେଶନର ନିର୍ଦ୍ଦିଷ୍ଟ ସ୍ଥାନର ସୂଚନା ନ ଦେଇ ଏକ ହାରାହାରି ଅଞ୍ଚଳର ସୂଚନା ଦେଇପାରୁଛି, ଯାହାକି ନିର୍ଦ୍ଦିଷ୍ଟ ସ୍ଥାନଠାରୁ ଅନେକ ମିଟର ଦୂରରେ ହୋଇପାରେ। ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ୍ ପାଇଁ ପ୍ରତିନିଧିତ୍ୱ କରୁଥିବା ସେଲୁଲାର ଅପରେଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ସିଓଏଆଇ) ସରକାରଙ୍କୁ ଜଣାଇଥିଲା ଯେ, ଯଦି ସ୍ମାର୍ଟଫୋନ୍ ନିର୍ମାତାଙ୍କୁ ଏ-ଜିପିଏସ୍ ପ୍ରଯୁକ୍ତି ସକ୍ରିୟ କରିବା ପାଇଁ ନିର୍ଦ୍ଦେଶ ଦିଆଗଲେ ଫୋନ୍‌ର ନିର୍ଦ୍ଦିଷ୍ଟ ଲୋକେଶନ ଚିହ୍ନଟ କରାଯାଇପାରିବ। ଏଥିପାଇଁ ସାଟେଲାଇଟ୍ ସିଗ୍‌ନାଲ ଏବଂ ସେଲୁଲାର ଡେଟା ବ୍ୟବହାର କରାଯିବ ବୋଲି ଆଇଟି ମନ୍ତ୍ରଣାଳୟର ଇମେଲ୍‌ରୁ ଜଣାପଡ଼ିଛି।

# ଚାର୍ଜଶିଟ୍ ନ ହେବାରୁ ୟୁଏପିଏରେ ଜେଲରେ ଥିବା କଏଦୀଙ୍କୁ ଜାମିନ

ନୂଆଦିଲ୍ଲୀ,୫।୧୨

## ଆଇନ ଜଣକୁ ବେଆଇନ ଭାବେ ଜେଲରେ ରଖିପାରିବ ନାହିଁ: ସୁପ୍ରିମକୋର୍ଟ

ଜାଲ୍ ନୋଟ୍ ରଖିଥିବା ଅଭିଯୋଗରେ ବିନା ବିଚାରରେ ୨ ବର୍ଷ ହେଲା ଥିବା ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଜାମିନ ମଞ୍ଜୁର କରିଛନ୍ତି। ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜେଲରେ ରଖାଯାଇପାରବ ନାହିଁ। ଏଭଳି ହାଜତରେ ରଖାଯିବା ବେଆଇନ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହେଟ୍ଟାଙ୍କୁ ଖଣ୍ଡପୀଠ କହିବା ସହ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ(ୟୁଏପିଏ) ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରି ନ ଥିବା ଆସାମ ପୋଲିସକୁ ଭର୍ତ୍ସନା କରିଛନ୍ତି। ଏଭଳି ମାମଲାରେ ସର୍ବାଧିକ ସମୟସୀମା ୧୮୦ ଦିନକୁ ବଢ଼ାଯାଇପାରିବ। ୟୁଏପିଏରେ ଯେତେ କଠୋର ବ୍ୟବସ୍ଥା ଥାଉ ନା କାହିଁକି ଆଇନ ଜଣକୁ ବେଆଇନ ଭାବେ ଜେଲରେ ରଖିପାରିବ ନାହିଁ। ଏହା ଭୟଙ୍କର ବୋଲି ଖଣ୍ଡପୀଠ କହିଛନ୍ତି।

# ୧,୦୦୦ ଇଣ୍ଡିଗୋ ବିମାନ ଉଡ଼ାଣ ବାତିଲ

ନୂଆଦିଲ୍ଲୀ,୫।୧୨(ପି.ଟି.)

କର୍ମଚାରୀ ସଙ୍କଟକୁ ନେଇ ଇଣ୍ଡିଗୋ ଏୟାରଲାଇନ୍ସ ବିମାନ ଚଳାଚଳ ୩ ଦିନ ବ୍ୟାଘାତ ହୋଇଥିବାବେଳେ ଶୁକ୍ରବାର ବିଭିନ୍ନ ଏୟାରପୋର୍ଟରେ ୧,୦୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ବାତିଲ ଓ ବିଳମ୍ବିତ ହୋଇଛି। ଦିଲ୍ଲୀ ବିମାନବନ୍ଦରରୁ ଇଣ୍ଡିଗୋର ସମସ୍ତ ଘରୋଇ ବିମାନ ଉଡ଼ାଣକୁ ବାତିଲ କରାଯାଇଥିବାବେଳେ ଚେନ୍ନାଇ ବିମାନବନ୍ଦରରେ ମଧ୍ୟ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଇଣ୍ଡିଗୋ ବିମାନ ସେବା ବନ୍ଦ ରହିଥିଲା।



ଏଭଳି ସ୍ଥିତିକୁ ନଜରରେ ରଖି ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ଶୁକ୍ରବାର ବିମାନ ଉଡ଼ାଣ ଡ୍ୟୁଟି ନିୟମକୁ କୋହଳ କରିଛି। ପାଇଲଟ୍ ଓ ବିମାନ କର୍ମଚାରୀମାନଙ୍କୁ ସାପ୍ତାହିକ ବିଶ୍ରାମ ସମୟ ସହିତ ବିକଳ୍ପ ଛୁଟି ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି।

ସଂଶୋଧିତ ବିମାନଉଡ଼ାଣ ଡ୍ୟୁଟି ସମୟସୀମା (ଏଫ୍‌ଡିଟିଏଲ୍) ନିୟମ ଅନୁଯାୟୀ, ସାପ୍ତାହିକ ବିଶ୍ରାମକୁ ଛୁଟିରେ ଆଡଜଷ୍ଟ କରାଯିବ ନାହିଁ। ଅର୍ଥାତ୍ ସାପ୍ତାହିକ ବିଶ୍ରାମ ବାଦ୍ କର୍ମଚାରୀଙ୍କୁ ସେମାନଙ୍କ ଛୁଟି ମିଳିବ। ଇଣ୍ଡିଗୋ

## ଡ୍ୟୁଟି ନିୟମ କୋହଳ, ତଦନ୍ତ ନିର୍ଦ୍ଦେଶ

ବିମାନସେବା ବ୍ୟାଘାତର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ବିମାନ ବାତିଲ ହେବା ଓ ଉଡ଼ାଣ ବିଳମ୍ବିତ ହେବାର ମୂଳ କାରଣ ଖୋଜିବା ଏବଂ ଆବଶ୍ୟକସ୍ଥଳେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ତଦନ୍ତର ଲକ୍ଷ୍ୟ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଶୁକ୍ରବାର କହିଛନ୍ତି।



ଧରିତ୍ରୀ
DHARITRI
52 Years





ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଲାଗି ଶୁକ୍ରବାର ଟିକେଟ ପାଇଁ କାଉଣ୍ଟର ନିକଟରେ ଦର୍ଶକଙ୍କ ଲମ୍ବା ଧାଡ଼ି। (ଫଟୋ: ରାଜକିଶୋର ମହାନ୍ତି)

# ଏଏନ୍ଏମ୍ ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ସ୍ଥଗିତ

**ରାଜ୍ୟରେ ଗତ କିଛି ମାସ ମଧ୍ୟରେ ଆର୍ଆଇ, ଅମିନଠାରୁ ଆରମ୍ଭ କରି ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ଜାଲିଆତି ଓ ପ୍ରଶ୍ନପତ୍ର ଲିକ୍ ଘଟଣା ଚର୍ଚ୍ଚାରେ ରହିଥିବା ବେଳେ ଶୁକ୍ରବାର ଅଗ୍ଜିଲିଆରୀ ନର୍ସ ମିଡ୍ୱାଇଫେରି (ଏଏନ୍ଏମ୍) ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଛି। ଏହାକୁ ନେଇ ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏ ସମ୍ପର୍କରେ ସେମାନେ ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିବୃତି ରଖି କହିଛନ୍ତି ଯେ, ବିଭ୍ରାଟ ଯୋଗୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏହିସହିତ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏତଲା ରୁଜୁ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦୃଢ଼ୋକ୍ତି ପ୍ରକଟ କରିଛନ୍ତି। ପୋଲିସ ଏସ୍ଆଇ ଘଟଣାର ତଦନ୍ତ ସିବିଆଇ କରୁଥିବା ବେଳେ ବଡ଼ବଡ଼ିଆଙ୍କ ଲିଙ୍କ୍ ଖୋଜାଚାଲିଛି। ଏଭଳି ସ୍ଥିତିରେ ଏଏନ୍ଏମ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ରାଜ୍ୟର ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି ।**

ମାଲକାନଗିରି/ ୫।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସମେତ ରାଜ୍ୟର କେତେକ ସ୍ଥାନରେ ଶୁକ୍ରବାର ଏଏନ୍ଏମ୍ ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହା ପରେ ଶୁକ୍ରବାର ହେବାକୁ ଥିବା ପରୀକ୍ଷା ବାତିଲ କରାଯାଇଥିବା ନେଇ ମାଲକାନଗିରି ଉପଜିଲାପାଳ ଏମ୍.ଅଶ୍ୱିନୀ ଏଲ୍ ଘୋଷଣା କରିଛନ୍ତି। ଏଏନ୍ଏମ୍ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଭାଇରାଲ ହୋଇଥିଲା। ଶୁକ୍ରବାର ଅପରାହ୍ନ ୨ଟାରେ ଏଏନ୍ଏମ୍ ଛାତ୍ରୀଙ୍କ ମିଡ୍ୱାଇଫେରି ବିଷୟ ପରୀକ୍ଷା ହେବାର ଥିଲା। କିନ୍ତୁ ଏହାର ୩ ଘଣ୍ଟା ପୂର୍ବରୁ ପୂର୍ବାହ୍ନ ୧୧ଟାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିଛି। ପରୀକ୍ଷା ହଲ୍‌ରେ ପରୀକ୍ଷାର୍ଥୀ ପହଞ୍ଚିବା ପରେ ମାଲକାନଗିରି ଉପଜିଲାପାଳ ପରୀକ୍ଷା ବାତିଲ ହୋଇଥିବା ନେଇ ସୂଚନା ଦେଇଥିଲେ।

## ବିଧାନସଭାରେ ବିରୋଧୀ ତାତିଲେ

ଭୁବନେଶ୍ୱର, ୫।୧୨
(ରବିନାରାୟଣ ଜେନା)

ରାଜ୍ୟରେ ଏଏନ୍ଏମ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗକୁ ନେଇ ଶୁକ୍ରବାର ଗୃହରେ ବିରୋଧୀ କଂଗ୍ରେସ ଓ ବିଜେଡି ସଦସ୍ୟ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ମୁଲତବୀ ଆଲୋଚନାକାଳରେ କଂଗ୍ରେସ ସଦସ୍ୟ ଡା. ସିଏସ୍ ରାଜେନ ଏକ୍କା ପଏଣ୍ଟ ଅଫ୍ ଅର୍ଡରରେ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ରାଜ୍ୟରେ ଭାଜପା ସରକାରରେ ବହୁ ପ୍ରଶ୍ନପତ୍ର ଲିକ୍ ହେବା ସହିତ ସ୍କାମ୍ ପରେ ସ୍କାମ୍ ହୋଇ ଚାଲିଛି। ଗତ ୧୭ମାସ ମଧ୍ୟରେ ପ୍ରାୟ ୧୭ଟି ପ୍ରଶ୍ନପତ୍ର ଲିକ୍ ହେଲାଣି। ଏହି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

### ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ସ୍ୱାସ୍ଥ୍ୟମନ୍ତ୍ରୀ

ରାଜେନ କହିଥିଲେ, ଆଜି ଏଏନ୍ଏମ୍ ପରୀକ୍ଷା ଅପରାହ୍ନ ୨ଟାରେ ହେବାକୁ ଥିଲା। ହେଲେ ପୂର୍ବାହ୍ନ ୧୧ଟାରୁ ପ୍ରଶ୍ନପତ୍ର ବାହାରେ ବୁଲୁଛି; ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସରକାର ଏ ପରୀକ୍ଷାକୁ ତୁରନ୍ତ ବାତିଲ କରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ସେ ଗୃହ ବାହାରେ କହିଥିଲେ, ରାଜ୍ୟରେ ଭାଜପା ସରକାର ଆସିବା ପରେ ବିଭିନ୍ନ ପ୍ରଶ୍ନପତ୍ର ଲିକ୍ ଏବଂ ଜାଲିଆତି ବଢ୍ଛି। ସରକାର ଏଥିପ୍ରତି ଯେଭଳି ସମ୍ବେଦନଶୀଳ ହେବା କଥା ତାହା ଦେଖାଯାଉନାହିଁ। ☞ପୃଷ୍ଠା-୨

## ଫେବୃଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା

କଟକ,୫।୧୨ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୦୨୬ (ମାଟ୍ରିକ) ଆସନ୍ତା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ନିମନ୍ତେ ଗୋଟିଏ କାର୍ଯ୍ୟସୂଚୀ ଓ ସମାନ ପ୍ରଶ୍ନପତ୍ର କରାଯାଇଥିବା ବୋର୍ଡ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତ୍ୟେକ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧.୩୦ରେ ସରିବ। କେବଳ ଗଣିତ ପରୀକ୍ଷାରେ ୧୫ ମିନିଟ୍ ସମୟ ଅଧିକ ଦିଆଯିବ, ଅର୍ଥାତ୍ ଉକ୍ତ ☞ପୃଷ୍ଠା-୨

# ସ୍ଥିତି ସମ୍ଭାଳିବାକୁ ରେପୋ ରେଟ୍ ହ୍ରାସ

## ୨୫ ବେସିସ୍ ପଏଣ୍ଟ କମାଇଲା ଆର୍‌ବିଆଇ

**ଭାରତୀୟ ସାମଗ୍ରୀ ଉପରେ ଆମେରିକାର ଅତ୍ୟଧିକ ଟାରିଫ୍ ଲାଗୁ ହେବା ଯୋଗୁ ଏଠାରେ ଆର୍ଥିକ ସ୍ଥିତିରେ ଅସ୍ୱାଭାବିକତା ଦେଖାଦେଇଛି। ଏପରିକି ଆମେରିକାର ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଇ ୯୦ ଟଙ୍କା ଅତିକ୍ରମ କରିଛି। ଭାରତୀୟ ଅର୍ଥନୀତିକୁ ସୁଧାରିବା ପାଇଁ ଆର୍‌ବିଆଇ ଶୁକ୍ରବାର ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଫଳରେ ଗୃହ, ଗାଡ଼ି ଋଣ ଆଦି ଶସ୍ତା ହେବା ସହ ମୁଦ୍ରା ସ୍ଥିତିରେ ସ୍ଥିରତା ଆସିବ ବୋଲି ଆଶା କରାଯାଉଛି।**

ମୁମ୍ବାଇ,୫।୧୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟସ (ବିପିଏସ୍) ହ୍ରାସ କରିଛି। ଏହି ସର୍ବସମ୍ମତ ନିଷ୍ପତ୍ତି ଫଳରେ ବ୍ୟାଙ୍କଗୁଡ଼ିକ ଆର୍‌ବିଆଇକୁ ଦେଉଥିବା ସୁଧ ୫.୫%ରୁ ୫.୨୫%କୁ ଖସିଆସିଛି। ୩ ଦିନ ଧରି ଚାଲିଥିବା ମୁଦ୍ରାନୀତି କମିଟି (ଏମ୍‌ପିସି)ର ଦ୍ୱିମାସିକ ବୈଠକ ପରେ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ସଞ୍ଜୟ ମାଲହୋତ୍ରା ଏହି ଘୋଷଣା କରିଛନ୍ତି। ରେପୋ ରେଟ୍ ହ୍ରାସ ପରେ ଗୃହ, ଗାଡ଼ି ଓ ଅନ୍ୟ ଋଣ ଉପରେ ଦିଆଯାଉଥିବା ସୁଧ କମିଯିବ। ଫଳରେ ଋଣଗ୍ରହୀତାଙ୍କୁ ସହଜ ମାସିକ କିସ୍ତି (ଇଏମ୍ଆଇ) ଅଧିକ ଦେବାକୁ ପଡ଼ିବ ନାହିଁ।

ଆର୍‌ବିଆଇ ଗଭର୍ନର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୨% ରହିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ଆକଳନ କରିଛି। ସେହିପରି ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୩% ରହିବ ବୋଲି ଅନୁମାନ କରାଯାଉଛି। ତେଣୁ ଅଭିବୃଦ୍ଧିକୁ ଆହୁରି ବଳ ଦେବା ଏବଂ ମୁଦ୍ରା ସ୍ଥିତିରେ ସ୍ଥିରତା ☞ପୃଷ୍ଠା-୨

**ବାରବାଟୀ ଟି୨୦: ଦିନକରେ ୧୦ ହଜାର ଟିକେଟ ଶେଷ**
(ଖେଳ ପୃଷ୍ଠାରେ)

**ଆଜିର ସମ୍ପାଦକୀୟ**
ପରିଚିତଙ୍କ ହାତରେ ପଦବୀ

# ୧୦୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ

- **୫ ବର୍ଷ ପାଇଁ ଭାରତ-ରୁଷିଆ ଆର୍ଥିକ ରୋଡ୍‌ମ୍ୟାପ୍ ଚୂଡ଼ାନ୍ତ**
- **ବିବିଧ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ**

ନୂଆଦିଲ୍ଲୀ,୫।୧୨
(ପି.ଟି./ଏଜେନ୍ସି)

ଭାରତ ଓ ରୁଷିଆ ଶୁକ୍ରବାର ଦ୍ୱିପାକ୍ଷିକ ଅର୍ଥନୈତିକ ଓ ବାଣିଜ୍ୟିକ କାରବାର ବୃଦ୍ଧି ନିମନ୍ତେ ଆଗାମୀ ୫ ବର୍ଷ ପାଇଁ ଏକ ରୋଡ୍‌ମ୍ୟାପ୍ ଚୂଡ଼ାନ୍ତ କରିଛନ୍ତି। ୱାଶିଂଟନ୍ ପକ୍ଷରୁ ଲଗାଯାଇଥିବା ଦଣ୍ଡାତ୍ମକ ଟାରିଫ୍ ପରିପ୍ରେକ୍ଷୀରେ ଦୁଇଦେଶ ୨୦୩୦ ସୁଦ୍ଧା ବାଣିଜ୍ୟିକ କାରବାରକୁ ୧୦୦ ବିଲିୟନ୍ ଡଲାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହା ସହ ରୁଷିଆରେ ଏକ ୟୁରିଆ ପ୍ଲାଣ୍ଟ ପ୍ରତିଷ୍ଠା ସମେତ ଖାଦ୍ୟ ନିରାପତ୍ତା, ଜାହାଜ ଚଳାଚଳ ଓ ଡାକ୍ତରୀ ବିଜ୍ଞାନ କ୍ଷେତ୍ରରେ ସହଯୋଗ ବୃଦ୍ଧି ସକାଶେ ଅନେକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି।

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କ ଭାରତ ଗସ୍ତର ଦ୍ୱିତୀୟ ଦିନରେ ନୂଆଦିଲ୍ଲୀ ସହ ସମ୍ପର୍କ ବୃଦ୍ଧି ନେଇ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପୁଟିନ୍ ଶୁକ୍ରବାର ଏକ ମହତ୍ତ୍ୱାକାଂକ୍ଷୀ ଅର୍ଥନୈତିକ ସହଯୋଗ କାର୍ଯ୍ୟକ୍ରମର ଅନାବରଣ କରିଛନ୍ତି। ତଦନୁସାରେ ଉଭୟ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଓ ପୁଞ୍ଜିନିବେଶ ବର୍ତ୍ତମାନ ୭୦ ବିଲିୟନ୍ ଡଲାର ରହିଥିବାବେଳେ ଏହାକୁ ୨୦୩୦ ସୁଦ୍ଧା ୧୦୦ ବିଲିୟନ୍ ଡଲାରରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି। ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ୨୩ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ମୋଦି ଓ ପୁଟିନ୍ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଉପରୋକ୍ତ ଘୋଷଣା କରିଛନ୍ତି। ୫ ବର୍ଷରେ ୧୦୦ ବିଲିୟନ୍ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟ ଲକ୍ଷ୍ୟ ହାସଲ ହେବା ନେଇ ମୋଦି ଦୃଢ଼ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ସେ ରୁଷୀୟ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାଗୁଡ଼ିକୁ ଭାରତ ଆସି 'ମେକ୍ ଇନ୍ ଇଣ୍ଡିଆ' ☞ପୃଷ୍ଠା-୨



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

## ଇଣ୍ଡିଗୋ ବିମାନ ବାତିଲ | ନିଜ ବିବାହ ଭୋଜିରେ ଭର୍ଚୁଆଲରେ ଯୋଗଦେଲେ ନବଦମ୍ପତି

ହୁବ୍ଲି,୫।୧୨

ପାଇଲଟ୍‌ସମସ୍ୟାକୁନେଇ ଇଣ୍ଡିଗୋ ଏୟାରଲାଇନ୍ସର ବହୁ ବିମାନ ୩ ଦିନ ହେଲା ବିଳମ୍ବିତ ଏବଂ ବାତିଲ ହୋଇଥିବାବେଳେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହାକୁ ନେଇ ବିଭିନ୍ନ ବିମାନବନ୍ଦରରେ ଉତ୍ତେଜନା ଦେଖାଦେଇଛି। କୌତୂହଳର ଘଟଣା ହେଲା ବିମାନ ବାତିଲ ଯୋଗୁ ବେଙ୍ଗାଲୁରୁର ଏକ ନବବିବାହିତ ଦମ୍ପତି ସେମାନଙ୍କ ବିବାହ ଭୋଜିରେ ଯୋଗ ଦେଇପାରି ନାହାନ୍ତି। ସେମାନେ ଭର୍ଚୁଆଲି ଉପସ୍ଥିତ ହୋଇ ଭୋଜିରେ ଯୋଗଦେଇ ଅତିଥିମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଛନ୍ତି।

ବେଙ୍ଗାଲୁରୁର ସଫ୍ଟୱେର ଇଞ୍ଜିନିୟର ମେଧା କ୍ଷୀରସାଗର ଏବଂ ଓଡ଼ିଆ ସଫ୍ଟୱେର ଇଞ୍ଜିନିୟର ସଙ୍ଗମ ଦାସଙ୍କ ବିବାହ ଗତ ନଭେମ୍ବର ୨୩ରେ ଭୁବନେଶ୍ୱରରେ ହୋଇଥିଲା। ବୁଧବାର ସେମାନଙ୍କ ବିବାହ ଭୋଜିରେ ଯୋଗଦେବା ପାଇଁ ଇଣ୍ଡିଗୋ ବିମାନରେ ହୁବ୍ଲି ଯାତ୍ରା କରିବା ସ୍ଥିର ହୋଇଥିଲା। ତେବେ ପରିଚାଳନାଗତ ସଙ୍କଟ ଯୋଗୁ ଗତ ୨ ତାରିଖରେ ଇଣ୍ଡିଗୋ ବିମାନ ବାରମ୍ବାର ବିଳମ୍ବିତ ହେବା ସହ ଶେଷରେ ଏହାକୁ ବାତିଲ କରିଦିଆଯାଇଥିଲା। ଫଳରେ ନବଦମ୍ପତି ☞ପୃଷ୍ଠା-୨





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗାନ୍ଧୀ ବିଚାର ଅଭିଯାନ ଓ ନାଗରିକ ସମାଜ ପକ୍ଷରୁ ସତ୍ୟାଗ୍ରହ, ସ୍ଥାନ: ଗାନ୍ଧୀ ପାର୍କ, ଜନତା ମୈଦାନ, ସମୟ: ସକାଳ ୯ଟା।
- ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ, ସ୍ଥାନ: ବିଧାନସଭା, ଗେଟ୍ ନଂ.୨, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏମ୍ ୭୧, ୟୁନିଟ୍ ୪, ପଞ୍ଚାନନ କାନୁନ୍‌ଗୋଙ୍କ ଘର, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପରେଡ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ବାର୍ଷିକ ଭଲିବଲ୍, କବାଡ଼ି, ଖୋ-ଖୋ ପ୍ରତିଯୋଗିତା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଧର୍ମନିରପେକ୍ଷ ଆମ ସମ୍ବିଧାନ ସମ୍ପର୍କିତ ଆଲୋଚନା, ସ୍ଥାନ: ସିପିଏମ୍ ଜିଲା ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- କୀର୍ତ୍ତନିଆ ତଫସିଲଭୁକ୍ତ ଯୁବକ ସଂଘ ପକ୍ଷରୁ ଭାରତ ରତ୍ନ ଡ. ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ, ସ୍ଥାନ: କୀର୍ତ୍ତନିଆ ବାତ୍ୟାଶ୍ରୟସ୍ଥଳୀ, ଭୋଗରାଇ, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଅଖଣ୍ଡ ନବରାତ୍ର ନାମ ଯଜ୍ଞ, ସ୍ଥାନ: ରାଜଘରପୋଖରୀ, ବାସୁଦେବପୁର, ସମୟ: ସକାଳ ୭ଟା।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୯ଟା।
- ଭଦ୍ରକ ଜିଲା ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ସତ୍‌ସଙ୍ଗ ମନ୍ଦିରରେ ଶ୍ରୀଶ୍ରୀବଡ଼ଦାଙ୍କ ୪୮ ତମ ସ୍ମୃତି ମହୋତ୍ସବ, ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ମହୋତ୍ସବ,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।
- ଆଦିବାସୀ ସଙ୍ଗୀତ ପରିବେଷଣ,ସ୍ଥାନ:ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ୬୩ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ, ସ୍ଥାନ: ଆମ୍ବପୁଆ ପୋଲିସ ରିଜର୍ଭ ପଡ଼ିଆ, ସମୟ: ସକାଳ ୮ଟା।
- ପ୍ରଧାନ ଶିକ୍ଷକ ସମ୍ମିଳନୀ, ସ୍ଥାନ: ସରକାରୀ ଆଇଟିଆଇ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ରାୟଗଡ଼ା

- ହୋମଗାର୍ଡ ଦିବସ ପାଳନ, ସ୍ଥାନ: ପୋଲିସ ରିଜର୍ଭ ପଡିଆ, ରାୟଗଡ଼ା, ସମୟ: ସକାଳ ୮ଟା ।

## ନବରଙ୍ଗପୁର

- ବ୍ଲକ୍‌ସ୍ତରୀୟ ମଣ୍ଡେଇ, ସ୍ଥାନ: ପାପଡାହାଣ୍ଡି ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡେଇ ମହୋତ୍ସବ ଉପଲକ୍ଷେ କାଷ୍ଠ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀଙ୍କୁ ଆଳୁ ବିହନ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଉଦ୍ୟାନ କାର୍ଯ୍ୟାଳୟ ପରିସର ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ

- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରକାରୀ ବିକ୍ରମଦେବ ଚାରୁ ଓ କାରୁ କଳା ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ମାଲ୍ୟବନ୍ତ ମହୋତ୍ସବ ଅବସରରେ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ସ୍ପୋର୍ଟସ୍ କମ୍ପ୍ଲେକ୍ସ,ମାଲକାନଗିରି, ସମୟ: ସକାଳ ୭ଟା।
- ୬୩ତମ ଗୃହରକ୍ଷୀ ଉତ୍‌ଥାନ ଦିବସ, ସ୍ଥାନ: ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସର, ମାଲକାନଗିରି, ସମୟ: ସକାଳ ୮ଟା।

## ସମ୍ବଲପୁର

- ଜିଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ : ବୁର୍ଲା ସ୍ଥିତ ସରକାରୀ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୩୦ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟାନଶିପର ଦ୍ୱିତୀୟ ଦିବସ, ସ୍ଥାନ : ବାଟମଙ୍ଗଳା ମନ୍ଦିର, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର କଳା ଏକାଡେମୀ ପକ୍ଷରୁ ମେଗା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୫ଟା।
- ରାଜବୈଦ୍ୟ ଗୋପୀନାଥ ଷଡଙ୍ଗୀଙ୍କ ୪୦୦ତମ ଜୟନ୍ତି, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ ଟା।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ ଟା ରୁ ଅପରାହ୍ନ ୫ଟା।

## ରାଉରକେଲା

- ବାର୍ଷିକ ପ୍ରତିଷ୍ଠା ଦିବସ, ସ୍ଥାନ: ପୋଲିସ ରିଜର୍ଭ ପଡିଆ, ସମୟ: ସକାଳ ୯ଟା।
- ଚିନ୍ମୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୯ଟା ୩୦।
- ସାହିତ୍ୟ ଆସର କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

## ବରଗଡ଼

- ମହାଲକ୍ଷ୍ମୀ ପୂଜା, ସ୍ଥାନ:କନ୍ଧୁମୁଣ୍ଡା, ଗାଇସିଲେଟ,ସମୟ: ସକାଳ ୮ଟା।
- ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ପାଇଁ ଭୂମି ପୂଜନ, ସ୍ଥାନ:କଟାପାଲି, ବରଗଡ଼,ସକାଳ ୮ଟା ୩୦।
- ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼,ସମୟ: ପୂର୍ବାହ୍ନ ୯ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବରପାଲି ମହାବିଦ୍ୟାଳୟ, ବରପାଲି, ସମୟ:ପୂର୍ବାହ୍ନ ୯ଟା ୩୦।
- ୟୁଥ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଡାକବଙ୍ଗଳା(ଆଇବି), ଗାଇସିଲେଟ,ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ବୈଠକ, ସ୍ଥାନ:ସହକାରୀ ଉଦ୍ୟାନ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାସ୍ତରୀୟ କୃଷି ମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କଚେରି ଖେଳ ପଡ଼ିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୫ଟା।

## ଦେବଗଡ଼

- ଦେବଗଡ଼ କଲେଜର ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପନ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନପାଟ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ସାର୍ବଜନୀନ ଆମ୍ବେଡକର ସ୍ମୃତିକମିଟି ପକ୍ଷରୁ ବାବା ସାହେବ ଆମ୍ବେଡକରଙ୍କ ଶ୍ରଦ୍ଧାଞ୍ଜଳି ସଭା , ସ୍ଥାନ :ଏସ୍‌ସି ଏସ୍‌ଟି ଷ୍କୁଲ ପରିସର,ଡୁଙ୍ଗୁରିପାଲି, ସମୟ: ମଧ୍ୟାହ୍ନ ୧୨ଟା ୩୦ମିନିଟ।
- ଇଛାପୁର ଆଶ୍ରମ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା, ସ୍ଥାନ: ବିଦ୍ୟାଳୟ ଖେଳପଡିଆ, ଡୁଙ୍ଗୁରିପାଲି ବ୍ଲକ , ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ନୂଆପଡ଼ା

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ କ୍ରୀଡ଼ା ସମାରୋହ, ସ୍ଥାନ: କଲେଜ ଖେଳ ପଡିଆ ଖଡିଆଳ, ସମୟ: ସକାଳ ୮ଟା ୩୦।
- ୧୭ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସନ୍ତାନଙ୍କ ଲାଗି ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାର ସୂଚନା ରହିଛି।

**ବୃଷ** ବୁଧ ଦୁଃସ୍ଥାନରେ ରହିଥିବାରୁ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରିବା କଷ୍ଟକର ହେବ। ସମ୍ପର୍କୀୟଙ୍କ ଚକ୍ରାନ୍ତରୁ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟା ବହୁଳ ହେବ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ଭ୍ରାତୃ ସମ୍ପର୍କରେ ଅବନତି ଘଟିବ।

**ମିଥୁନ** ରାଶିରେ ଶୁଭଗ୍ରହଙ୍କ ସ୍ଥିତି ଅଭିଳାଷ ପୂରଣ ଦିଗରେ ସାହାଯ୍ୟ କରିବ। ନୂତନ କାର୍ଯ୍ୟ ହାସଲ ପାଇଁ ଚେଷ୍ଟାକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସରଳ କରିବାରେ ସହାୟକ ହେବ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ କାରଣରୁ ବ୍ୟବସାୟୀଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ଆଜି ଯାହା ଚାହୁଁଛନ୍ତି ପାଇବାରେ ଅସୁବିଧା ହେବନାହିଁ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇ ନ ପାରେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଓ ପକ୍ଷପାତିତା ଅଶାନ୍ତିର କାରଣ ହେବାର ସୂଚନା ରହିଛି ।

**ସିଂହ** କର୍ମକ୍ଷେତ୍ରରେ ଅଷ୍ଟମସ୍ଥ ଶନି ପ୍ରଭାବରେ କେତେକ କାମରେ ମନସ୍ତାପ କରିପାରନ୍ତି। ଭୁଲ୍ ବୁଝାମଣାରୁ ଘରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି। ଦେହ ଭଲ ରହିବା ସାଙ୍ଗକୁ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା** ଧନଭାବସ୍ଥ ବୁଧଙ୍କ ଯୋଗୁ ନିଜ ଲୋକଙ୍କ ସହଯୋଗ ଲାଭ କରି ନୂତନ କର୍ମାରମ୍ଭ କରିବେ। ଭଲ ସମ୍ପର୍କ ନଥିବା ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପାରିବାରିକ କ୍ଷେତ୍ରରେ ଗୃହ, ଭୂମି, ଗାଡିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ।

**ତୁଳା** ଏକାଧିକ ଗ୍ରହ ଧନ ସ୍ଥାନରେ ରହି ଅର୍ଥନୈତିକ ଅଭିବୃଦ୍ଧି ସହ ସାମାଜିକ ପ୍ରତିଷ୍ଠା ପ୍ରଦାନ କରିପାରନ୍ତି। ବନ୍ଧୁଙ୍କ ଜରିଆରେ ବିଭ୍ରାନ୍ତିକର ଖବର ପାଇ ବିବ୍ରତ ହୋଇପାରନ୍ତି। କର୍ମକ୍ଳାନ୍ତ ଶରୀର ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ପୂର୍ବାହ୍ନରେ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବାର ସୂଚନା ରହିଛି ।

**ବିଛା** ରାଶିସ୍ଥ ଗ୍ରହମାନେ ଲକ୍ଷ୍ୟହୀନ ଭ୍ରମଣ ସାଙ୍ଗକୁ କାର୍ଯ୍ୟ କ୍ଷେତ୍ରକୁ ଶୃଙ୍ଖଳିତ ରଖିବେ ନାହିଁ। ଆଶା କରୁଥିବା ଅର୍ଥ ପାଇବା ସହଜ ହେବନାହିଁ ବରଂ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ଘଟଣାଗୁଡ଼ିକ ଅସାଧାରଣ ମନେ ହେବ। ପରିବାରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ** ଆଜି ଖର୍ଚ୍ଚ ବୃଦ୍ଧି କିମ୍ବା ଅର୍ଥ ସମ୍ପର୍କୀୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଆଶାନୁରୂପ ସଫଳତା ହାସଲ କରିବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ଅଷ୍ଟମସ୍ଥ ବୃହସ୍ପତି ଯୋଗୁ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ପସ୍ତାଇବେ।

**ମକର** ରାହୁଙ୍କ ପ୍ରଭାବରେ ବନ୍ଧୁଙ୍କ ପ୍ରତି ଅନୁରକ୍ତି ପାରିବାରିକ କଳହକୁ ନିମନ୍ତ୍ରଣ କରିବ। ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ ମାତ୍ର ଖର୍ଚ୍ଚ ବୃଦ୍ଧିରୁ ଅଶାନ୍ତ ରହିପାରନ୍ତି। ପୂର୍ବ ଶତ୍ରୁତାକୁ ନେଇ ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ** ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଅଟକି ରହିଥିବା କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ଅତୀତର ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଏଣୁ ସାବଧାନତା ନିତାନ୍ତ ଦରକାର। ଯାତ୍ରା, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ** ପ୍ରତ୍ୟେକ ଦୃଷ୍ଟିକୋଣରୁ ଗ୍ରହସ୍ଥିତି ଆଜିର ଜୀବନଯାତ୍ରା ପାଇଁ ଅନୁକୂଳ ରହିବ। ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ଡିସେମ୍ବର ୬ ତାରିଖ, ପୌଷ କୃଷ୍ଣ ଦ୍ୱିତୀୟା, ଶନିବାର। ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ଡ. ଆମ୍ବେଡକରଙ୍କ ତିରୋଧାନ ଦିବସ, ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର- ମୃଗଶିରା/ମିଥୁନ, ଦିବା ଘ.୦୮।୪୯ ମି. ଗତେ ଆର୍ଦ୍ରା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୭।୩୮ ମି. ଗତେ ଘ.୦୮।୫୪ ମଧ୍ୟେ, ଘ.୧୧।୫୯ ଗତେ ଘ.୧୨।୫୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୦୮।୫୪ ମି. ଗତେ ଘ.୧୦।୧୬ ମି. ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକର ବିସ୍ତର ବୋଝ
ତାକୁ ଜାଣିବ କପା
ମହର୍ଗ କାଳରେ ଯାଚି ପରଷେ
ତାକୁ ଜାଣିବ ଅପା ।**

କପା ବୋଝ ଯେତେ ଅଧିକ ଦିଶୁଥିଲେ ମଧ୍ୟ ଆକାର ଅନୁସାରେ ତାହାର ଓଜନ ଅପେକ୍ଷାକୃତ କମ୍ ହିଁ ହୋଇଥାଏ। ସେହିପରି ଅସୁବିଧା ସମୟରେ ଭଉଣୀ ହିଁ ଭାଇକୁ ସାହା ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଧୁଆ ମୂଳା ଯେ,
ଧୁଆ ମୂଳା ସେ ।**

ବେଳେ ବେଳେ ଯୋଗ୍ୟ ଅଯୋଗ୍ୟ ମଧ୍ୟରେ କେହି ପ୍ରଭେଦ ଦେଖି ନ ଥାନ୍ତି। ଭଲ ମନ୍ଦ ଭିତରେ ଫରକ ବାରି ନ ଥାନ୍ତି। ଦୁହିଁଙ୍କୁ ସମାନ ଅର୍ଥରେ ଦେଖିବା ବା ବିଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ସ୍ଥିତି ସମ୍ଭାଳିବାକୁ ...

ଆଣିବା ପାଇଁ ରେପୋ ରେଟ୍‌ରେ ୨୫ ବିପିଏସ୍ ହ୍ରାସ କରି ଏହାକୁ ୫.୨୫% କରାଯାଇଛି। ଲୋକେ ଋଣ ଉପରେ କମ୍ ସୁଧ ଦେଲେ ସେମାନଙ୍କ ହାତରେ ଅଧିକ ଅର୍ଥ ରହିବ, ଯାହାକି ବାଣିଜ୍ୟିକ କାରବାର ବୃଦ୍ଧିରେ ସହାୟକ ହେବ। ପ୍ରତିକୂଳ ଓ ଆହ୍ୱାନପୂର୍ଣ୍ଣ ବାହ୍ୟ ବାତାବରଣ ସତ୍ତ୍ୱେ ଭାରତୀୟ ଅର୍ଥନୀତିରେ ଉଲ୍ଲେଖନୀୟ ନମନୀୟତା ଦେଖିବାକୁ ମିଳିଛି। ଏଥିଯୋଗୁ ଆଗାମୀ ଦିନରେ ମୁଦ୍ରାସ୍ଫୀତିରେ ଆହୁରି ସୁଧାର ଆସିବା ସହ ଅଭିବୃଦ୍ଧି ହାର ବଢ଼ିବା ଅନୁମାନ କରାଯାଉଛି ବୋଲି ଗଭର୍ନର ମାଲହୋତ୍ରା ଆଶା ବ୍ୟକ୍ତ କରିଛନ୍ତି।

ଏହା ପୂର୍ବରୁ ଆର୍‌ବିଆଇ ଏମ୍‌ପିସି ଜୁନ୍‌ରେ ରେପୋ ରେଟ୍ ୬%ରୁ ୫.୫%କୁ ହ୍ରାସ କରିଥିଲା। ୨୦୨୫ ଫେବୃଆରୀ ପରେ ଏହା ହେଉଛି ଚତୁର୍ଥ ଥର ରେପୋ ରେଟ୍ ହ୍ରାସ। ୪ ଥରରେ ଆର୍‌ବିଆଇ ମୋଟ୍ ୧୨୫ ବିପିଏସ୍ ହ୍ରାସ କଲାଣି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ୫୦% ଟାରିଫ୍ ପରେ ଦେଶର ଅର୍ଥନୀତି ପ୍ରଭାବିତ ହୋଇଥିବାବେଳେ କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ବଡ଼ ସଂସ୍କାର ଆଣିଥିଲେ। କେନ୍ଦ୍ର ଏବଂ ଆର୍‌ବିଆଇର ସଦ୍ୟ ପଦକ୍ଷେପ କିଛିମାତ୍ରାରେ ଆଶ୍ୱସ୍ତି ଆଣିଦେବ ବୋଲି ଆଶା କରାଯାଉଛି।

### ୧୦୦ ବିଲିୟନ ଡଲାର ...

ଏବଂ 'ପାର୍ଟନର ଓ୍ୱଥ୍ ଇଣ୍ଡିଆ'ରେ ସାମିଲ ହେବାକୁ ଆମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ବ୍ୟବସାୟ ପାଇଁ ସରଳୀକୃତ ଓ ଆଶାନୁରୂପ ବ୍ୟବସ୍ଥା ଗଢ଼ାଯାଉଛି। ସେହିପରି ରୁଷିଆ ସାମିଲ ଥିବା ୫ ରାଷ୍ଟ୍ର ବିଶିଷ୍ଟ ୟୁରୋସିଆନ୍ ଇକୋନୋମିକ୍‌ୟୁନିୟନ୍ (ଇଏଇୟୁ) ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷର ପାଇଁ ଆଲୋଚନା ଆରମ୍ଭ ହୋଇଛି। ବାଣିଜ୍ୟ ହେଉ କି କୂଟନୀତି, ସବୁଠି ସହଭାଗିତାର ମୂଳଦୁଆ ହେଉଛି ପାରସ୍ପରିକ ଆସ୍ଥା। ଏହି ଆସ୍ଥା ଭାରତ-ରୁଷିଆ ସମ୍ପର୍କର ସବୁଠୁ ବଡ଼ ଶକ୍ତି। ଆମ ମିଳିତ ଉଦ୍ୟମକୁ ଏହି ଆସ୍ଥା ହିଁ ଦିଗଦର୍ଶନ କରି ଗତିଶୀଳ କରିଥାଏ। ଭାରତ-ରୁଷିଆ ସମିଟ୍ ନୂଆ ସ୍ୱପ୍ନ ଓ ଆକାଂକ୍ଷାରେ ଡେଣା ଯୋଡ଼ିବା ପାଇଁ ଅନୁପ୍ରାଣିତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମୋଦି ଆହୁରି କହିଛନ୍ତି, ଭାରତ ଇଲେକ୍ଟ୍ରିକ୍

ଭେହିକଲ୍ (ଇଭି), ୨ ଚକିଆ ଯାନ ଏବଂ ସିଏନ୍‌ଜି ମୋବିଲିଟି ସୋଲ୍ୟୁଶନ୍‌ର ଏକ ବୈଶ୍ୱିକ ନିର୍ମାତା ହୋଇଥିବାବେଳେ ରୁଷିଆ ନିକଟରେ ଅତ୍ୟାଧୁନିକ ସାମଗ୍ରୀ ଉତ୍ପାଦନର ଜ୍ଞାନକୌଶଳ ରହିଛି। ଇଭି ମାନୁଫାକ୍ଚରିଂ, ଅଟୋମେଟିଭ୍ ଯନ୍ତ୍ରାଂଶ ଓ ମୋବିଲିଟି ଟେକ୍ନୋଲୋଜି କ୍ଷେତ୍ରରେ ସହଭାଗିତା ଦୁଇଦେଶକୁ ଘରୋଇ ବଜାର ଚାହିଦା ପୂରଣରେ ସକ୍ଷମ କରିବା ସଙ୍ଗେ ସଙ୍ଗେ ଗ୍ଲୋବାଲ ସାଉଥ୍‌ର ବିକାଶ ଦିଗରେ ସହାୟକ ହେବ।

ରାଷ୍ଟ୍ରପତି ପୁଟିନ୍ କହିଛନ୍ତି, ଭାରତ ସହ ବିବିଧ କ୍ଷେତ୍ରରେ ସମ୍ପର୍କ ମଜଭୁତ୍ କରିବା ପାଇଁ ରୁଷିଆ ଆଗ୍ରହୀ। ରୁଷୀୟ କମ୍ପାନୀଗୁଡ଼ିକ ଭାରତଠାରୁ ବିଭିନ୍ନ ବର୍ଗର ସାମଗ୍ରୀ ଓ ସେବା ଆମଦାନୀ ବୃଦ୍ଧି ଲାଗି ପ୍ରସ୍ତୁତ ଅଛନ୍ତି। ଭାରତ ଏବଂ ଇଏଇୟୁ ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ହେଲେ ସାମଗ୍ରୀ, ସେବା ଓ ପୁଞ୍ଜିର ଗତିଶୀଳତାରେ ରହିଥିବା ପ୍ରତିବନ୍ଧକ ହ୍ରାସ ପାଇବ। ରୁଷିଆ, ଆର୍ମେନିଆ, ବେଲାରୁଷ, କାଜାଖସ୍ତାନ ଓ କିର୍ଗିସ୍ତାନକୁ ନେଇ ଗଠିତ ଇଏଇୟୁ ସହ ଭାରତର ଏଫ୍‌ଟିଏ ପାଇଁ ଗତ ସପ୍ତାହରେ ଆଲୋଚନା ଆରମ୍ଭ ହୋଇଛି। ୟୁରୋସିଆନ୍ ପ୍ରତିନିଧିମଣ୍ଡଳୀ ଶକ୍ତି ପ୍ରସଙ୍ଗରେ ଆଲୋଚନା କରିବା ସହ ତୈଳ ଓ ଗ୍ୟାସ୍ ଯୋଗାଣ ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ଭାରତ ସହ ବିଭିନ୍ନ କ୍ଷେତ୍ରରେ ବହିର୍ପାକ୍ଷିକ ସମ୍ପର୍କକୁ ଆଗକୁ ବଢ଼ାଇବାକୁ ଆମେ ଚାହୁଁଛୁ। ଏହି ଅବସରରେ ପୁଟିନ୍ ଆହୁରି କହିଛନ୍ତି, ଜାତୀୟ ମୁଦ୍ରାଗୁଡ଼ିକୁ ବ୍ୟବହାର କରି ସାମଗ୍ରୀ ଆମଦାନୀ ରପ୍ତାନି କରାଯାଇପାରୁଛି। ବାହ୍ୟ ଘଟଣାବଳୀ ସତ୍ତ୍ୱେ ନିରନ୍ତର ଆର୍ଥିକ କାରବାର ଜାରି ରହିବା ଗୁରୁତ୍ୱପୂର୍ଣ୍ଣ। ତେବେ ଭାରତ-ରୁଷିଆ ସହଯୋଗ କେବଳ ବାଣିଜ୍ୟରେ ସୀମିତ ରହିବା ଅନୁଚିତ। ଆମେ ଶିଳ୍ପ ସହଯୋଗକୁ ତ୍ୱରାନ୍ୱିତ କରିବା ଦିଗରେ ଅଗ୍ରସର ହେବା ଉଚିତ। ଆର୍ଟିଫିସିଅଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ବିଶେଷ ଅଗ୍ରଗତି କରିଥିବା ୨ ରାଷ୍ଟ୍ର ବିସ୍ତୃତ ସହଯୋଗିତା ପାଇଁ ପ୍ରସ୍ତୁତ ବୋଲି ପୁଟିନ୍ କହିଛନ୍ତି। ଏହା ପୂର୍ବରୁ ମୋଦିଙ୍କ ସହ ପୁଟିନ୍‌ଙ୍କ ସମ୍ମିଳନୀସ୍ତରୀୟ ଆଲୋଚନା ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା।

### ଗୁରୁତ୍ୱପୂର୍ଣ୍ଣ ଚୁକ୍ତି

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୁକ୍ରବାର ୨୩ତମ ବାର୍ଷିକ ସମିଟ୍‌ରେ ଯୋଗଦେବା ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ସହମତି ପ୍ରକାଶ କରିଛନ୍ତି। ଏହି ଅବସରରେ ସାର, ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ, ପ୍ରବାସନ, ସାମୁଦ୍ରିକ ପରିବହନ ଓ ଶକ୍ତି ଆଦି କ୍ଷେତ୍ରରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

**୧. ତୈଳ ଯୋଗାଣ:** ରୁଷିଆ ଭାରତକୁ ଇନ୍ଧନ ତୈଳ ଯୋଗାଣ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଛି। ପୁଟିନ୍ କହିଛନ୍ତି, କ୍ରମବର୍ଦ୍ଧିଷ୍ଣୁ ଭାରତୀୟ ଅର୍ଥନୀତି ପାଇଁ ଆମେ ନିରନ୍ତର ତୈଳ ଯୋଗାଇବାକୁ ପ୍ରସ୍ତୁତ।

**୨. ଶିଳ୍ପ ସହଯୋଗ:** ଭାରତୀୟ କମ୍ପାନୀଗୁଡ଼ିକ ରୁଷିଆର ୟୁଆର୍‌ଏଏଲ୍‌ସିଏଚ୍‌ଇଏମ୍ ସହ ଏକ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ତଦନୁସାରେ ରୁଷିଆରେ ଏକ ୟୁରିଆ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ।

**୩. ଖାଦ୍ୟ ନିରାପତ୍ତା:** ଖାଦ୍ୟ ନିରାପତ୍ତା ଓ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବା ପାଇଁ ଭାରତର ଏଫ୍‌ଏସ୍‌ଏସ୍‌ଏଆଇ ଏବଂ ରୁଷିଆ ମଧ୍ୟରେ ଚୁକ୍ତି ହୋଇଛି।

**୪. ସ୍ୱାସ୍ଥ୍ୟସେବା:** ଡାକ୍ତରୀ ବିଜ୍ଞାନ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି।

**୫. ବନ୍ଦର ଓ ଜାହାଜ ଚଳାଚଳ:** ଭାରତ ଓ ରୁଷିଆ ମଧ୍ୟରେ ମାରିଟାଇମ୍ ଲଜିଷ୍ଟିକ୍ ସହଯୋଗ ବୃଦ୍ଧି ପାଇଁ ଏକ ଚୁକ୍ତି ହୋଇଛି।

**୬. ପ୍ରବାସନ:** ଦୁଇଦେଶ ମଧ୍ୟରେ ପ୍ରବାସନ ଓ ଗମନାଗମନ ସୁବିଧା ପାଇଁ ଏକାଧିକ ଚୁକ୍ତି ସ୍ୱାକ୍ଷର ହୋଇଛି।

### ବିଧାନସଭାରେ ...

ସରକାରଙ୍କ ଉପରେ ମେଧାବୀ ଛାତ୍ରୀଛାତ୍ରଙ୍କ ଆସ୍ଥା ଦିନକୁ ଦିନ ତୁଟୁଛି। ସରକାର କେବଳ ଚାକିରି ବୟସ ବୃଦ୍ଧି କରିଦେଲେ ଚଳିବ ନାହିଁ, ପରୀକ୍ଷା ଯେଭଳି ଶୃଙ୍ଖଳିତ ଭାବେ ହେବ ସେଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହି ପ୍ରସଙ୍ଗରେ ସ୍ୱର ମିଳାଇ କଂଗ୍ରେସ ସଦସ୍ୟା ସୋଫିଆ ଫିରଦୋସ କହିଥିଲେ, ରାଜ୍ୟରେ ପରୀକ୍ଷା ଦୁର୍ନୀତିରେ ଗୋଟିଏ ବଡ଼ଧରଣର ର୍‌ୟାକେଟ କାର୍ଯ୍ୟ କରୁଛି। ଏଏନ୍‌ଏମ୍ ପରୀକ୍ଷାରେ ଦୁର୍ନୀତି ହେବା ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ବିଭିନ୍ନ ପରୀକ୍ଷାରେ ମେଧାବୀ ଛାତ୍ରୀଛାତ୍ରମାନେ ମାନସିକ ଚାପରେ ରହୁଛନ୍ତି। ଏପରି କି ଏହାକୁ ନେଇ ଆତ୍ମହତ୍ୟା ଭଳି ଘଟଣା ଘଟୁଥିବାର ଅଭିଯୋଗ ଆସୁଛି।

ଅପରାହ୍ନରେ ଏହି ପ୍ରସଙ୍ଗରେ ପଏଣ୍ଟ ଅଫ ଅର୍ଡରରେ ସ୍ୱର ମିଳାଇ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଏହି ସମୟରେ ଉଭୟ କଂଗ୍ରେସ ଓ ବିଜେଡି ସଦସ୍ୟ ଲିକ୍ ସରକାର ଡାଉନ୍ ଡାଉନ୍ ନାରା ଦେଇ ହୋହଲ୍ଲା କରିବା ସହିତ ଗୃହ ମଧ୍ୟଭାଗରେ ନାରାବାଜି କରିଥିଲେ। ଗୁରୁବାର ମୁଖ୍ୟମନ୍ତ୍ରୀ କହିଥିଲେ, କୌଣସି ଦୁର୍ନୀତିଗ୍ରସ୍ତ କିମ୍ବା ଅପରାଧୀଙ୍କୁ ଛଡ଼ାଯିବ ନାହିଁ। ପରୀକ୍ଷାରେ ସ୍ୱଚ୍ଛତା ଆସିବ। କୁଆଡ଼େ ଗଲା ସ୍ୱଚ୍ଛତା ବୋଲି ସେ ପ୍ରଶ୍ନ କରିଥିଲେ। ଗୃହରେ ପ୍ରବଳ ହଟ୍ଟଗୋଳକୁ ନେଇ ବାଚସ୍ପତି ସୁରମା ପାଢ଼ୀ ଅପରାହ୍ନ ୪ଟା ୬ମିନିଟ୍‌ରୁ ୪ଟା ୨୦ ପର୍ଯ୍ୟନ୍ତ ଗୃହ ମୁଲତବୀ ଘୋଷଣା କରିଥିଲେ। ଏହାପରେ ବାଚସ୍ପତି ଏନେଇ ବିବୃତ୍ତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ବିବୃତି ରଖି କହିଥିଲେ, ଏଏନ୍‌ଏମ୍ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏଏନ୍‌ଏମ୍ ଦ୍ୱିତୀୟ ବର୍ଷ ପେପର-ଭି ପରୀକ୍ଷା ପାଇଁ ଶୁକ୍ରବାର ଅପରାହ୍ନ ୨ଟାରୁ ୫ଟା ଯାଏ ସମୟ ଧାର୍ଯ୍ୟ ହୋଇଥିଲା। ୩୦ ଜିଲାର ୪୭ଟି କେନ୍ଦ୍ରରେ ପରୀକ୍ଷା କରାଯିବାର ବ୍ୟବସ୍ଥା ହୋଇଥିଲା। ପରୀକ୍ଷା ଆରମ୍ଭ ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏହାସହ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

### ଫେବୃଆରୀ ୧୯ରୁ ...

ପରୀକ୍ଷା ପୂର୍ବାହ୍ନ ୧୧.୪୫ରେ ସରିବ। କାର୍ଯ୍ୟସୂଚୀ ଅନୁଯାୟୀ, ଫେବୃଆରୀ ୧୯ରେ ପ୍ରଥମ ଭାଷା ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ ଓ ତେଲୁଗୁ, ୨୧ ତାରିଖରେ ଦ୍ୱିତୀୟ ଭାଷା ଇଂଲିଶ, ହିନ୍ଦୀ, ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ), ୨୨ ତାରିଖରେ ଟିଏଲ୍‌ଭି ପ୍ରାକ୍ଟିକାଲ, ୨୩ ତାରିଖରେ ତୃତୀୟ ଭାଷା ହିନ୍ଦୀ, ସଂସ୍କୃତ, ଓଡ଼ିଆ, ପାର୍ଶୀ ଓ ଟିଏଲ୍‌ଭି ଥିଓରୀ (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) ଏବଂ ଭୋକେଶନାଲ ଥିଓରୀ, ୨୫ ତାରିଖରେ ବିଜ୍ଞାନ, ୨୭ ତାରିଖରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ଟିଏଲଭି ଓ ଭୋକେଶନାଲ ଟ୍ରେଡ୍ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର ସବ୍‌ଜେକ୍ଟିଭ ଓ ୫୦ ମାର୍କର ଅବଜେକ୍ଟିଭ ପ୍ରଶ୍ନ ଆସିବ। ଅବଜେକ୍ଟିଭ ପ୍ରଶ୍ନର ଉତ୍ତର ଓଏମ୍‌ଆର ସିଟ୍‌ରେ ଏବଂ ସବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତରଖାତାରେ ଦେବାକୁ ହେବ। ଭୋକେଶନାଲ ଟ୍ରେଡ୍ ଥିଓରୀ ବିଷୟଗୁଡ଼ିକରେ ୫୦ ମାର୍କ ଓ ଟିଏଲଭି ଥିଓରିରେ ୨୦ ମାର୍କର ସବ୍‌ଜେକ୍ଟିଭ ପ୍ରଶ୍ନ ଆସିବ। ଭୋକେଶନାଲ ଟ୍ରେଡ୍‌ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା (୫୦ ମାର୍କ) ନିଜ ନିଜ ବିଦ୍ୟାଳୟରେ ଜାନୁଆରୀ ୨୭ରୁ ଫେବୃଆରୀ ୧୦ ତାରିଖ ମଧ୍ୟରେ ଓସେପା ତତ୍ତ୍ୱାବଧାନରେ ହେବ। ସେହିପରି ଟିଏଲଭି ପ୍ରାକ୍ଟିକାଲ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ୮୦ ମାର୍କର ଅନୁଷ୍ଠିତ ହେବ।

ସେହିପରି ମଧ୍ୟମା ସଂସ୍କୃତ ପରୀକ୍ଷା ନିମନ୍ତେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ଫେବୃଆରୀ ୧୯ରେ ମାତୃଭାଷା ଓଡ଼ିଆ, ହିନ୍ଦୀ, ୨୦ରେ ସଂସ୍କୃତ ବ୍ୟାକରଣ ଓ ଦର୍ଶନ, ୨୧ରେ ଇଂଲିଶ, ୨୩ ତାରିଖରେ ସଂସ୍କୃତ ସାହିତ୍ୟମ୍, ଫେବୃଆରୀ ୨୪ରେ ପ୍ରୟୋଗାତ୍ମକ ସଂସ୍କୃତ (କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ), ୨୫ରେ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ଅବଜେକ୍ଟିଭ ପ୍ରଶ୍ନର ଉତ୍ତର ଓଏମ୍‌ଆର ସିଟ୍‌ରେ ଏବଂ ସବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତରଖାତାରେ ଦେବାକୁ ହେବ।

ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର କାର୍ଯ୍ୟସୂଚୀ ଅନୁଯାୟୀ, ଫେବୃଆରୀ ୧୯ରେ ଓଡ଼ିଆ, ତେଲୁଗୁ, ଉର୍ଦ୍ଦୁ ହିନ୍ଦୀ, ସଂସ୍କୃତ, ୨୧ ରେ ଇଂଲିଶ, ୨୩ରେ ପେଣ୍ଟିଂ ଥିଓରୀ, ୨୫ରେ ବିଜ୍ଞାନ, ୨୬ରେ ଇଣ୍ଡିଆନ କଲ୍‌ଚର ଆଣ୍ଡ ହେରିଟେଜ୍, ୨୭ରେ ସାମାଜିକ ବିଜ୍ଞାନ, ୨୮ରେ ହୋମ ସାଇନ୍ସ ଥିଓରି ଓ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ହୋମ ସାଇନ୍ସ ଓ ପେଣ୍ଟିଂ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର ସବ୍‌ଜେକ୍ଟିଭ ଓ ୫୦ ମାର୍କର ଅବଜେକ୍ଟିଭ ପ୍ରଶ୍ନ ଆସିବ। ଅବଜେକ୍ଟିଭ ପ୍ରଶ୍ନର ଉତ୍ତର ଓଏମ୍‌ଆର୍ ସିଟ୍‌ରେ ଏବଂ ସବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତରଖାତାରେ ଦେବାକୁ ହେବ। ହୋମ ସାଇନ୍ସ ଥିଓରୀରେ ସବ୍‌ଜେକ୍ଟିଭ ୮୫ ମାର୍କ ଓ ପ୍ରାକ୍ଟିକାଲ ୧୫ ମାର୍କ ଏବଂ ପେଣ୍ଟିଂ ଥିଓରୀରେ ସବ୍‌ଜେକ୍ଟିଭ ୩୦ ମାର୍କ ଓ ପ୍ରାକ୍ଟିକାଲ ୭୦ ମାର୍କର ପ୍ରଶ୍ନ ଆସିବ। ପ୍ରାକ୍ଟିକାଲ ପରୀକ୍ଷା ଷ୍ଟଡି ସେଣ୍ଟର ପ୍ରଧାନଶିକ୍ଷକମାନେ ଫେବୃଆରୀ ୧୫ ତାରିଖ ପୂର୍ବରୁ ସାରିବେ ଓ ଏହାର ମାର୍କ ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ଲିଙ୍କ୍‌ରେ ଅପଲୋଡ୍ କରିବେ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

### ନିଜ ବିବାହ ଭୋଜିରେ ...

ଭୁବନେଶ୍ୱରରେ ଅଟକି ରହିଥିଲେ। ଭୋଜିସ୍ଥଳରେ ଅତିଥିମାନେ ପହଞ୍ଚିବା ପରେ ଭିଡିଓ କଲ୍ ଜରିଆରେ ରିସେପ୍‌ଶନ ହଲ୍‌ରେ ଲାଗିଥିବା ବଡ଼ ସ୍କ୍ରିନ୍‌ରେ ନବଦମ୍ପତି ଦେଖାଦେଇଥିଲେ। ହୁବ୍ଲିର ଗୁଜରାଟ ଭବନରେ ନବଦମ୍ପତିଙ୍କ ତରଫରୁ କନ୍ୟାର ମା'ବାପା ଉପସ୍ଥିତ ରହିଥିଲେ। ନବଦମ୍ପତି ଭୁବନେଶ୍ୱର-ବେଙ୍ଗାଲୁରୁ-ହୁବ୍ଲି ରୁଟ୍ ପାଇଁ ଟିକେଟ ବୁକ୍ କରିଥିଲେ। ସେମାନଙ୍କ ଅନେକ ବନ୍ଧୁ ମୁମ୍ବାଇ ହୋଇ ରିସେପ୍‌ଶନ ସ୍ଥଳକୁ ଯିବା ପାଇଁ ମଧ୍ୟ ବିମାନ ବୁକ୍ କରିଥିଲେ। ସମସ୍ତ ବିମାନ ଅନେକ ଘଣ୍ଟା ବିଳମ୍ବିତ କିମ୍ବା ବାତିଲ ହୋଇଥିଲା। କନ୍ୟା ଘର ହୁବ୍ଲିରେ ତାଙ୍କ ମା'ବାପା ଭୋଜି ଆୟୋଜନ କରିଥିବାବେଳେ ମଙ୍ଗଳବାର ବିମାନ ବିଳମ୍ବିତ ହେବା ସହ ଅପରାହ୍ନ ୪ଟାରେ ବାତିଲ କରିଦିଆଯାଇଥିଲା ବୋଲି କନ୍ୟାପିତା ଅନିଲ କୁମାର କ୍ଷୀରସାଗର କହିଛନ୍ତି।

# ଆଇନଗତ ଭାବେ ବନ ବିଭାଗର ଅନୁମତି ନେବ ଜିନ୍ଦଲ

**ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ପ୍ରତ୍ୟାହାର ବିରୋଧ ମାମଲାର ରାୟ ପ୍ରକାଶ**

**କଟକ,୫।୧୨(କାର୍ତ୍ତିକ ସାହୁ)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ବନ ବିଭାଗ ଦ୍ୱାରା ପ୍ରତ୍ୟାହୃତ କରାଯିବା ଘଟଣାରେ ଜିନ୍ଦଲ ଷ୍ଟିଲ ଲିମିଟେଡ୍ (ଯାହା ପୂର୍ବରୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ଥିଲା) ପକ୍ଷରୁ ହାଇକୋର୍ଟରେ ରୁଜୁ ମାମଲାର ରାୟ ପ୍ରକାଶ ପାଇଛି। ହାଇକୋର୍ଟ ବିଚାରପତି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ରାୟ ପ୍ରଦାନ କରି ଜିନ୍ଦଲ ଷ୍ଟିଲ ଲିମିଟେଡ୍ ଅନୁମତି ପାଇବା ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିନ୍ଦଲ ଖଣିଜ ପରିବହନ ପାଇଁ ସଂଯୋଗୀ ରାସ୍ତାକୁ ବ୍ୟବହାର କରିବା ନିମନ୍ତେ ଆଇନଗତ ଭାବେ ବନ ବିଭାଗର ଅନୁମତି ନେଇପାରିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଏହି ମାମଲାରେ ଜିନ୍ଦଲ ଆରୋପ ଲଗାଇଥିବା ପ୍ରତିପକ୍ଷଙ୍କ କୌଣସି ତ୍ରୁଟି ନ ଥିବା ମଧ୍ୟ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ହାଇକୋର୍ଟ ଗତ ନଭେମ୍ବର ୧୦ରେ ମାମଲାର ଚୂଡ଼ାନ୍ତ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

**ବେକାରି ସମସ୍ୟା ନେଇ ମୁଲତବୀ ଆଲୋଚନା**

# ଓଡ଼ିଶାରେ ଓଡ଼ିଆଙ୍କୁ ମିଳୁନି ନିଯୁକ୍ତି: ବିରୋଧୀ

## ଦୁର୍ନୀତି ବ୍ୟାଧିର ଆଣ୍ଟିବାୟୋଟିକ୍ ଦିଆଯାଉଛି: ଆଇନମନ୍ତ୍ରୀ

ଭୁବନେଶ୍ୱର,୫।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଅକ୍ଷମତାରୁ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପରେ ଲିକ୍ ହେଉଛି। ଓଡ଼ିଶାରେ ଶିଳ୍ପ ହେଉଛି, ହେଲେ ଓଡ଼ିଆଙ୍କୁ ନିଯୁକ୍ତି ମିଳୁନାହିଁ। ବାହାର ରାଜ୍ୟର ଆଉଟ୍‌ସୋର୍ସିଂ ସଂସ୍ଥା କାମ ନେଉଛନ୍ତି ଏବଂ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ଫଳରେ ରାଜ୍ୟରେ ବେକାର ଓ ଦାଦନ ସମସ୍ୟା ବଢ଼ି ଚାଲିଛି କହି ବିରୋଧୀ କଂଗ୍ରେସ ଓ ବିଜେଡି ସରକାରଙ୍କୁ ପ୍ରଶ୍ନବାଣରେ ଛନ୍ଦିଥିଲେ। ଏହାର ଜବାବ ରଖି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ରାଜ୍ୟରେ ପୂର୍ବରୁ ଚାଲି ଆସିଥିବା ନିଯୁକ୍ତି ବ୍ୟାଧିର ଆଣ୍ଟିବାୟୋଟିକ୍ ଔଷଧ ଦେବା ଆମ ସରକାର ଆରମ୍ଭ କରିଛନ୍ତି। ଏବେ ଠିକ୍ ଢଙ୍ଗରେ ପରୀକ୍ଷା କରାଯାଉଛି। ଯେଉଁମାନେ ଦୁର୍ନୀତି କରୁଛନ୍ତି, ସେମାନଙ୍କ ବିରୋଧରେ କଠୋର ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି। ପୂର୍ବ ସରକାର ଗରିବଙ୍କୁ ହତ୍ୟା କରୁଥିଲେ। ଆମ ସରକାର ୨୦୨୯ ସୁଦ୍ଧା ରାଜ୍ୟକୁ ଦାଦନ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

ଗୃହରେ ବେକାରି ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଥିଲେ, ପୂର୍ବ ସରକାର ନିଯୁକ୍ତି ଦେଉ ନ ଥିଲେ ବୋଲି କ୍ଷମତାରୁ ଗଲେ। ହେଲେ ନୂଆ ସରକାରକୁ ଏବେ ନିଯୁକ୍ତି କରିବାକୁ ପଡ଼ିବ। ସ୍ଥାୟୀ ନିଯୁକ୍ତିରେ ଆଉଟ୍‌ସୋର୍ସିଂ ବାଧକ ସାଜିଛି। ଏହା ଏକ ବ୍ୟାଧି। ସରକାରଙ୍କ ଅକ୍ଷମତା ପାଇଁ ଆଜି ଓଡ଼ିଆ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି। ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ୨ କୋଟି ନିଯୁକ୍ତି ଦେବାକୁ କହିଥିଲେ, ସେ ନିଯୁକ୍ତି ଏବେ କୁଆଡ଼େ ଗଲା ବୋଲି କହି ଅଶୋକ ପ୍ରଶ୍ନ କରିଥିଲେ। ସେ କହିଥିଲେ, ଚାକିରିରୁ ଅବସର ନେବା ପରେ କାହିଁକି ସେମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଉଛି। ଆର୍‌ଆଇ, ଏଆର୍‌ଆଇଙ୍କଠାରୁ ଆରମ୍ଭ କରି ଏସ୍‌ଆଇ ନିଯୁକ୍ତିରେ ମହାଦୁର୍ନୀତି ହୋଇଛି। ଏହାର ତଦନ୍ତର ଗତି ଏବେ କେଉଁଠି ଅଛି। ସବୁ ନିଯୁକ୍ତିରେ ଦୁର୍ନୀତିର ଚିତ୍ର ସାମ୍ନାକୁ ଆସୁଛି। ସରକାର କ'ଣ କରୁଛନ୍ତି ବୋଲି କହି ପ୍ରଶ୍ନ କରିଥିଲେ।

ଆଲୋଚନାରେ ଭାଗନେଇ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ନିର୍ବାଚନ ସମୟରେ ଦାଦନ ମୁକ୍ତ କରିବାକୁ ଭାଜପା ସରକାର ପ୍ରତିଶ୍ରୁତି ଦେଇଥିଲେ। ଏଥିନେଇ ଯେଉଁ କମିଟି ଗଠନ ହୋଇଛି ସେଥିରେ କ'ଣ ସବୁ ଖସଡ଼ା ପ୍ରସ୍ତୁତ କରିଛନ୍ତି ତାହା ଗୃହରେ ଉପସ୍ଥାପନ କରାଯାଉ। ରାଜ୍ୟର ଯୁବକ ବାହାର ରାଜ୍ୟକୁ ଯିବାର ମୁଖ୍ୟ କାରଣ ନିଯୁକ୍ତିର ଅଭାବ। ସରକାରଙ୍କ ନିଯୁକ୍ତି ନୀତି କ'ଣ ? ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆର୍ଥିକ ସହାୟତାକୁ କେନ୍ଦ୍ର ସରକାର କମାଉଛନ୍ତି। ଦାଦନ ବନ୍ଦ ପାଇଁ ସରକାର କହୁଥିବା ଡ୍ରିମ୍ ପ୍ରୋଜେକ୍ଟ କ'ଣ ତାହା ରାଜ୍ୟବାସୀ ଜାଣିବା ଆବଶ୍ୟକତା ରହିଛି। ରାଜ୍ୟରେ ଗ୍ରାମାଞ୍ଚଳର ରୋଜଗାରର ଉତ୍ସ କମୁଛି। ଶିକ୍ଷିତ ଯୁବକ ବାହାରକୁ ଖଟିବାକୁ ଯାଉଛନ୍ତି। ବେସରକାରୀ କ୍ଷେତ୍ରରେ ନିଯୁକ୍ତି ମିଳୁନାହିଁ। ସବୁ ବିଭାଗରେ ଅଫିସର ମରୁଡ଼ି। ନୂଆ ନିଯୁକ୍ତି ହେଉ ନାହିଁ। ଫଳରେ ବିଭାଗରେ କାମ୍ ଠିକ୍ ହେଉ ନାହିଁ। ବଜେଟର ମାତ୍ର ୩୯ ପ୍ରତିଶତ ଖର୍ଚ୍ଚ ହେଉଛି। ପୋଲିସ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ, ହେଲେ ନିଯୁକ୍ତିରେ ସ୍ୱଚ୍ଛତା ଆଣିପାରିଲେ ନାହିଁ। ପରୀକ୍ଷା ପ୍ରଶ୍ନପତ୍ର ବାରମ୍ବାର ଲିକ୍ ହେଉଛି। ଏହା ଏକ ବ୍ୟାଧିରେ ପରିଣତ ହୋଇଛି। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କମିଟି କେତେ ଥର ବସିଥିଲା ଓ କ'ଣ ଆଲୋଚନା ହୋଇଛି ତାହା ଗୃହରେ ଉପସ୍ଥାପନ କରିବାକୁ ସେ ଦାବି ରଖିଥିଲେ। ଆଲୋଚନାରେ କଂଗ୍ରେସ ସଦସ୍ୟ ସୋଫିଆ ଫିରଦୋସଙ୍କ ସହ ସଦସ୍ୟ ପ୍ରଦୀପ ସାହୁ, ମାଧବ ଧଡ଼ା ଓ ପ୍ରତାପ ଚନ୍ଦ୍ର ନାୟକ, କହ୍ନେଇଚରଣ ଡାଙ୍ଗ, ସନତ କୁମାର ଗଡ଼ତୀୟା ଓ ରଘୁନାଥ ଜଗଦଲା ଭାଗ ନେଇଥିଲେ।

ଉତ୍ତରରେ ଆଇନମନ୍ତ୍ରୀ କହିଥିଲେ, ଏ ସମସ୍ୟା ଗୋଟିଏ ଦିନ କିମ୍ବା ୧୮ ମାସର ସମସ୍ୟା ନୁହେଁ, ଏହା ୨୪ ବର୍ଷର ସମସ୍ୟା। ପ୍ରବାସୀ ଶ୍ରମିକ ବାହାରକୁ ଯିବାର ମୁଖ୍ୟ କାରଣ ରାଜ୍ୟରେ ତାଙ୍କୁ ରୋଜଗାର ଦିଆଯାଇ ପାରିନାହିଁ। ପୂର୍ବ ସରକାରରେ ନିଯୁକ୍ତିରେ କଟକଣା ରହିଥିଲା। ସେ ସମୟରେ ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହେଉଥିଲା। 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିଲା। ଫଳରେ ସିବିଆଇ ତଦନ୍ତ ପର୍ଯ୍ୟନ୍ତ କଥା ଯାଇଥିଲା। ଆଉଟ୍‌ସୋର୍ସିଂ ଯେଉଁ ସଂସ୍ଥା ଦେଉଥିଲେ, ସେଠାରେ ଦଳୀୟ ଭିତ୍ତିରେ ନିଯୁକ୍ତି ହେଉଥିଲା। ପୂର୍ବ ସରକାର ଦୁର୍ନୀତିରେ ବୁଡିକି ଥିଲେ। ଗ୍ରୁପ ସି' ଓ ଗ୍ରୁପ ଡି'କୁ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। 'ପଲିସି ପାରାଲିସିସ' କାହା ବୁଦ୍ଧିରେ ହୋଇଥିଲା ତାହା ଚିନ୍ତାର ବିଷୟ। ଅନେକ ନିଯୁକ୍ତି କୋର୍ଟ ଫାଇଲରେ ବନ୍ଧା ହୋଇଥିଲା। ଆମେ ସରକାରକୁ ଆସିଲା ପରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ୩୭ ହଜାର ୩୭୧ ସରକାରୀ ନିଯୁକ୍ତି ଦେଇସାରିଛୁ। ଆଉ ୬୫ ହଜାର ନିଯୁକ୍ତି ପ୍ରକ୍ରିୟାରେ ଅଛି। ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଆମର ପ୍ରାଥମିକତା। ୨୦୨୯ ସୁଦ୍ଧା ଆମେ ସମ୍ପୂର୍ଣ୍ଣ ରୂପେ ପ୍ରବାସୀ ଶ୍ରମିକ ବାହାରକୁ କିପରି ନ ଯିବେ ସେନେଇ କାମ ଆରମ୍ଭ କରିଛୁ ବୋଲି ମନ୍ତ୍ରୀ କହିଥିଲେ। ଶାସକ ଓ ବିରୋଧୀଙ୍କ ଆଲୋଚନା ଶୁଣିବା ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ। ଏହି ଅବସରରେ ବିରୋଧୀ କଂଗ୍ରେସ ଓ ବିଜେଡି କକ୍ଷତ୍ୟାଗ କରିଥିଲେ।

# ବଦଳିବ ପ୍ରଥମରୁ ଦ୍ୱାଦଶ ପାଠ୍ୟ ପୁସ୍ତକ

ଭୁବନେଶ୍ୱର,୫।୧୨ (ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି। ଏଥିପାଇଁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ପାଇଁ ରାଜ୍ୟ ସରକାର ପାଠ୍ୟକ୍ରମରେ ଏହି ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ସୂଚନା ଦେଇଛନ୍ତି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ କହିଲେ, ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଡ୍ରାଫ୍ଟ କରିବା ପାଇଁ କମିଟିର ସଭ୍ୟମାନଙ୍କର ତାଲିକା କରାଯାଇଛି। ଜାତୀୟ ପାଠ୍ୟକ୍ରମ ରୂପରେଖର(ଏନ୍‌ସିଏଫ୍) ସମାନ୍ତରାଳରେ ରାଜ୍ୟ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ କରାଯିବ। ସେଥିରେ ଓଡ଼ିଶାର ସାଂସ୍କୃତିକ, ଭୌଗୋଳିକ, ଲଜିଷ୍ଟିକ ବିଷୟବସ୍ତୁକୁ ପାଠ୍ୟପୁସ୍ତକରେ ସ୍ଥାନିତ କରାଯିବ। ପାଠ୍ୟପୁସ୍ତକ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଜାରି ରହିଛି। ସେହିପରି ପର୍ଯ୍ୟାୟକ୍ରମେ ମଧ୍ୟ ଏହି ନୂତନ ପାଠ୍ୟକ୍ରମକୁ ଲାଗୁ କରାଯିବ ବୋଲି ମନ୍ତ୍ରୀ ଗଣ୍ଡ ଗୃହକୁ ଜଣାଇଛନ୍ତି।









# ପରିଚିତଙ୍କ ହାତରେ ପଦବୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭବିଷ୍ୟତରେ କାର୍ଯ୍ୟକୁ ସୁଚାରୁରୂପେ ସଞ୍ଚାଳନକରିବା ପାଇଁ ସବୁଠାରୁ ନିରାପଦ ଉପାୟ ଉପରେ ଆନ୍ଧ୍ରପ୍ରଦେଶ ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଏଥିରେ ଏହାର ଶ୍ରେଷ୍ଠ ବାବୁମାନଙ୍କ ପାଇଁ ରହୁଥିବା ସମୟସୀମା ଦୂରକରିବାକୁ ସ୍ଥିର କରିଥିବା ଲକ୍ଷ୍ୟକରାଯାଉଛି। ମୁଖ୍ୟ ଶାସନ ସଚିବ କେ. ବିଜୟାନନ୍ଦ ନଭେମ୍ବର ୩୦ରେ ଅବସର ନେବା କଥା, ହେଲେ ଏବେ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ବିଜୟାନନ୍ଦଙ୍କୁ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ରହିବାକୁ କହିଛନ୍ତି। ସରକାରଙ୍କ ଧାରଣା ହେଉଛି, ନିରନ୍ତରତା ଶାସନକୁ ସାହାଯ୍ୟ କରିବ। ଅଣାନୁଷ୍ଠାନିକ ଭାବେ କୁହାଯାଉଛି, ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଯାହାକୁ ବିଶ୍ୱାସ କରନ୍ତି ତାଙ୍କ ବିଷୟରେ ସବୁ ଜାଣନ୍ତି। ତାଙ୍କ ଶାସନର ବିଭିନ୍ନ ଘଟଣା ସ୍ପଷ୍ଟକରେ ଯେ, ସେ ଅଦଳବଦଳ କରିବାରେ ଆଗ୍ରହୀ ନୁହନ୍ତି। ତେବେ ଉତ୍ତରାଧିକାର ବିଷୟକୁ ଦେଖାଯାଉ। ଚାପରେ ଶାନ୍ତ ରହିବା ପାଇଁ ୧୯୯୧ ବ୍ୟାଚ୍ ଅଧିକାରୀ ଜି. ସାଇ ପ୍ରସାଦଙ୍କୁ ଉତ୍ତରାଧିକାରୀ ବୋଲି ଘୋଷଣା କରାଯାଇଛି। ସେ ବର୍ତ୍ତମାନ ଜଳ ସମ୍ପଦ ତଦାରଖ କରୁଛନ୍ତି। ତାଙ୍କୁ ମୁଖ୍ୟତଃ ଜଣେ ଭରସାଯୋଗ୍ୟ, ବିଚକ୍ଷଣ ଅଧିକାରୀ ଭାବେ ଗଣାଗଲେ ମଧ୍ୟ ଅମଲାତାନ୍ତ୍ରିକ ପ୍ରଦର୍ଶନ ପାଇଁ ସୁଯୋଗ ଦିଆଯାଉ ନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ନାଇଡୁ କାର୍ଯ୍ୟ କରିବାକୁ ତାଙ୍କ ଅପେକ୍ଷା ଅଧିକ ସକ୍ଷମ। ତେବେ ସମସ୍ୟା ହେଉଛି ସାଇ ପ୍ରସାଦ ମେ'୨୦୨୬ରେ ଅବସର ନେବେ । ଯଦି ଭାରତର ସରକାରଗୁଡ଼ିକ 'ପ୍ରଶାସନିକ ସ୍ଥିରତା' ନାମରେ ରବର ବ୍ୟାଣ୍ଡ୍ ପରି କାର୍ଯ୍ୟକାଳ ସୀମାକୁ ବୃଦ୍ଧି କରିଥାନ୍ତି। ଏହାକୁ ଲକ୍ଷ୍ୟକରି ଆନ୍ଧ୍ର ମଧ୍ୟ କାର୍ଯ୍ୟକାଳ ବୃଦ୍ଧିକରୁଛି। କୌଣସି ଦକ୍ଷ ତଥା ନୂତନ ମୁହଁ ସାମ୍ନାକୁ ଅଣାଯାଉନାହିଁ। କେବଳ ଅଭିଜ୍ଞ ପ୍ରଶାସକ ଯେଉଁମାନେ ବ୍ୟବସ୍ଥାକୁ ଜାଣନ୍ତି, ନେତାଙ୍କୁ ଜାଣନ୍ତି ସେମାନଙ୍କୁ ରଖାଯାଉଛି। ବର୍ତ୍ତମାନ ପାଇଁ ଆନ୍ଧ୍ର ଗୋଟିଏ କଥା ସ୍ପଷ୍ଟ କରିଛି ଯେ, ଶୀର୍ଷ ପଦବୀ ପରିଚିତଙ୍କ ହାତରେ ରହୁଛି।

### ବାର୍‌ମେରର ବାସ୍ତବତା

ଗୋଟିଏ ସପ୍ତାହ ମଧ୍ୟରେ ଭାରତରେ ଗୋଟିଏ ଜିଲା 'ଡିଜିଟାଇଜେଶନ ପାଇଁ ଏକ ଜାତୀୟ ମଡେଲ' ହେବା ଏବଂ ଏହାକୁ ନେଇ ଏକ ବୈଠକରେ ବିରୋଧାଭାଷର ଦୃଶ୍ୟ ସାମ୍ନାକୁ ଆସିଛି। ପ୍ରଥମେ ଏ ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା, ଯେଉଁଥିରେ ବାର୍‌ମେର ଜିଲାପାଳ ଟିନା ଡାବିଙ୍କ ନେତୃତ୍ୱରେ ବାର୍‌ମେର, ଏସ୍‌ଆଇଆର୍ ମ୍ୟାପିଂର ୧୦୦ ପ୍ରତିଶତ ଡିଜିଟାଇଜେଶନ ହାସଲ କରିଛି ବୋଲି ରିପୋର୍ଟ କରାଯାଇଥିଲା। ଏହାକୁ ଏକ ମାଇଲଖୁଣ୍ଟ ଏବଂ ସମ୍ମାନର କଥା ବୋଲି କୁହାଯାଇଥିଲା। ହେଲେ ଏହା ପରେ ଆସିଥିଲା ଦିଶା ବୈଠକର ଭିଡିଓ। ସେଥିରେ ଜିଲାଟି ଡିଜିଟାଲ ପରିବର୍ତ୍ତନର ନିଆରା ଉଦାହରଣ ପାଲଟିଥିବା ପରି ଦେଖାଗଲା ନାହିଁ। ଏମିତି ହେଲା, ବୈଠକରେ ସାଂସଦ, ବିଧାୟକ ଏବଂ ଉପସ୍ଥିତ ଅଧାଅଧି ଅଧିକାରୀ ଅଭିଯୋଗର ଏକ ଲମ୍ବା ତାଲିକା ନେଇ ସାମ୍ନାକୁ ଆସିଗଲେ। ସ୍ଥାନୀୟ ସାଂସଦ ଉମ୍ମେଦାରାମ ବେନିୱାଲ ଏବଂ ବିଧାୟକ ରବୀନ୍ଦ୍ର ସିଂହ ଭାଟି ଅନେକ ପ୍ରଶ୍ନ ଡାବିଙ୍କୁ ପଚାରିଥିଲେ। ସେ କିଛି ପ୍ରଶ୍ନର ଉତ୍ତର ଦେଲେ, ଅନେକ ପ୍ରଶ୍ନକୁ ଅସମାହିତ ରଖିଲେ। ସତ କହିବାକୁ ଗଲେ, ଭାରତୀୟ ଶାସନରେ ଗୋଟିଏ ପଟେ ଐତିହାସିକ ସଫଳତା ଘୋଷଣା କରାଯାଏ ; ଅନ୍ୟ ପଟେ ପ୍ରାୟତଃ ସେହି କ୍ଷେତ୍ରରେ ତାହାକୁ ନେଇ ପ୍ରଶ୍ନ ଉଠେ। ବାର୍‌ମେରରେ ସବୁକିଛି ଡିଜିଟାଇଜେଶନ ହୋଇଥାଇପାରେ କିମ୍ବା ଆମ ବାବୁମାନେ କେବଳ ପ୍ରଶାସନିକ ସଫଳତାକୁ ରାଜନୈତିକ ରଙ୍ଗମଞ୍ଚରେ ପରିଣତ କରିବାର କଳାକୁ ସିଦ୍ଧ କରିଥାଇପାରିଥାନ୍ତି। ବାବୁ ସାମ୍ରାଜ୍ୟ ଏକ ସମୟରେ ବିଜୟର ଖବର ପ୍ରକାଶ କରିବା ଏବଂ ଲାଇଭ ଭିଡିଓରେ ଅକଳରେ ପଡ଼ି ଅପମାନିତ ହେବା ଦେଖି କେବଳ ଆମେ ଆଶ୍ଚର୍ଯ୍ୟ ହେବା।

### ତେଲଙ୍ଗାନା ହାଇକୋର୍ଟଙ୍କ ହସ୍ତକ୍ଷେପ

ଆଇପିଏସ୍ ଅଧିକାରୀମାନେ ଆଇଏଏସ୍ ସ୍ତରୀୟ ପ୍ରଶାସନିକ ପଦବୀରେ କାହିଁକି ଅଛନ୍ତି ଏବଂ ଏହା ଆଇନଗତ ଚଞ୍ଚକତା ନୁହେଁ କି ବୋଲି ନିକଟରେ ତେଲଙ୍ଗାନା ହାଇକୋର୍ଟ ପ୍ରଶ୍ନ ପଚାରିଛନ୍ତି। ଏଭଳି ନିଯୁକ୍ତି ଭାରତର ପ୍ରଶାସନିକ ସେବା ବ୍ୟବସ୍ଥାର ଜଟିଳ ଦିଗକୁ ସୂଚିତ କରୁଛି। ସତର୍କତାର ସହ ଦାୟିତ୍ୱ ବଣ୍ଟନ କରାଗଲେ ମଧ୍ୟ ତାହା ପ୍ରଶିକ୍ଷଣ, ଗ୍ରହଣୀୟତା ଓ ସାଂଗଠନିକ ସିଦ୍ଧାନ୍ତର ପାର୍ଥକ୍ୟକୁ ପ୍ରତିଫଳିତ କରୁଛି। ସମସ୍ୟା ହେଉଛି, ନିକଟରେ ସରକାରୀ ନିର୍ଦ୍ଦେଶକ୍ରମେ ଆଇଏଏସ୍ ଅଧିକାରୀଙ୍କ ପାଇଁ ସଂରକ୍ଷିତ ବିଭାଗଗୁଡ଼ିକରେ ଷ୍ଟିଫେନ୍ ରବୀନ୍ଦ୍ର, ଶିଖା ଗୋଏଲ ଏବଂ ସିଭି ଆନନ୍ଦଙ୍କ ଭଳି ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ପ୍ରମୁଖ ସଚିବ କିମ୍ବା ସ୍ୱତନ୍ତ୍ର ମୁଖ୍ୟ ସଚିବ ଭାବରେ ନିଯୁକ୍ତି ଦିଆଯାଇଛି। ଏକ ଆବେଦନ ଉପରେ ବିଚାର କରି କୋର୍ଟ ରାଜ୍ୟ ସରକାରଙ୍କୁ ଡିସେମ୍ବର ୧୦ ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ କହିଛନ୍ତି। ଆଇଏଏସ୍ ଏବଂ ଆଇପିଏସ୍ ଅଦଳବଦଳ ପାଇଁ ନୁହେଁ,ସେଗୁଡ଼ିକ ପୃଥକ୍ ସେବା ଓ ସରକାରୀ ସ୍ତରରେ ସେମାନଙ୍କ କ୍ଷମତା ସୀମିତ। ପ୍ରଶାସନିକ ତଦାରଖ ପାଇଁ ପୋଲିସ ବ୍ୟବସ୍ଥାର ସ୍ୱଚ୍ଛ ଦୃଷ୍ଟିକୋଣ ଆବଶ୍ୟକ। ହେଲେ ପୋଲିସ ଅଧିକାରୀମାନେ ହଠାତ୍ ପ୍ରଶାସନିକ ଅଧିକାରୀ ହୋଇଯାଆନ୍ତି, ନିରପେକ୍ଷତା ଏବଂ ସମୀକ୍ଷା ପ୍ରଭାବିତ ହୋଇଥାଏ। ଆବେଦନକାରୀଙ୍କ ଯୁକ୍ତି, ଏପରି ନିଯୁକ୍ତି ଆଇଏଏସ୍ (କ୍ୟାଡର ଶକ୍ତି ସ୍ଥିରୀକରଣ) ନିୟମାବଳୀ, ୨୦୧୬ ପରି ସାମ୍ବିଧାନିକ ନିର୍ଦ୍ଦେଶର ଉଲ୍ଲଂଘନ କରିପାରେ। ଏଣୁ ଏବେ କେବଳ କୋର୍ଟ ଯାଞ୍ଚର ବିଷୟ ନୁହେଁ ବରଂ ବ୍ୟାପକ ସାର୍ବଜନୀନ ବିତର୍କର କଥା। ନିୟମ ଏବଂ କ୍ୟାଡର ପ୍ରଭେଦ ଅଦ୍ଭୁତ ଲାଗିପାରେ, କିନ୍ତୁ କ୍ଷମତା କେନ୍ଦ୍ରୀକରଣକୁ ରୋକିବା, ସ୍ୱାଧୀନ ସମୀକ୍ଷା ସୁନିଶ୍ଚିତ କରିବା ଏବଂ ଗଣତାନ୍ତ୍ରିକ ଦାୟିତ୍ୱ ବଜାୟ ରଖିବା ପାଇଁ ଏଗୁଡ଼ିକ ରହିଛି। ତେବେ ତେଲଙ୍ଗାନା ହାଇକୋର୍ଟଙ୍କ ହସ୍ତକ୍ଷେପ ସ୍ୱାଗତଯୋଗ୍ୟ।

Email: dilipcherian@gmail.com

# ଗଣତନ୍ତ୍ର କ'ଣ ଦଳ–ମୁଖ୍ୟଙ୍କ ତନ୍ତ୍ର



ସହଦେବ ସାହୁ

ଯେଉଁ ଦଳର କେନ୍ଦ୍ର ସରକାର ସମ୍ବିଧାନ ଦିବସ (ନଭେମ୍ବର ୨୯) ପାଳନ କରି ସମ୍ବିଧାନର ଆଦର୍ଶକୁ ସର୍ବୋଚ୍ଚ ସ୍ଥାନ ଦେଉଛି ସେହି ଦଳର ରାଜ୍ୟ ସରକାର ଏମ୍‌ଏଲ୍‌ଏଙ୍କ ହାତକୁ ସ୍କୁଲ ଶିକ୍ଷକଙ୍କ ବଦଳି ଅଧିକାର ଦେଇ ସିଭିଲ ସର୍ଭିସକୁ ପଲିଟିକାଲ୍ ସର୍ଭିସ୍ କରୁଥିବାର ଉଦ୍ୟମକୁ ଓଡ଼ିଶା ହାଇକୋର୍ଟ ଅସାମ୍ବିଧାନିକ କହିବାର ନଜିର ଆସିଛି। କି ବିଡ଼ମ୍ବନା ! ଦରିଦ୍ରତର ପରିସ୍ଥିତିରୁ ଉଠି ପ୍ରଧାନମନ୍ତ୍ରୀ ପଦରେ ପହଞ୍ଚିବାର ସୁଯୋଗ ଯେଉଁ ସମ୍ବିଧାନ ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହୁଛନ୍ତି ସେହି ସମ୍ବିଧାନର ପୁସ୍ତକକୁ ହାତରେ ଧରି ଲୋକ ସଭାରେ ଓ ବାହାରେ ବିରୋଧୀଦଳ ନେତା କହୁଛନ୍ତି ଯେ ଭୋଟ ଚୋରି ଭଳି ଅସାମ୍ବିଧାନିକ କାମ ଶାସକଦଳ କରୁଛି। ଜିତି ନ ପାରିଲେ ନିର୍ବାଚନ ପ୍ରକ୍ରିୟାର ଦୋଷ – ଏ କଥା ପ୍ରତ୍ୟେକ ଦଳ କହୁଛି, ଅଥଚ ସବୁ ଦଳର ପ୍ରତିନିଧି ଯେଉଁ ଆଚରଣବିଧି କରିଛନ୍ତି ତହିଁରେ 'ଆମଦାନୀ ଆଠଣିକୁ ଖର୍ଚ୍ଚା ରୂପୟା' ନୀତିକୁ ପ୍ରଶ୍ରୟ ଦିଆଯାଇଛି, ଯାହା ସବୁ ଦୁର୍ନୀତିର ମୂଳ। ନିଜେ ସରକାର ଚଳାଉଥିଲେ ସମ୍ବିଧାନ ଅନୁଯାୟୀ କାମକରୁଛୁ, ଆଉ କିଏ ସରକାର କଲେ ସିଏ ସମ୍ବିଧାନର ଖିଲାପ କରୁଛି – ଏଭଳି କହିବା ଭାରତୀୟ ରାଜନୀତିର ଅଙ୍ଗ ହୋଇଗଲାଣି।

ସମ୍ବିଧାନକୁ କିପରି ଭାବେ ରାଜନୈତିକ ଦଳଗୁଡ଼ିକ ସଂଶୋଧନ କରିଆସୁଛନ୍ତି ତାହା ଆମେ ଜାଣୁ; ପ୍ରଧାନମନ୍ତ୍ରୀଙ୍କ ଆସନ ବଜାୟ ରଖିବା ଲାଗି ଜରୁରୀ ପରିସ୍ଥିତି ଜାରି ହୋଇଛି, ଦଳଗୁଡ଼ିକୁ ଚାନ୍ଦା ଦେବାର ଆଇନ କରାଯାଇଛି, ନିର୍ବାଚନ–ରଣରେ ଜିତିବା ଲାଗି ଦଳର ଖର୍ଚ୍ଚ ଉପରେ ଲଗାମ ନାହିଁ, ନିର୍ବାଚନରେ ଜିତିବା ପରେ ଶପଥନେଲା କ୍ଷଣି ଦଳର ଅଧସ୍ତନ କର୍ମଚାରୀ ଭଳି ନିଲମ୍ବନ/ବହିଷ୍କାର ଭଳି ଦଣ୍ଡର ଶିକାର ହେବାକୁ ପଡୁଛି। ସରକାରୀ ଅଧିକାରୀ ଆଉ ବିଚାରପତିମାନେ (ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଶାଖାର ବ୍ୟକ୍ତିମାନେ) ଇସ୍ତଫା ଦେଲା କ୍ଷଣି ଇପ୍ସିତ ଦଳ (ସମ୍ଭାବ୍ୟ ଲେଜିସ୍ଲେଚର ଶାଖା)କୁ ଯାଇପାରୁଛନ୍ତି (କୁଲିଂ ଅଫ୍ ପିରିଅଡ୍ ଦରକାର ନାହିଁ): ତେଣୁ ଚାକିରିଥିଲା ବେଳେ ଅଧିକାରୀମାନଙ୍କଠାରୁ ଦଳୀୟ ଆଚରଣ ଆଶାକରାଯାଉଛି କାରଣ ଦଳର ମୁଖ୍ୟ ସନ୍ତୁଷ୍ଟ ହୋଇପାରିଲେ ମୃତ୍ୟୁ ନ ହେଲା ଯାଏ କୌଣସି ନା କୌଣସି ପଦରେ, ଏପରି କି ନାମମାତ୍ର ପରାମର୍ଶଦାତା ବା ମାନ୍ୟଗଣ୍ୟ ରାଜ୍ୟପାଳ ପଦବୀରେ ରହିପାରିବ। ଜନସାଧାରଣରେ ଦଳ ପ୍ରତି ଆଞ୍ଚ ଆଣୁଥିବା ବ୍ୟକ୍ତିଙ୍କୁ ଆର୍ଥିକ ବା ଅଣଆର୍ଥିକ ଅପରାଧରେ ଲିପ୍ତ କରି ପୋଲିସ ବା ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ଦ୍ୱାରା ନିର୍ଯାତିତ କରିହେବ। ଭାରତୀୟ ସମ୍ବିଧାନର ମୂଳ ହେଉଛି ସଂସଦୀୟ ଢାଞ୍ଚା, ସଂସଦର ସଂଖ୍ୟାଗରିଷ୍ଠ ଦଳ ହିଁ ଶାସନମୁଖ୍ୟ ପ୍ରଧାନମନ୍ତ୍ରୀ (ଏକଜିକ୍ୟୁଟିଭ୍ ବା କାର୍ଯ୍ୟପାଳିକା ହେଡ୍) ବାଛିବ, ସେ ହିଁ ପରବର୍ତ୍ତୀ ନିର୍ବାଚନ ଫଳ ଯାଏ ସରକାର (ମନ୍ତ୍ରିପରିଷଦ) ଗଢ଼ିବେ, ସେ ହିଁ ଲେଜିସ୍ଲେଟର୍‌ର କାର୍ଯ୍ୟସୂଚୀ (ଏଜେଣ୍ଡା), କାରବାର (ବିଜନେସ୍) ଓ ଆଇନ–ପ୍ରଣୟନ (ଏନାକ୍ଟମେଣ୍ଟ) ସୂଚୀ ତିଆରି କରିବେ, ଜୁଡିସିଆରିର ମୁଖ୍ୟଙ୍କୁ ନିଯୁକ୍ତି ଦେବେ,



ସେମାନଙ୍କ ବହିଷ୍କାରର ମହାଭିଯୋଗ ଅଣାଇବେ। କାର୍ଯ୍ୟପାଳିକାର ଇଙ୍ଗିତରେ ହିଁ ବିଧାୟିକା କାମକରେ। ବିଧାୟିକା କେତେଦିନ ବସିବ, କି କି କାମ କରିବ, ତାହା କାର୍ଯ୍ୟପାଳିକା କହେ। ଲୋକପ୍ରତିନିଧିମାନେ ହଁ କି ନା ସୂଚାଇ ହାତ ଟେକିବାର ଗୋଟିଏ ଗୋଟିଏ ମୂର୍ତ୍ତି। ଶାସକ ଦଳର ଜଣେ ଅନୁଗତ ସଦସ୍ୟ ରାଜ୍ୟରେ ରାଜ୍ୟପାଳ (କେନ୍ଦ୍ରରେ ପ୍ରେସିଡେଣ୍ଟ) ହୋଇଥିବାରୁ ପାରିତ ହୋଇଥିବା ବିଲ୍‌କୁ ସମ୍ମତି ଦିଅନ୍ତି; ତାହା ଆଇନ ହୋଇଯାଏ। ତେଣୁ ଦଳ ହିଁ ସବୁ ଏବଂ ଦଳର ହାଇକମାଣ୍ଡ ବା ସୁପ୍ରିମୋ ହିଁ ସର୍ବମୟ କର୍ତ୍ତା। ଏହି କାରଣରୁ ଆମ ଦେଶରେ ସିଭିଲ୍ ସର୍ଭିସ୍‌କୁ ପଲିଟିକାଲ୍ ସର୍ଭିସ୍ କରିବାର ପ୍ରଚେଷ୍ଟା ଅହରହ ଚାଲିଛି। ନିର୍ବାଚନରେ ନୂଆ ଦଳ ଗାଦିକୁ ଆସିଲେ ସେ ଦଳର ଆଗ କାମ ଦଳର ପସନ୍ଦ ଅନୁଯାୟୀ ଅଫିସର୍‌ମାନଙ୍କୁ ବଦଳି କରିବା। ବିବିଧ ବେଆଇନ ବା ବିଶୃଙ୍ଖଳ ଅପରାଧରେ ଧରା ହୋଇଥିବା ନେତା ଗାଦିକୁ ଆସିଗଲେ ଆଇନ–ଲାଗୁ କରିଥିବା ଅଫିସରଙ୍କ ଅବସ୍ଥା କ'ଣ ହୁଏ ପାଠକମାନେ ଅନୁମାନ କରିପାରୁଥିବେ।

ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ସରକାରର ତିନୋଟି ଅଙ୍ଗ –ଲେଜିସ୍ଲେଚର, ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି– ଭିତରେ ସମ୍ପୂର୍ଣ୍ଣ ଛକାଛକି ବ୍ୟବସ୍ଥାକୁ ମାନୁନାହାନ୍ତି। ଭାରତର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ପଦରୁ ଅବସର ନେଇଥିବା ଭୂଷଣ ରାମକୃଷ୍ଣ ଗବାଇ କହିଛନ୍ତି – ଆମ ଦେଶର ସମ୍ବିଧାନ ଏକ ସଂଘୀୟ ଗଣତନ୍ତ୍ର ଗଢ଼ିଛି, ଯାହା ପୂରା ସ୍ୱଦେଶୀ – ବିଲାତି ନୁହେଁ କି ମାର୍କିନ୍ ନୁହେଁ। ବିଲାତରେ ବିବିଧତା ନାହିଁ, ସଂଘୀୟ ବ୍ୟବସ୍ଥା ନାହିଁ। ଯେଉଁମାନେ କହନ୍ତି ଆମେରିକା ସମ୍ବିଧାନରୁ ଆମେ ସଂଘୀୟ ଢାଞ୍ଚା ଆଣିଛୁ ସେମାନେ ଆମେରିକା କେନ୍ଦ୍ର ସରକାରର ଢାଞ୍ଚାରେ ପରିବର୍ତ୍ତନକୁ ଭୁଲିଯାଆନ୍ତି। ୧୯ଶ ଶତାବ୍ଦୀର ଶେଷ ଯାଏ 'ଯିଏ ଜିତେ ସିଏ ସିକନ୍ଦର' ନ୍ୟାୟରେ ରାଷ୍ଟ୍ରପତି ନିଜର ଲୋକଙ୍କୁ ସରକାରୀ କର୍ମଚାରୀ ଭାବେ ନିଯୁକ୍ତ କରୁଥିଲେ। ଏହି ରୀତିକୁ ସ୍ପଏଲ୍‌ସ ସିଷ୍ଟମ କୁହାଯାଏ। ୧୮୮୩ରେ ପେଣ୍ଡଲଟନ୍ ସିଭିଲ ସର୍ଭିସ୍ ରିଫର୍ମ ଆକ୍ଟ ପାରିତ ହୋଇ କର୍ମକୁଶଳତା ବା ଯୋଗ୍ୟତାଭିତ୍ତିରେ ସରକାରୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାର ପ୍ରାବଧାନ ହେଲା, ରାଜନୈତିକ କାରଣରୁ ଚାକିରିରୁ ବହିଷ୍କାର କରାଯିବା ବନ୍ଦ ହେଲା। ୧୯୭୮ରେ ସିଭିଲ ସର୍ଭିସ୍ ରିଫର୍ମ ଆକ୍ଟ ଖୋଲିକରି କହିଛି ଯେ ରାଜନୈତିକ ଅନୁରକ୍ତି କାରଣରୁ ବାଛବିଚାର କରାଯାଇପାରିବ ନାହିଁ। ତଥାପି ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପ କହୁଛନ୍ତି ସମ୍ବିଧାନର ଆର୍ଟିକିଲ ୨ ତାଙ୍କୁ ଫେଡେରାଲ କର୍ମଚାରୀଙ୍କ ଉପରେ ଅଖଣ୍ଡ ପ୍ରଭୁତ୍ୱ ଦେଇଛି ବୋଲି କହି ସେମାନଙ୍କ ଭିତରୁ କେତେକଙ୍କୁ ବିନାକାରଣରେ ବରଖାସ୍ତ କରିଛନ୍ତି। ତାଙ୍କର ଏପରି ଅର୍ଡରକୁ ୟୁଏସ୍‌ଏର ଫେଡେରାଲ କୋର୍ଟ ନାକଚ କରିଥିଲେ ବି ସେ ସୁପ୍ରିମକୋର୍ଟରେ ପୁନର୍ବିଚାର ପାଇଁ ଦରଖାସ୍ତ କରୁଛନ୍ତି। ତାଙ୍କର ବିରୋଧୀ ବୋଲି ମନେକରୁଥିବା ଲୋକର ଜ୍ଞାତି କୁଟୁମ୍ବଙ୍କୁ ଦଣ୍ଡିତ କରିବାକୁ ଜଷ୍ଟିସ୍ ବିଭାଗକୁ ଲଗାଇଛନ୍ତି। ଜେଫ୍ରୀ ଏପଷ୍ଟିନ୍‌ଙ୍କ ଯୌନକାରବାରରେ ଟ୍ରମ୍ପ କିପରି ଲିପ୍ତ ଥିଲେ ତାହାର ଅନୁସନ୍ଧାନ କରିଥିବା ଆର୍ଟର୍ନି ମିସ୍ କମୀଙ୍କୁ ବିନାକାରଣରେ କରିଥିବା ବରଖାସ୍ତ ବେଆଇନ ବୋଲି ଫେଡେରାଲ କୋର୍ଟ ରାୟ ଦେଇ ନ୍ୟୁୟର୍କର ନୂଆ ଆର୍ଟର୍ନି ଜେନେରାଲ ନିଯୁକ୍ତିକୁ ଅବୈଧ ଘୋଷଣା କରିଛନ୍ତି। ବିରୋଧୀମାନଙ୍କ ବିରୋଧରେ ଜଷ୍ଟିସ୍ ଡିପାର୍ଟମେଣ୍ଟକୁ ଲଗାଇ ଫୌଜଦାରି ମାମଲା ଆଣିବାରେ ବିଫଳତା ଟ୍ରମ୍ପଙ୍କୁ ଗୋଟିଏ ବଡ଼ ଧକ୍କା। ସିଭିଲ ସର୍ଭିସ୍‌କୁ ପଲିଟିକାଲ୍ ସର୍ଭିସ୍ କରିବାରେ ବିଫଳତା ଟ୍ରମ୍ପଙ୍କ ପଲିଟିକ୍ସ ଉପରେ ଏକ କୁଠାରାଘାତ ହେଲେ ବି ସେ ବିରୋଧୀଙ୍କ ଉପରେ ପ୍ରତିହିଂସାପରାୟଣତା ଦେଖାଉଛନ୍ତି। ଆମ ଦେଶର ସମ୍ବିଧାନ ବ୍ୟବସ୍ଥା ଭଳି ଆମେରିକାର ସମ୍ବିଧାନ ପ୍ରେସିଡେଣ୍ଟଙ୍କୁ ରାଜନୈତିକ ନିଯୁକ୍ତିଗୁଡ଼ିକୁ (ପଲିଟିକାଲ୍ ଆପଏଣ୍ଟମେଣ୍ଟ) ବାତିଲ କରିବାର କ୍ଷମତା ଦେଇଛି– ଯଥା ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ଅନ୍ୟ ଉଚ୍ଚ ପଦାଧିକାରୀ। କିନ୍ତୁ ଲାଇନ୍ ପ୍ରସିକ୍ୟୁଟର ଭଳି ଫେଡେରାଲ କର୍ମଚାରୀମାନଙ୍କ ଚାକିରି ସିଭିଲ ସର୍ଭିସ୍ ନିୟମ ଦ୍ୱାରା ସୁରକ୍ଷିତ ରହିଛି।

ସିଭିଲ ସର୍ଭିସ୍ ଆଇନ ସୂଚାଏ ଯେ ନିର୍ବାଚନ ଭଉଁରି ସତ୍ତ୍ୱେ ପ୍ରଶାସନକୁ ସ୍ଥିର ରଖିବ ସିଭିଲ ସର୍ଭିସ୍, ଗୋଟିଏ ନିର୍ବାଚିତ ଦଳର ସରକାର ବଦଳି ଆଉ ଗୋଟିଏ ନିର୍ବାଚିତ ଦଳର ସରକାର ଆସିଲେ ବି ସରକାର ବା ପ୍ରଶାସନ ମଧ୍ୟବର୍ତ୍ତୀ କାଳ ପାଇଁ ଭାଙ୍ଗିଯିବ ନାହିଁ, ଚାଲୁ ରହିଥିବ, ଏହା ନିଶ୍ଚିତ କରେ ରାଜନୀତି–ନିରପେକ୍ଷ ସିଭିଲ ସର୍ଭିସ୍। 'ସିଭିଲ ସର୍ଭିସ୍ ଲ' ନ ମାନି ଶାସନ ଚାଲିଲେ ଦଳର ଖୋସାମତିଆମାନେ ଶାସନ–ଭାର ବହିବାକୁ ଆସିଯିବେ – ଦଳର କର୍ମୀମାନେ ଶାସନ ଚଳାଇବେ ତ ଫାସିବାଦ ବା ଦଳତନ୍ତ୍ର ଚାଲିବ, ଲୋକତନ୍ତ୍ର ନୁହେଁ। ଦିନ ଆସିବ ଯେତେବେଳେ ବିଧାୟକମାନେ କହିବେ ଆମେ ଆଇନ ତିଆରି କରି ଲାଭ କ'ଣ ଯଦି ସରକାର (ଏକ୍‌ଜିକ୍ୟୁଟିଭ୍) ତାକୁ ମାନିବ ନାହିଁ? ପାର୍ଲାମେଣ୍ଟ ରହି ଲାଭ କ'ଣ ଯଦି ନିର୍ବାଚନରେ ଜିତିଥିବା ଦଳର ନେତା ତ ସବୁକିଛି? ରୁଡୱାର୍ଡ କିପ୍‌ଲିଙ୍ଗଙ୍କ ଭାଷାରେ ଯେଉଁ ଜଙ୍ଗଲତନ୍ତ୍ର ଚାଲିବ ତାହାର ଆଲ୍ଫା ମେଲ୍ ବା ଫିମେଲ୍ ହେବେ ରାଜନୈତିକ ଦଳର ନେତା ବା ନେତ୍ରୀ। ବାଂଲାଦେଶ ସୃଷ୍ଟି ପରେ ଇନ୍ଦିରା ଗାନ୍ଧୀ ସେଠାକାର ପ୍ରଧାନମନ୍ତ୍ରୀ ସେଖ୍ ମୁଜିବୁର ରହମନ୍‌ଙ୍କୁ ପରାମର୍ଶ ଦେଇଥିଲେ ପ୍ରତି ଜିଲାରେ ତାଙ୍କ 'ଆୱାମୀ ଲିଗ୍' ଦଳର ଜଣେ ଜଣେ ମୁଖ୍ୟ ସଦସ୍ୟଙ୍କୁ ଡିଷ୍ଟ୍ରିକ୍ଟ କମିସନର୍ କରନ୍ତୁ ଯିଏ ବ୍ୟୁରୋକ୍ରାଟ୍‌ଙ୍କୁ କଣ୍ଟ୍ରୋଲ କରିବେ। ଆମ ଦେଶରେ ବି ପ୍ରଚାର ହୋଇଗଲା ଯେ ପ୍ରତି ଜିଲାପାଳଙ୍କ ଅଫିସ୍‌ରେ ସମାନ ଆସନର ଅଧିକାରୀ ହୋଇ ସ୍ଥାନୀୟ ଏମ୍‌ପି ବସିବେ ଏବଂ ଜିଲାପାଳ ତାଙ୍କର ପରାମର୍ଶ ନେବେ। ଆଶ୍ୱସ୍ତିର କଥା ଯେ ସେ ପ୍ରସ୍ତାବ ଆପେ ଆପେ ଲୁଚିଗଲା। ଇତିହାସ ଏ ଯାଏ ଦେଖାଇଛି ଆମ ସମ୍ବିଧାନ ସମ୍ପୂର୍ଣ୍ଣ ସ୍ୱଦେଶୀ ; ମଝିରେ ମଝିରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପାଇଥିବା ଦଳ ହିଁ ତା' ଭିତରେ ଫାସିବାଦୀ ଖିଲ ଠୁକେଇଛନ୍ତି ଯାହା ପରେ ଉଖାଡିଦିଆ ହୋଇଛି।

sahadevas@yahoo.com

# ସ୍ମାର୍ଟ ସିଟି ଲୋକର ବ୍ୟଥା



ପଞ୍ଚାନନ ଅଗ୍ରୱାଲ

ପ୍ରବଳ ଶୀତରେ କିଛି ବେସାହାରା ଲୋକ ପୋଲ ତଳେ, ଦୋକାନ ପିଣ୍ଡାରେ, ପାର୍କ ବେଞ୍ଚ ଉପରେ କଟାଉଥିବା ଦେଖାଯାଏ। ସେମାନଙ୍କ ମଧ୍ୟରୁ କୌଣସି ବୃଦ୍ଧାବୃଦ୍ଧ ରୋଗୀଙ୍କ ଜୀବନଦୀପ ସେହି ଅନ୍ଧାର ରାତିରେ ଲିଭିଯାଇଥାଏ, ତାହା ସାମ୍ନାକୁ ଆସିପାରେ ନାହିଁ। ଏଭଳି ମୃତ୍ୟୁ ସାମାଜିକ ବ୍ୟବସ୍ଥାର ତ୍ରୁଟି । ଏହା ସମାଜର ସମ୍ବେଦନ ହୀନତାର କ୍ରୁର ଆଇନ ।

କିଛିଦିନ ପୂର୍ବେ ସେଣ୍ଟ ଫର୍ ହୋଲିଷ୍ଟିକ ଡେଭଲପ୍‌ମେଣ୍ଟ ପକ୍ଷରୁ ତଥ୍ୟ ମିଳିଥିଲା କି ନଭେମ୍ବର ୨୦୨୪ରୁ ଜାନୁଆରୀ ୨୦୨୫ ମଧ୍ୟରେ ଦିଲ୍ଲୀରେ ୪୭୪ ଜଣ ବାସହୀନ ଲୋକଙ୍କ ଥଣ୍ଡାରେ ମୃତ୍ୟୁ ହୋଇଛି। ଏହି ତଥ୍ୟ ଜିଲାସ୍ତରରୁ ଡାକ୍ତରଖାନାର ଦସ୍ତାବିଜର ସର୍ଭେ ଆଧାରିତ ଥିଲା। ରାଷ୍ଟ୍ରୀୟ ମାନବାଧିକାର କମିଶନ ଏଥି ନିମନ୍ତେ ସ୍ୱତଃପୂର୍ବକ ଦିଲ୍ଲୀ ପ୍ରଶାସନକୁ ବିସ୍ତୃତ ରିପୋର୍ଟ ମାଗିଥିଲେ। ବାସ୍ତବିକ ତଥ୍ୟ ଆହୁରି ଅଧିକ ହେବ। ଫୁଟ୍‌ପାଥ ଉପରେ ପଡ଼ିଥିବା ଶବକୁ ଅଜ୍ଞାତ କହି ଦାହ କରାଯାଉଛି। ବିଶେଷଜ୍ଞମାନଙ୍କ ଅନୁମାନ ଯେ ଶତକଡ଼ା ୮୦ଭାଗ ମୃତ୍ୟୁ ପରିଚୟହୀନ ଭାବେ ହଜିଯାଉଛି। ବର୍ତ୍ତମାନ ଶୀତ ଲହରି ଅତୀତଠାରୁ ଅଧିକ ଘାତକ ଦେଖାଯାଉଛି। ଏହି ସଙ୍କଟ ଦିଲ୍ଲୀରେ ସୀମିତ ନୁହଁ। କାନପୁରରେ ୨୦୨୩ରେ ଗୋଟିଏ ସପ୍ତାହ ମଧ୍ୟରେ ୯୮ଜଣଙ୍କ ମୃତ୍ୟୁ ହୋଇଥିଲା। ଏନ୍‌ଏଚ୍‌ଆର୍‌ସି ଅକ୍ଟୋବର ୨୦୨୫ରେ ୧୯ ରାଜ୍ୟ ଆଉ ୪ଟି କେନ୍ଦ୍ରଶାସିତ ପ୍ରଦେଶକୁ ଚେତାବନୀ ଜାରି କରିଥିଲା, ଯେଉଁଥିରେ ବାସହୀନ, ନବଜାତ ଶିଶୁ, ବୃଦ୍ଧାବୃଦ୍ଧ ଓ ଗରିବ ଲୋକଙ୍କୁ ଶୀତ ଦାଉରୁ ବଞ୍ଚାଇବା କାର୍ଯ୍ୟ କରୁ, କିନ୍ତୁ ଚେତାବନୀ ସରକାରୀ କାଗଜ ଭିତରେ ସୀମିତ ।

୨୦୧୧ ଜନଗଣନା ଅନୁସାରେ, ଦେଶର ସହରୀ କ୍ଷେତ୍ରମାନଙ୍କରେ ୯,୩୮,୩୪୮ ଲୋକ ବାସହୀନ ଥିଲେ। ବର୍ତ୍ତମାନ ଏହାର ସଂଖ୍ୟା ଦେଢ କୋଟିକୁ ଟପିଯାଇଛି। ଦିଲ୍ଲୀରେ କେବଳ ୩ରୁ ୪ଲକ୍ଷ ବାସହୀନ ଲୋକ ଅଛନ୍ତି, ଯେଉଁମାନେ ମୁଖ୍ୟତଃ ପ୍ରବାସୀ ଶ୍ରମିକ, ରିକ୍ସାଚାଳକ, ପରିବା ବିକ୍ରେତା, ଘର କାର୍ଯ୍ୟରେ ନିଯୁକ୍ତ କର୍ମଚାରୀମାନେ ଅଛନ୍ତି। ଅଗଷ୍ଟ ୨୦୨୪ରେ କରାଯାଇଥିବା ଗଣତିରେ ୧ଲକ୍ଷ ୫୬ହଜାର ୩୬୯ ଲୋକ ରାତି ୧୧ଟାରୁ ସକାଳ ୫ଟା ୩୦ ଯାଏ ସଡ଼କ କଡ଼ରେ ଶୋଇଥିବା ଦେଖାଯାଇଥିଲା। ଏମାନେ ସକାଳ ୪ଟାରୁ ରିକ୍ସା ଚାଳନା କରନ୍ତି, ବଜାରରେ ଫଳ ପରିବା ବିକନ୍ତି, ଘରମାନଙ୍କରେ ଝାଡୁ ମାରନ୍ତି,



ସନ୍ଧ୍ୟା ହେଲେ ଏମାନଙ୍କୁ ଛାତଟିଏ ମିଳେ ନାହିଁ।

ସହରୀକରଣ ଯୋଗୁ ଗାଁ ଖାଲି ହୋଇ ସହର ବୃଦ୍ଧି ହେବାରେ ଲାଗିଛି। ୨୦୪୧ ପର୍ଯ୍ୟନ୍ତ ଦିଲ୍ଲୀ ମାଷ୍ଟରପ୍ଲାନ ଅନୁସାରେ ସହର ସ୍ମାର୍ଟ ହେବାର ସ୍ୱପ୍ନ ଦେଖୁଛି, କିନ୍ତୁ ବାସହୀନ ଲୋକଙ୍କ କଥା କେହି ଶୁଣିବାର ନାହିଁ।

ଭୁବନେଶ୍ୱର ସାଲିଆ ସାହି ଉଚ୍ଛେଦର ତୃତୀୟ ଦିନରେ ୫୫୬ ଘର ମାଟିରେ ମିଶିଛି। ନିଜ ଜିଦ୍‌ରେ ଅଟଳ ରହି କିଛି ପରିବାର ଲୋକ ଖୋଲା ପଡ଼ିଆରେ ଯାଇ ପାଲ ତଳେ ଦିନ କାଟୁଛନ୍ତି। ଓଳିଏ ଖାଇଲେ ଆଉ ଓଳିକୁ ଉପବାସ। ଛୋଟ ପିଲା, ବୃଦ୍ଧାବୃଦ୍ଧ ଖରା କାକରରେ ପଡ଼ିରହିଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲକ୍ଷ୍ୟ ଥିଲା ସମସ୍ତଙ୍କୁ ଘର, ଏଥିରେ ସମସ୍ତଙ୍କୁ ପକ୍କାଘର ଦେବାର ପ୍ରତିଶ୍ରୁତି ଥିଲା।ହେଲେ ବାସହୀନ ଲୋକଙ୍କ ସଂଖ୍ୟା କମ୍ ହେବା ସ୍ଥାନରେ ଏହା ବୃଦ୍ଧି ପାଇଲା। ସରକାର କହୁଛନ୍ତି ପ୍ରତି ୨୦ ମିନିଟରେ ୧୫୦ ଘର ନିର୍ମାଣ ଚାଲିଛି। କିନ୍ତୁ ଏ ସବୁ କାଗଜରେ ରହିଯାଉଛି। ସେପ୍ଟେମ୍ବର ୨୦୨୫ରେ ମନ୍ତ୍ରଣାଳୟ ରାଜ୍ୟମାନଙ୍କ ସହ ସମୀକ୍ଷା କଲା, କିନ୍ତୁ ସମୟ ଅନୁସାରେ କେନ୍ଦ୍ରୀୟ ସହାୟତା ନ ମିଳିବାରୁ ପ୍ରଗତି କାର୍ଯ୍ୟ ବନ୍ଦ ହେଲା।

ରୈନବସେରା ରାତ୍ରି ଆଶ୍ରୟସ୍ଥଳୀ ବାସହୀନଙ୍କ ପାଇଁ ସମାଧାନ କୁହାଯାଏ। କିନ୍ତୁ ଏହାର ଅବସ୍ଥା ଦେଖିଲେ ଆହୁରି ନୈରାଶ୍ୟଜନକ । ଦିଲ୍ଲୀ ଅର୍ବାନ ସେଲ୍‌ଟର ଇମ୍ପ୍ରୁଭମେଣ୍ଟ ବୋର୍ଡ ଅନୁସାରେ ସହରରେ ୩୨୫ଟି ରୈନବସେରା ଅଛି। ଯେଉଁଥିରେ ମୋଟ ୧୬୩୩୮ ଜଣ ଶୋଇପାରିବେ। କିନ୍ତୁ ୱିଣ୍ଟର ଆକ୍‌ଶନ ପ୍ଲାନ ୨୦୨୪–୨୫ ଅନୁସାରେ ୧୯୭ ଗୋଟି ସ୍ଥାୟୀ ବସେରାରୁ ୮୨ଗୋଟି କାର୍ଯ୍ୟ କରୁଛି। କ୍ଷମତା ମାତ୍ର ୭୦୯୨ ଜଣଙ୍କର ଅଛି। ବାକି ସବୁ କ୍ୟାବିନ ଆଉ ତମ୍ବୁ ମାଧ୍ୟମରେ ଚାଲିଛି। ମହିଳାଙ୍କ ୧୭ଟି ଆଶ୍ରୟସ୍ଥଳୀ ଅଛି। ମାଷ୍ଟରପ୍ଲାନ ମୁତାବକ ୩୩୦ରୁ ୩୫୦ ସ୍ଥାୟୀ ରୈନବସେରା ହେବା କଥା।

ରାଷ୍ଟ୍ରୀୟ ମାନବାଧିକାର କମିଶନ ପକ୍ଷରୁ ବାସହୀନଙ୍କୁ ଭିକାରି କିମ୍ବା ନିଶାଖୋର କୁହାଯାଉଛି ତାହା ବଡ଼ ଦୁଃଖର କଥା। ବାସହୀନ ଲୋକଙ୍କ ସମସ୍ୟାର ସମାଧାନ ସମ୍ଭବ, ଏଥିପାଇଁ ଇଚ୍ଛାଶକ୍ତି ଦରକାର। ପ୍ରତ୍ୟେକ ସହରର ବ୍ୟାପକ ସର୍ବେକ୍ଷଣ ଜରୁରୀ, କେତେ ବାସହୀନ ଲୋକ ଅଛନ୍ତି ତାହାର ଠିକ୍ ସଂଖ୍ୟା ଜାଣିବା ଦରକାର। ପ୍ରତ୍ୟେକର ବଞ୍ଚିବାର ମୌଳିକ ଅଧିକାର ଅଛି, କିନ୍ତୁ ଗରିମାପୂର୍ଣ୍ଣ ଜୀବନଯାପନର ଅର୍ଥ ମୁଣ୍ଡ ଉପରେ ଛାତ, ପେଟ ପାଇଁ ଭାତ ନିହାତି ଦରକାର।

ରାଧିକା ଟାୱାର, ଟଙ୍କପାଣି ରୋଡ୍
ଭୁବନେଶ୍ୱର ମୋ –୯୭୭୭୭୪୪୦୭୧

## ଏଇ ଭାରତରେ

ପ୍ରବେଶିକାର ଲିଖିତ ଓ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପୋଲିସରେ ନିଯୁକ୍ତି ମିଳିଥାଏ। ଏଥିପାଇଁ ଅଶାୟୀମାନେ ବୟସ ସୀମା ମଧ୍ୟରେ ନିଜକୁ ପ୍ରସ୍ତୁତ କରିଥାନ୍ତି। ସେମାନଙ୍କ ମଧ୍ୟରୁ କେତେକେ କୃତକାର୍ଯ୍ୟ ହେବାବେଳେ ଅନେକେ ବିଫଳ ହୋଇଥାନ୍ତି। ତେବେ ବେଙ୍ଗାଲୁରୁ ଟ୍ରାଫିକ ପୋଲିସ(ବିଟିପି) ଏକ ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ ଦିନକ ପାଇଁ ଲୋକଙ୍କୁ ଟ୍ରାଫିକ ପୋଲିସ ହେବାର ସୁଯୋଗ ଦେଉଛି । 'ଦିନକ ପାଇଁ ଟ୍ରାଫିକ ପୋଲିସ ହୁଅନ୍ତୁ' କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଏଏସ୍‌ଟ୍ରାମ୍ ଆପ୍‌ରେ ସେମାନଙ୍କ ନାମ ପଞ୍ଜୀକରଣ କରିବା ପରେ ସ୍ୱେଚ୍ଛାସେବୀଙ୍କୁ ଏକ ଘଣ୍ଟାର ପ୍ରଶିକ୍ଷଣ ଦିଆଯାଉଛି। ପରେ ସେମାନଙ୍କ ପସନ୍ଦ ମୁତାବକ ଛକଗୁଡ଼ିକରେ ଭିଡ଼ ସମୟରେ ଟ୍ରାଫିକ ପରିଚାଳନାରେ ପୋଲିସଙ୍କୁ ସହଯୋଗ କରିବା ସକାଶେ ଦୁଇ ଘଣ୍ଟିଆ କିମ୍ବା ଚାରି ଘଣ୍ଟିଆ ସିଫ୍ଟରେ ନିଯୁକ୍ତ କରାଯାଉଛି। ଶେଷରେ ସେମାନଙ୍କୁ ଅଭିଜ୍ଞତା ପ୍ରମାଣପତ୍ର ମଧ୍ୟ ଦିଆଯାଉଛି। ବାସ୍ତବରେ ଛକଗୁଡ଼ିକରେ ଟ୍ରାଫିକ ପୋଲିସ ସମ୍ମୁଖୀନ ହେଉଥିବା ପ୍ରକୃତ ସମସ୍ୟା ସମ୍ପର୍କରେ ସେମାନେ ଅବଗତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୬ ଡିସେମ୍ବର ୧୯୭୬

- ଭାରତର ବେସାମରିକ ବିମାନ ଚଳାଚଳ ସଂସ୍ଥା ଏୟାର ଇଣ୍ଡିଆ ଦୁଇଟି ବୋଇଙ୍ଗ–୭୪୭ ବିମାନ କିଣିବା ଲାଗି ସରକାର ଅନୁମୋଦନ କରିଛନ୍ତି।
- ପାର୍ଲାମେଣ୍ଟର ଉଭୟ ଗୃହରେ ଗୃହୀତ ହେଇସାରିଥିବା ୪୪ତମ ସମ୍ବିଧାନ ସଂଶୋଧନ ବିଲ୍ ମହାରାଷ୍ଟ୍ର ବିଧାନସଭାରେ ଅନୁମୋଦିତ।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 3 | | | | | 7 |
| 5 | | 2 | | | | | 4 | |
| | | | | | 6 | | | |
| | | 8 | 9 | | | | | |
| | | | | 1 | | 4 | | |
| | | | | 8 | 4 | 1 | 2 | |
| | | 7 | | | 9 | | 5 | |
| 3 | 9 | 5 | | 4 | 7 | | | |
| | | | 2 | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 8 | 1 | 3 | 6 | 2 | 7 | 4 |
| 6 | 1 | 2 | 5 | 4 | 7 | 8 | 3 | 9 |
| 3 | 4 | 7 | 9 | 2 | 8 | 5 | 1 | 6 |
| 1 | 8 | 3 | 7 | 9 | 2 | 4 | 6 | 5 |
| 2 | 6 | 4 | 8 | 5 | 3 | 1 | 9 | 7 |
| 5 | 7 | 9 | 6 | 1 | 4 | 3 | 8 | 2 |
| 8 | 9 | 1 | 4 | 7 | 5 | 6 | 2 | 3 |
| 4 | 2 | 6 | 3 | 8 | 9 | 7 | 5 | 1 |
| 7 | 3 | 5 | 2 | 6 | 1 | 9 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କଳର ମନ୍ଥର ଗତି

ମହାଶୟ,

କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନରମାନେ ପ୍ରତି ୧୦ ବର୍ଷରେ ଥରେ ବେତନ କମିଶନଙ୍କ ସୁପାରିସ ଆଧାରରେ ବର୍ଦ୍ଧିତ ବେତନ ଓ ପେନ୍‌ସନ ପାଇଥାନ୍ତି। ଏହା ସେମାନଙ୍କର ସାମ୍ବିଧାନିକ ଅଧିକାର। ଗତ ୨୦୧୬ ମସିହାରେ ସେମାନେ ଏହି ସୁବିଧା ପାଇଥିଲେ। ଆଗାମୀ ୨୦୨୬ ଜାନୁୟାରୀରୁ ସେମାନେ ଅଷ୍ଟମ ବେତନ କମିଶନଙ୍କ ସୁପାରିସ ଆଧାରରେ ବର୍ଦ୍ଧିତ ବେତନ ପାଇବା କଥା। କେନ୍ଦ୍ର ସରକାର ଗତ ଜାନୁୟାରୀରେ ଅଷ୍ଟମ ବେତନ କମିଶନ ନିଯୁକ୍ତି କରିବାକୁ ନିଷ୍ପତ୍ତି ନେଲେ। ଗତ ଅକ୍ଟୋବର ୨୭ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ଏହି ନିଷ୍ପତ୍ତିକୁ ମଞ୍ଜୁରୀ ଦେଲା। ଏହା ପରେ ବେତନ କମିଶନ ନିଯୁକ୍ତି ପାଇବେ। ସେମାନେ ୧୮ ମାସ ମଧ୍ୟରେ ରିପୋର୍ଟ ଦେବେ। ଅଧିକ ସମୟ ମଧ୍ୟ ଆବଶ୍ୟକ ହୋଇପାରେ। ସେମାନଙ୍କ ରିପୋର୍ଟ ମିଳିବା ପରେ କ୍ୟାବିନେଟ ସବ୍‌କମିଟି ତାକୁ ତର୍ଜମା କରିବ। ସେମାନଙ୍କର ଚୂଡ଼ାନ୍ତ ରିପୋର୍ଟକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେବା ପରେ ବେତନ ନିର୍ଦ୍ଧାରଣ ସଂକ୍ରାନ୍ତରେ ଏକ ନିୟମାବଳୀ ପ୍ରସ୍ତୁତ ହେବ ଓ ତା'ପରେ ବେତନ ନିର୍ଦ୍ଧାରଣ ହେବ। ଏହା ଏକ ବିଳମ୍ବିତ ପ୍ରକ୍ରିୟା ହୋଇଥିବାରୁ ଏ ସରକାର ମନ୍ଥର ଗତିରେ କାର୍ଯ୍ୟ କରୁଥିବାରୁ ୨୦୨୮ ମସିହା ପୂର୍ବରେ ଏହି ସୁବିଧା ମିଳି ନ ପାରେ। ସରକାରୀ କଳର ଏହି ମନ୍ଥର ଗତି ନିଶ୍ଚିତ ଭାବେ କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କଜଳ ନୟନା ସଜଳ ଚିକୁରେ ତୋର
ଲୁଚି ଲୁଚି ଖେଳେ ବରଷା–ପବନ–ଚୋର
ଦେଖି ସେ ସୁଷମା ନାଚି ଉଠେ ତରୁଲତା
ଆକାଶୁଁ ଲୋତକ ଝରିପଡ଼େ ଝର ଝର ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ




## ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣା

# ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ନିଲମ୍ବିତ

ନୀଳଗିରି, ୫।୧୨ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ବେଗୁନିଆ ୟୁଜିୟୁପି ବିଦ୍ୟାଳୟ ଛାତ୍ରାବାସରେ ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣାର ତଦନ୍ତ ଗୁରୁବାର ଆରମ୍ଭ ହୋଇଥିଲା। ନୀଳଗିରି ଉପଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଶୁକ୍ରବାର ନୀଳଗିରି ବ୍ଲକ ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ବୁଗୁଡ଼ାଇ ଓ ସହକାରୀ ଶିକ୍ଷକ ଜତୀନ କୁମାର ପରିଡ଼ାଙ୍କୁ ଦାୟିତ୍ୱରେ ଅବହେଳା ପାଇଁ ନିଲମ୍ବିତ କରିଛନ୍ତି। ଅନ୍ୟପକ୍ଷରେ ସହକାରୀ ଶିକ୍ଷକ ପରିଡ଼ାଙ୍କୁ ମିତ୍ରପୁର ନୋଡାଲ ସ୍କୁଲକୁ ଅବସ୍ଥାପିତ କରାଯିବା ସହ ପ୍ରଧାନ ଶିକ୍ଷକ ବୁଗୁଡ଼ାଇଙ୍କୁ କାଠପାଳ ୟୁଜିୟୁପି ସ୍କୁଲକୁ ଅବସ୍ଥାପିତ କରାଯାଇଛି। ଆଗାମୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଉଭୟଙ୍କ ଦରମା ୫୦ ପ୍ରତିଶତ ସ୍ଥଗିତ ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।



ପ୍ରଧାନଶିକ୍ଷକ ରଘୁନାଥ ବୁଗୁଡ଼ାଇ



ସହକାରୀ ଶିକ୍ଷକ ଜତୀନ କୁମାର ପରିଡ଼ା

୪୦ ସିଟ୍ ଥିବା ଏହି ଛାତ୍ରାବାସରେ ଆଖପାଖ ଅଞ୍ଚଳର ପିଲାମାନେ ରହି ପାଠ ପଢ଼ି ଆସୁଛନ୍ତି। କମାରଖାଲିଆ ଗ୍ରାମର ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼କୁ ଲୁହା ଜଞ୍ଜିରରେ ବନ୍ଧା ହୋଇଥିବା ନେଇ ବୁଧବାର ଭିଡିଓ ଭାଇରାଲ ହେବା ପରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାର ତଦନ୍ତ ପାଇଁ ବାଲେଶ୍ୱର ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ଏବଂ ନୀଳଗିରି ଉପଜିଲାପାଳଙ୍କୁ ଅବଗତ କରିଥିଲେ। ବାଲେଶ୍ୱର ଜିଲାପାଳ ଏଭଳି ନିନ୍ଦନୀୟ କାର୍ଯ୍ୟର ତଦନ୍ତ ପାଇଁ ଏକ ଟିମ୍ ଗଠନ କରି ନୀଳଗିରି ଉପ-ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାଏ, ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ତଲୁଆର ଜେନା, ନୀଳଗିରି ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ଏବିଇଓ ଲମ୍ବୋଧର ସିଂ ବିଦ୍ୟାଳୟରେ ପହଞ୍ଚି ଛାତ୍ରଙ୍କ ବାପା, ପ୍ରଧାନ ଶିକ୍ଷକ ରଘୁନାଥ ବୁଗୁଡ଼ାଇ, ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଜତୀନ କୁମାର ପରିଡ଼ାଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ।

# ସାରଥିଙ୍କ ବିରୋଧରେ ଚାଲିବ ମାମଲା

- ସ୍ୱତନ୍ତ୍ର ଏସ୍‌ସିଏସ୍‌ଟି ଅଦାଲତରେ ଚାର୍ଜଫ୍ରେମ୍
- ଜାନୁଆରୀ ୧୬ରେ ପରବର୍ତ୍ତୀ ଶୁଣାଣି

କଟକ,୫।୧୨ (କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ଆତ୍ମଘୋଷିତ ବାବା ସାରଥି ଓରଫ ସନ୍ତୋଷ ରାଉଳ, ତାଙ୍କ ପୁଅ ସତ୍ୟମ ଶେଖର ଓ ଅନ୍ୟ ୪ ଜଣଙ୍କ ବିରୋଧରେ କଟକ ସ୍ୱତନ୍ତ୍ର ଏସ୍‌ସି/ଏସ୍‌ଟି ଅଦାଲତ ଚାର୍ଜଫ୍ରେମ କରିଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚରେ ରୁଜୁ ମାମଲାରେ ଏହି ଚାର୍ଜଫ୍ରେମ ହୋଇଛି। ସ୍ୱତନ୍ତ୍ର କୋର୍ଟରେ ଚାର୍ଜଫ୍ରେମ ସମୟରେ ସାରଥି ଆଭାସି ମାଧ୍ୟମରେ ଉପସ୍ଥିତ ଥିଲେ। ଏହାପରେ ଆଗକୁ ସାରଥିଙ୍କ ବିରୋଧରେ ରୁଜୁ ମାମଲାର ଶୁଣାଣି ଚାଲିବ। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଜାନୁଆରୀ ୧୬କୁ ଧାର୍ଯ୍ୟ କରାଯାଇଛି।

ସୂଚନାନୁସାରେ, ଭାରତୀୟ ଦଣ୍ଡବିଧି ଆଇନର ୧୨୦(ବି), ୪୨୦, ୪୬୭, ୪୬୮, ୪୭୧, ୫୦୬, ୪୨୩, ୪୦୬, ୩୭୯, ୪୧୧, ୩୪୧, ୨୧୨, ୪୧୪ ଓ ୩୪ ଦଫା ସମେତ ଥାର୍ଡ ଏସ୍‌ସି ଏସଟି ଆକ୍ଟ ଏବଂ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ଧାରା ୨୫ ଅନୁସାରେ ଚାର୍ଜଫ୍ରେମ ହୋଇଥିବା ଜଣାଯାଇଛି। ନିଜକୁ ଭଗବାନ ବୋଲି ପରିଚୟ ଦେବା, ନିଜ ହାତରୁ ମହୁ ଝରୁଥିଲା ବୋଲି କହି ଠକେଇ କରିବା ଆଦି ଅଭିଯୋଗ ସାରଥିଙ୍କ ନାମରେ ରହିଛି। ସାରଥୀ ଏସ୍‌ସି ଏସ୍‌ଟି ଲୋକଙ୍କୁ ଠକି ସେମାନଙ୍କ ସମ୍ପତ୍ତି ହଡ଼ପ କରିଥିବା ଅଭିଯୋଗ ରହିଛି। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ବାବା ସାରଥି ଓରଫ ସନ୍ତୋଷ ରାଉଳ ୨୦୧୫ ଅଗଷ୍ଟରେ ଗିରଫ ହୋଇଥିଲେ। ପ୍ରାୟ ଚାରିବର୍ଷ ଜେଲରେ ରହିବା ପରେ ୨୦୧୯ରେ ହାଇକୋର୍ଟରୁ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା।

# ୮ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ଆସନ୍ତା ୮ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ଚାଲିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ହେବ ନାହିଁ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରକ୍ ଧକ୍କାରେ ୩ ବାଇକ୍ ଆରୋହୀ ମୃତ

ଯୋଡ଼ା,୫।୧୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡାଠାରେ ଟ୍ରକ୍ ଧକ୍କାରେ ୩ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। କୌଣସି ମୃତକଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରାଯାଇ ତଦନ୍ତ ଚାଲିଥିବା ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲ କହିଛନ୍ତି।

ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ୪୦ରେ ୫୨୦ ନମ୍ବର ଜାତୀୟ ରାଜପଥରେ ବାଇକ୍ (ନଂ. ଓଡି ୦୯ ଏ ୫୯୧୭) ଯୋଗେ ୩ ଜଣ ଯୋଡ଼ା ଅଭିମୁଖେ ଆସୁଥିଲେ। ଲହଣ୍ଡାଠାରେ ଲୁହାପଥର ବୋଝେଇ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ୩ ବାଇକ୍ ଆରୋହୀ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସଙ୍କଟାପନ୍ନ ଅବସ୍ଥାରେ ଜଣଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଟ୍ରକ୍ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। କାରଣସାହି ଟୋଲ୍‌ଗେଟ୍‌ଠାରୁ ଆରମ୍ଭ କରି ବିଲେଇପଦା ପର୍ଯ୍ୟନ୍ତ ବେପରୁଆ ଟ୍ରକ୍ ପାର୍କିଂ ଓ ଲହଣ୍ଡା ଓଭରବ୍ରିଜ୍ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା କୁହାଯାଉଛି।

# ସ୍କୁଟି-ବାଇକ୍ ଧକ୍କା: ଦମ୍ପତି ମୃତ, ଶିଶୁ ଗୁରୁତର

ଦିଗପହଣ୍ଡି,୫।୧୨ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି-ବ୍ରହ୍ମପୁର ୧୭ ନଂ. ରାଜ୍ୟ ରାଜପଥର ଗଣିଆନାଳ ଛକ ମା' କୁରେଇଶୁଣୀ ମନ୍ଦିର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ସ୍କୁଟି ଓ ବାଇକ୍ ମଧ୍ୟରେ ଧକ୍କା ହେଇଛି। ଏଥିରେ ସାନଖେମୁଣ୍ଡି ବ୍ଲକ ଗାଙ୍ଗପୁର ପଞ୍ଚାୟତ ଦ୍ୱିତୀୟ ଢେପାଗୁଡ଼ା ଗ୍ରାମର ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପ୍ରତାପ ମଲ୍ଲିକ(୩୫) ଏବଂ ତାଙ୍କ ସ୍ତ୍ରୀ ଲଳିତା ପାଇକ(୩୦)। ତାଙ୍କର ୩ ବର୍ଷର ଏକ ପୁଅ ଆହତ ହୋଇଛି।

ଲଳିତା ୮ ମାସର ଗର୍ଭବତୀ ଥିବାରୁ ସ୍ୱାମୀ ପ୍ରତାପ ତାଙ୍କୁ ଓ ପୁଅକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଯାଇ ସ୍କୁଟିରେ ଫେରୁଥିଲେ। ବିପରୀତ ଦିଗରୁ ଆର.ଉଦୟଗିରିର ସୁନୀଲ ଦଳାଇ ବାଇକ ଯୋଗେ ଆସୁଥିବା ବେଳେ ସ୍କୁଟି ସହ ବାଇକର ଧକ୍କା ହୋଇଥିଲା। ଫଳରେ ପୁଅ ସହ ଦମ୍ପତି ଓ ସୁନୀଲ ଗାଡିରୁ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରତାପ ଏବଂ ଲଳିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ସୁନୀଲ ଏବଂ ଶିଶୁ ପୁତ୍ର ସେଠାରେ ଚିକିତ୍ସିତ ହେଉଛନ୍ତି। ଦିଗପହଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି। ସେହିପରି ପୋଲିସ ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ୨ଟିକୁ ଜବତ କରିଛି। ଶନିବାର ଉଭୟ ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

# କସଡ଼ା ଜଙ୍ଗଲରୁ ହାତୀ ମୃତଦେହ ଜବତ

କେନ୍ଦୁଝର,୫।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନ ବିଭାଗ ଶୁକ୍ରବାର କେନ୍ଦୁଝର ଡିଭିଜନର ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ଶୁଆକାଠି ସେକ୍ସନ ଅନ୍ତର୍ଗତ କସଡା ଗ୍ରାମ ନିକଟ ଜଙ୍ଗଲରୁ ଏକ ମାଈ ହାତୀର ମୃତଦେହ ଜବତ କରିଛି। ହାତୀର ବୟସ ପ୍ରାୟ ୮ ରୁ ୧୦ ବର୍ଷ ହେବ। ହାତୀର ମୃତ୍ୟୁ ବିଦ୍ୟୁତ୍ ଆଘାତ କିମ୍ବା ଭୂତାଣୁ ଜନିତ ହୋଇଥାଏ ପାରେ ବୋଲି ବନ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି। ବନ ବିଭାଗ ହାତୀ ମୃତ୍ୟୁର କାରଣ ଖୋଜୁଥିବା ବେଳେ ହାତୀ ସୁରକ୍ଷାକୁ ନେଇ ହାତୀପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।



ଏକ ପଡ଼ିଆରେ ପଡ଼ିଥିବା ହାତୀ ମୃତଦେହ।

ପ୍ରକାଶ ଯେ, ଗ୍ରାମ ନିକଟ ଜଙ୍ଗଲରେ ହାତୀ ମୃତଦେହ ପଡ଼ିଥିବା ଅପରାହ୍ନରେ ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଯଦିଓ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ, ପ୍ରାଥମିକ ତଦନ୍ତରୁ ବନ ବିଭାଗ ଦ୍ୱାରା ପ୍ରକାଶିତ ହୋଇଛି ଯେ ଏହାର ମୁହଁ ଏବଂ ଜିଭର ରଙ୍ଗ ଗାଢ଼ ନୀଳ ହୋଇଯାଇଛି। ତେଣୁ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ଅଧିକାରୀମାନେ ନିଶ୍ଚିତ କରିଛନ୍ତି, ୧.୫ କି.ମି. ବ୍ୟାସାର୍ଦ୍ଧରେ କୌଣସି ବିଦ୍ୟୁତ୍ ଆଘାତ ସମ୍ବନ୍ଧୀୟ ପ୍ରମାଣ ମିଳିନାହିଁ। ଉକ୍ତ ସ୍ଥାନରେ ହାତୀର ପରିସ୍ରା ଏବଂ ଗୋବର ମଧ୍ୟ ଦେଖିଥିଲେ। ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ କହିଛନ୍ତି, ସକାଳେ ହାତୀଟିର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ କୌଣସି ସଂଘର୍ଷ କରିଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡୁନାହିଁ। ହାତୀଟି ମରିବା ପୂର୍ବରୁ ଅନେକ ସ୍ଥାନରେ ଶୋଇଛି। ମୃତ୍ୟୁ ଭୂତାଣୁ ଜନିତ ହୋଇଥିବା ସନ୍ଦେହ କରାଯାଉଛି। ଶନିବାର ସକାଳେ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ମିଳିବା ପରେ ଏବଂ ସେଣ୍ଟର ଫର୍ ୱାଇଲ୍ଡଲାଇଫ ହେଲଥ, ଭୁବନେଶ୍ୱରଙ୍କ ଦ୍ୱାରା ନମୁନା ପରୀକ୍ଷା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଥିଲେ।

# ୧୦୦ବର୍ଷରେ ପ୍ରଫେସର କେ. ଲକ୍ଷ୍ମୀବାଈ

## ୩.୪ କୋଟି ଦାନ ଅର୍ଥରେ ସ୍ତ୍ରୀ ରୋଗ କର୍କଟ ନିରାକରଣ କ୍ଷେତ୍ରରେ ଗବେଷଣା କରିବ ଏମ୍ସ

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ବିଶିଷ୍ଟ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ବ୍ରହ୍ମପୁର ନିବାସୀ ପ୍ରଫେସର ଡାକ୍ତର କେ. ଲକ୍ଷ୍ମୀବାଈ ଶୁକ୍ରବାର ୧୦୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଜନ୍ମ ଶତବାର୍ଷିକୀ ଅବସରରେ ନିକଟରେ ସେ ସ୍ୱଅର୍ଜିତ ସଞ୍ଚୟରୁ ୩ କୋଟି ୪ ଲକ୍ଷ ଟଙ୍କା ଏମ୍ସ ଭୁବନେଶ୍ୱରକୁ ଦାନ କରିଥିଲେ। ପ୍ରଫେସର ଲକ୍ଷ୍ମୀବାଈଙ୍କ ଏପରି ବଦାନ୍ୟତା ପାଇଁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ତାଙ୍କୁ ପ୍ରଶଂସା କରିବା ସହ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଉକ୍ତ ଦାନରାଶିକୁ ଏମ୍ସର କର୍ପସ ପାଣ୍ଠି ଭାବେ ବ୍ୟବହାର ହେବ। ଏହା ସହାୟତାରେ ସ୍ତ୍ରୀ ରୋଗ ସମ୍ବନ୍ଧୀୟ କର୍କଟ ରୋଗର ନିରାକରଣ କ୍ଷେତ୍ରରେ ଗବେଷଣା କରାଯିବ। ଅସହାୟ ଓ ଗରିବ ଲୋକଙ୍କୁ ସାମଗ୍ରିକ କର୍କଟ ସେବା ପ୍ରଦାନ, ପ୍ରତିରୋଧକ ଅଙ୍କୋଲୋଜି ପଦକ୍ଷେପକୁ ସୁଦୃଢ଼ କରାଯିବ। କର୍ପସର ସର୍ବୋତ୍ତମ ତଥା ସ୍ୱଚ୍ଛ ବ୍ୟବହାର ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ବିଶେଷଜ୍ଞ ପର୍ଯ୍ୟବେକ୍ଷକ କମିଟି ଗଠନ କରାଯାଇଛି। ପ୍ରଫେସର ଲକ୍ଷ୍ମୀବାଈଙ୍କ ଅସାଧାରଣ ଆଗ୍ରହ କେବଳ ଏକ ଆଶୀର୍ବାଦ ନୁହେଁ, ବରଂ ଉଚ୍ଚମାନର ରୋଗୀ ସେବା, ଚିକିତ୍ସା ଶିକ୍ଷା ଏବଂ ଉନ୍ନତ ଗବେଷଣାରେ ଏମ୍ସ ଭୁବନେଶ୍ୱରର ନିରନ୍ତର ପ୍ରୟାସର ଏକ ଶକ୍ତିଶାଳୀ ସ୍ୱୀକୃତି ବୋଲି ଡା. ବିଶ୍ୱାସ କହିଛନ୍ତି। ଏହି ଅବସରରେ ଏମ୍ସର ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡାଙ୍କ ନେତୃତ୍ୱରେ ଏଫ୍‌ଏମ୍‌ଟି ବିଭାଗୀୟ ମୁଖ୍ୟ ଡା. ମନୋଜ କୁମାର ମହାନ୍ତି, ସ୍ତ୍ରୀରୋଗ ବିଭାଗୀୟ ମୁଖ୍ୟ ଡା. ସୌଭାଗ୍ୟ କୁମାର ଜେନା, ଡା. ପୃଥ୍ୱୀରାଜ ସେଠୀ ପ୍ରମୁଖ ବ୍ରହ୍ମପୁର ଭାବନଗରସ୍ଥିତ ବାସଭବନରେ ପ୍ରଫେସର ଲକ୍ଷ୍ମୀବାଈଙ୍କୁ ଭେଟି କୃତଜ୍ଞତା ପ୍ରଦାନପୂର୍ବକ ୧୦୦ତମ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ, ୧୯୨୬ ଡିସେମ୍ବର ୫ରେ ଜନ୍ମିତ ଡା. ଲକ୍ଷ୍ମୀବାଈ ଏସ୍‌ସିବି ମେଡିକାଲ କଲେଜର ପ୍ରଥମ ବ୍ୟାଚ୍ ଛାତ୍ରୀ ଥିଲେ। ୧୯୫୦ରେ ସୁନ୍ଦରଗଡ଼ ଜିଲା ହସ୍ପିଟାଲରୁ ଚାକିରି ଜୀବନ ଆରମ୍ଭ କରିଥିବାବେଳେ ୧୯୮୬ରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରୁ ଅବସର ନେଇଛନ୍ତି।



ଏମ୍ସର ଏକ ଟିମ୍ ବ୍ରହ୍ମପୁର ଭାବନଗରସ୍ଥିତ ବାସଭବନରେ ପ୍ରଫେସର କେ. ଲକ୍ଷ୍ମୀବାଈଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି।

### ପ୍ରଶଂସା କଲେ, ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଫେସର କେ. ଲକ୍ଷ୍ମୀବାଈଙ୍କୁ ତାଙ୍କ ୧୦୦ତମ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ବଦାନ୍ୟତା ପାଇଁ ପ୍ରଶଂସା କରିଛନ୍ତି। ଏମ୍ସ ଭୁବନେଶ୍ୱର ଗରିବ ଏବଂ ଅବହେଳିତ ସମ୍ପ୍ରଦାୟ ପାଇଁ କର୍କଟ ରୋଗର ଚିକିତ୍ସା ସେବାକୁ ସୁଦୃଢ଼ କରିବା ଲାଗି ଲକ୍ଷ୍ମୀବାଈଙ୍କ ଉଦାର ସମର୍ଥନର ସର୍ବୋତ୍ତମ ଓ ପ୍ରଭାବଶାଳୀ ବ୍ୟବହାର କରିବ। ତାଙ୍କପରି ଦୟାଳୁ ଏବଂ ଦାୟିତ୍ୱବାନ୍ ନାଗରିକଙ୍କ ଅଂଶଗ୍ରହଣ ସାରା ଦେଶରେ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣରେ ସରକାରଙ୍କ ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ପାଇଁ ଅନ୍ୟମାନଙ୍କୁ ପ୍ରେରଣା ପ୍ରଦାନ କରେ ବୋଲି ଲକ୍ଷ୍ମୀବାଈଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ଲେଖିଥିବା ଏକ ସରକାରୀ ଚିଠିରେ ପ୍ରକାଶ କରିଛନ୍ତି।






# ରାୟଗଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କଲେ ଦୁଇ ବିଧାୟକ

ରାୟଗଡ଼ା,୫।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ମେଡିକାଲ କଲେଜକୁ ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଲୋକ ସଭାରେ ପ୍ରଶ୍ନ କରିଥିଲେ। ଏହାପରେ ଏ ନେଇ ପୁଣି ଥରେ ରାଜ୍ୟ ବିଧାନସଭାରେ ପ୍ରଶ୍ନ କରିଛନ୍ତି ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଓ ବିଷମକଟକ ବିଧାୟକ ନୀଳମାଧବ ହିକକା । ବିଧାନସଭାର ଶୂନ୍ୟକାଳରେ ବିଷମକଟକ ବିଧାୟକ ନୀଳମାଧବ ହିକକା ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବିଷମକଟକ ନିର୍ବାଚନମଣ୍ଡଳୀର କଲ୍ୟାଣସିଂହପୁର ବ୍ଲକ, ମୁନିଗୁଡ଼ା ବ୍ଲକ ଆଦିରେ ଡାକ୍ତର ନିଯୁକ୍ତି ଓ ଆମ୍ବୁଲାନ୍ସ ସେବା ନେଇ ଦାବି କରିଥିବା ବେଳେ ଏଯାଏଁ ତାହା ପୂରଣ ହୋଇପାରି ନ ଥିବା ବିଧାୟକ ହିକକା ବିଧାନସଭାରେ କହିଛନ୍ତି। ରାୟଗଡ଼ା ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏଠାରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଡାକ୍ତର ଓ ବିଶେଷଜ୍ଞ ନ ଥିବା ନେଇ ବିଧାୟକ ହିକକା ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସେହିଭଳି ରାୟଗଡ଼ା ବିଧାୟକ ଆପଲସ୍ୱାମୀ ମଧ୍ୟ ଶୂନ୍ୟ କାଳରେ ସମାନ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ରାୟଗଡ଼ା ଜିଲାରେ ୪୫୦ରୁ ଊର୍ଦ୍ଧ୍ୱ ଡାକ୍ତର ପଦବୀ ଅନୁମୋଦିତ ରହିଥିବା ବେଳେ ମାତ୍ର ୧୪୦ ଜଣ ଡାକ୍ତର ଜିଲାରେ କାର୍ଯ୍ୟରତ ଅଛନ୍ତି । ଏଭଳିକି ଗୋଟିଏ ବି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ହେଲେ ବିଶେଷଜ୍ଞ ନାହାନ୍ତି ବୋଲି ବିଧାୟକ କାଡ୍ରାକା କହିଛନ୍ତି। ରାୟଗଡ଼ାରେ ଜେଏସ୍‌କେୱାଠାରୁ ଅଧିଗ୍ରହଣ ହୋଇ ସରକାରୀ ଖାତାକୁ ଆସିଥିବା ୫୦୬ ଏକର ଜମି ରହିଥିଲେ ହେଁ ମେଡ଼ିକାଲ କଲେଜ କରିବା ନେଇ କୌଣସି ଯୋଜନା କାର୍ଯ୍ୟକାରୀ କାହିଁକି ହେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି ୨ ବିଧାୟକ। ରାଜ୍ୟରେ ମୋହନ ସରକାର ଆସିବା ପରେ ଓଡ଼ିଶାର ୩୦ଟି ଜିଲାରେ ମେଡ଼ିକାଲ କଲେଜ କରାଯିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିବା ଏବଂ ଜାନୁଆରୀ ମାସରେ ଜିଲାରେ ମେଡ଼ିକାଲ କଲେଜ ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାୟଗଡ଼ା ଗସ୍ତ ବେଳେ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଆଜିଯାଏଁ ଜମି ଚିହ୍ନଟ କରି ଶିଳାନ୍ୟାସରେ ବିଳମ୍ବ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ୨ ବିଧାୟକ। ରାୟଗଡ଼ା ଜିଲାରେ ଆବଶ୍ୟକ ଡାକ୍ତର ନ ଥିବା ସହ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା କାରଣରୁ ଲୋକେ ଆନ୍ଧ୍ରପ୍ରଦେଶ ସମେତ ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ଯାଇ ଅଯଥା ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି । ତେଣୁ ତୁରନ୍ତ ଏଥିପ୍ରତି ବିଚାର କରି ଜିଲାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ସହିତ ମେଡ଼ିକାଲ କଲେଜ ଓ ଅତ୍ୟାଧୁନିକ ମେଡ଼ିକାଲ ସ୍ଥାପନ ପାଇଁ ୨ ବିଧାୟକ ଦାବି କରିଛନ୍ତି ।

# ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ପୁଟାସିଂ ଉନ୍ନୟନ ପରିଷଦ ସଦସ୍ୟ



ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପୁଟାସିଂକୁ ନୂଆ ବ୍ଲକ ଗଠନ ଦାବି

ଗୁଣପୁର,୫।୧୨( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍‌ର ପୁଟାସିଂ, ଡମ୍ବସରା ଓ ଜଗନ୍ନାଥପୁରକୁ ନୂଆ ବ୍ଲକ ଗଠନ ପାଇଁ ଦାବି ହେଉଥିଲା। ତେବେ ଆଦିମ ଜନଜାତି ଲାଞ୍ଜିଆ ସୌରା ବସବାସ କରୁଥିବା ୮ଟି ପଞ୍ଚାୟତକୁ ନେଇ ପୁଟାସିଂ ବ୍ଲକ ଦାବିରେ ଶୁକ୍ରବାର ପୁଟାସିଂ ଉନ୍ନୟନ ପରିଷଦର ଏକ ପ୍ରତିନିଧି ଦଳ ବିଧାନସଭା ପରିସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସହ ଜିଲା ପରିଷଦ ସଭ୍ୟ ଇଗାନ ଗମାଙ୍ଗ, ଦିବସ ରାଇକା, ପୂର୍ବତନ ନାଏବ ସରପଞ୍ଚ ଦାମୋଦର ଶବର, ପୂର୍ବତନ ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ଶବର, ଉନ୍ନୟନ ପରିଷଦ କମିଟି ସଭାପତି ଇରମଣୀ ଶବର, ମଞ୍ଜିତା ଶବର, ପରମ ଶବର, ସୁମତି ଶବର, ଅକ୍ଷୟ ଶବର, ରାଶିଣ୍ଡ ଶବର, ଚକା ଚାନ୍ଦ ଗମାଙ୍ଗ, ରାଜେନ୍ଦ୍ର ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉକି, ଏବେ କୌଣସି ନୂଆ ବ୍ଲକ କିମ୍ବା ପଞ୍ଚାୟତ ଘୋଷଣା ହେବାର ନାହିଁ ବୋଲି ବିଧାନସଭାରେ ଗୁରୁବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଘୋଷଣା କରିଥିଲେ। ଏହାପରେ ନୂଆ ବ୍ଲକ ଦାବି କରୁଥିବା ଅଞ୍ଚଳବାସୀଙ୍କ ଆଶା ଆଶାରେ ରହିଯାଇଛି।

# ହିନ୍ଦୁ ଦେବତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିବା ୨ ନାବାଳକଙ୍କ କ୍ଷମା ପ୍ରାର୍ଥନା

ରାୟଗଡା,୫।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଗାୟତ୍ରୀ ନଗରସ୍ଥିତ ମହାକାଳେଶ୍ୱର ମହାଦେବଙ୍କୁ ଅଶ୍ଳୀଳ ଇଙ୍ଗିତ କରି ସୋସିଆଲ ମିଡିଆରେ ଭାଇରାଲ କରିଥିବା ଦୁଇ ନାବାଳକଙ୍କ ବିରୋଧରେ ଗତ୧ ତାରିଖରେ ରାୟଗଡା ଥାନାରେ ବଜରଙ୍ଗ ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା । ଚନ୍ଦ୍ରପୁର ବ୍ଲକର ଉକ୍ତ ଦୁଇ ନାବାଳକ ଓ ତାଙ୍କ ପିତାଙ୍କ ସହ ମିଶି ଶୁକ୍ରବାର ମହାକାଳେଶ୍ୱର ମହାଦେବଙ୍କୁ ନିଜର ଭୁଲ ନିଜେ ବୁଝିପାରି କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି । ଆଗାମୀ ଦିନରେ ହିନ୍ଦୁଧର୍ମବିରୋଧୀ କାର୍ଯ୍ୟ କରିବୁ ନାହିଁ ବୋଲି ଦୁଇ ନାବାଳକ କହିଥିବା ନେଇ ବଜରଙ୍ଗ ଦଳ ପ୍ରକାଶ କରିଛି। ଏହି ମାମଲାକୁ ନେଇ ହୋଇଥିବା ଏତଲା ଦିନ ପୋଲିସ ପକ୍ଷରୁ ଉଭୟଙ୍କୁ ବାଳସୁଧାର ଗୃହକୁ ଚାଲାଣ କରାଯାଇଥିଲା । ଉଭୟ ରାୟଗଡାରେ ଦଶମ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି। ତେବେ ସ୍କୁଲ ଓ କଲେଜରେ ହିନ୍ଦୁ ପରମ୍ପରା ଓ ରୀତିନୀତି ବିଷୟରେ ପିଲାଙ୍କୁ ଅବଗତ କରାଇଲେ ଏଭଳି ଘଟଣା ଘଟିବ ନାହିଁ ବୋଲି ବଜରଙ୍ଗ ଦଳ କର୍ମୀମାନେ ପ୍ରକାଶ କରିଛନ୍ତି । ରାୟଗଡା ଭଳି ଶାନ୍ତ ଜିଲାରେ ଏଭଳି କାର୍ଯ୍ୟ କରି ଅଶାନ୍ତ ନ କରିବାକୁ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି।

# ରାୟଗଡ଼ା ବ୍ଲକରେ ଆରମ୍ଭ ହେଲା ଷ୍ଟ୍ରବେରି ଚାଷ



ଜାଙ୍ଗିଲି ନିକଟରେ ଷ୍ଟ୍ରବେରି ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥି ଓ ଏସ୍‌ଏଚଜି ସଦସ୍ୟା।

## ସ୍ୱୟଂ ସହାୟକ ଗୋଷ୍ଠୀର ହେବ ଆର୍ଥିକ ବିକାଶ

ରାୟଗଡ଼ା,୫।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ବ୍ଲକ ଅନ୍ତର୍ଗତ ପିପଲଗୁଡା ଗ୍ରାମ ପଞ୍ଚାୟତର ଜାଙ୍ଗିଲି ଗ୍ରାମରେ ଶୁକ୍ରବାର ଷ୍ଟ୍ରବେରୀ ଚାଷ ଆରମ୍ଭ ହୋଇଛି। ଓଡିଶା ଜୀବିକା ମିଶନ ଓ ଉଦ୍ୟାନ ବିଭାଗର ମିଳିତ ପ୍ରୟାସରେ ଏହି ଚାଷ ସ୍ୱୟଂ ସହାୟତା ଗୋଷ୍ଠୀଙ୍କ ଦ୍ୱାରା ଆରମ୍ଭ ହୋଇଛି। ଜାଙ୍ଗିଲି ନିକଟରେ ଷ୍ଟ୍ରବେରି ଚାରାରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉନ୍ନତ ଜ୍ଞାନକୌଶଳ ଯଥା ବୁନ୍ଦା ଜଳସେଚନ, ମାଲଚିଂ ବ୍ୟବହାର କାରି ଏହି ଷ୍ଟ୍ରବେରି ଚାଷ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପିପଲଗୁଡା ସରପଞ୍ଚ, ସମିତିସଭ୍ୟ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ଗ୍ରାମ ପଞ୍ଚାୟତ ଅଧିକାରୀ, ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରକଳ୍ପ ପରିଚାଳିକା ଜସ୍ମିନ ମୁଟିକା ନାଏବ ସରପଞ୍ଚ ଏବଂ ସ୍ୱୟଂ ସହାୟକ ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଷ୍ଟ୍ରବେରି ଚାଷ ଏସଏଚଜି ସଭ୍ୟାଙ୍କ ଆର୍ଥିକ ଉନ୍ନତି କ୍ଷେତ୍ରରେ ସହଯୋଗ ହେବ ବୋଲି ବ୍ଲକ ପ୍ରଶାସନ ସୂଚନା ଦେଇଛି।

# ଆନ୍ଦୋଳନରେ ସାମିଲହେବେ ଗୁଣପୁର ଅଞ୍ଚଳର ଶିକ୍ଷକ

ଗୁଣପୁର, ୫।୧୨( ପ୍ରଦୀପ କୁମାର ପାଢ଼ୀ)

ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଆସନ୍ତା ୮ ତାରିଖରେ ଭୁବନେଶ୍ୱରଠାରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଆନ୍ଦୋଳନରେ ସାମିଲ ହେବାକୁ ଗୁଣପୁର ବ୍ଲକ୍‌ରେ ଥିବା ସମସ୍ତ ଶିକ୍ଷକ କର୍ମଚାରୀମାନେ ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ବୈଠକରେ ବ୍ଲକ ସଭାପତି ଘାସିରାମ ରଥ ଓ ସମ୍ପାଦକ ବିଶ୍ୱନାଥ ଦାସ ଭୁବନେଶ୍ୱରରେ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରାଇବା ନିମନ୍ତେ ରାଜ୍ୟ ନେତୃବର୍ଗଙ୍କ ସହ ଭିଡିଓ କଲ୍‌ରେ ସମସ୍ତ ଉପସ୍ଥିତ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସଭାପତି ଓ ସମ୍ପାଦକ ସରକାରଙ୍କ ଏହି ଟାଳଟୁଳ ନୀତିକୁ ବିରୋଧକରି ଆବଶ୍ୟକ ସ୍ଥଳେ ବ୍ଲକ୍‌ସ୍ତରରୁ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରିଥିଲେ ।

# ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରାୟଗଡ଼ା,୫।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଡିସେମ୍ବର ୧୩ ତାରିଖରେ ଜିଲା ମୁଖ୍ୟ କୋର୍ଟ ସମେତ ଗୁଣପୁର, ବିଷମକଟକ, କାଶୀପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ସାଲିସ ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ମାମଲା, ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ଆଦି ବିଚାରଧିନ ମାମଲାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି । କେବଳ ବିଚାରଧୀନ ମାମଲା ନୁହେଁ, ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା) ସାଲିସ ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ମାମଲା ଆଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ କହିଛନ୍ତି । ଏହି ଲୋକ ଅଦାଲତରେ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ । ତେଣୁ ଇଚ୍ଛୁକ ପକ୍ଷ ଏହାର ସୁଯୋଗ ନେବାକୁ ସଚିବ ଆଚାର୍ଯ୍ୟ ପରାମର୍ଶ ଦେଇଛନ୍ତି ।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ପଲମା ଟିମ୍ ବିଜୟୀ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

## ମା' ଭୈରବୀ ୟୁଥ୍ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ

କଲ୍ୟାଣସିଂହପୁର, ୫।୧୨ (ଦୀପକ କୁମାର ପରିଡା )

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସଦର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଭଲିବଲ ପଡିଆରେ ଶୁକ୍ରବାର ମା' ଭୈରବୀ ୟୁଥ ଭଲିବଲ ଟୁର୍ନାମେଣ୍ଟ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ଜିଲା ଭାଜପା ସଭାପତି ଗୋପୀ ଆନନ୍ଦ, ସମ୍ମାନିତ ଅତିଥି ଭାବେ ଆୟୋଜକ ସନ୍ଦୀପ ଗୁଡଲା, ଭାଜପାର କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ କୁମାର ପାଣିଗ୍ରାହୀ, କୃଷ୍ଣ ସାମଲ, ଡି. ଶିବ ଆଚାରୀ, ଶିବ ପଟ୍ଟନାୟକ, ସାମ୍ବାଦିକ ପ୍ରଶାନ୍ତ ସେନାପତି, ଜିଲା କଳା ସଂସ୍କୃତି ସଂଘର ଉପ ସଭାପତି ସୁପ୍ରୀତି ବୋଛା ପ୍ରମୁଖ ଉପସ୍ଥିତ ରହିଥିଲେ । ଉଦ୍‌ଘାଟନୀ ଉତ୍ସବରେ କଲ୍ୟାଣସିଂହପୁରର ସାଗର ସିକ୍ସ ଟିମ୍ ଓ ପଲମା ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ପଲମା ଟିମ୍ ୨ ପଏଣ୍ଟ ରେ ବିଜେତା ହୋଇଥିଲେ। ଆସନ୍ତା ୧୪ ତାରିଖରେ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଖେଳାଯିବ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୦ହଜାର ଟଙ୍କା ଓ ରନର ଟିମ୍‌କୁ ଟ୍ରଫି ସହ ୧୫ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଭଲିବଲ ଟୁର୍ନାମେଣ୍ଟ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଖେଳ ପ୍ରେମୀଙ୍କ ଭିଡ଼ ଜମିଥିଲା।

# ପାଠପଢ଼ା ସମୟରେ ସ୍କୁଲର କାମ କରୁଛନ୍ତି ଛାତ୍ରୀଛାତ୍ର

## ପିଲାଙ୍କ ଭବିଷ୍ୟତ ସହ ଖେଳ

ବିଷମକଟକ,୫।୧୨(ପ୍ରସନ୍ନ କୁମାର ପଣ୍ଡା)

ଛାତ୍ରୀଛାତ୍ରଙ୍କୁ ଉନ୍ନତ ମାନର ଶିକ୍ଷାଦାନ ପାଇଁ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ମଧ୍ୟାହ୍ନଭୋଜନ ବ୍ୟବସ୍ଥା ସହ ମାଗଣା ପୋଷାକ, ଜୋତା ମଧ୍ୟ ପ୍ରଦାନ କରାଯାଉଛି। ମଙ୍ଗଳ ବିଭାଗ ତରଫରୁ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲରେ ରହି ପାଠ ପଢ଼ିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ହେଲେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ପାଇକଡ଼ାକୁଲଗୁଡ଼ାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ସମୟରେ ପିଲାଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଛି। ଶୁକ୍ରବାର ବିଦ୍ୟାଳୟକୁ ଏକ ଭ୍ୟାନ୍‌ରେ କିଛି ସାମଗ୍ରୀ ଆସିଥିଲା। ଉକ୍ତ ସାମଗ୍ରୀକୁ ବିଦ୍ୟାଳୟର କୁନି କୁନି ଛାତ୍ର ଗାଡ଼ିରୁ ଓହ୍ଲାଉଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟ କ୍ଷେତ୍ରରେ ପିଲାମାନେ କୁଲି କାମ କରିବା ନିନ୍ଦନୀୟ । ପାଠପଢା ସମୟରେ ପିଲାଙ୍କୁ କାମ କରିବାକୁ କିଏ କହିଥିଲା ତାହା ତଦନ୍ତ ସାପେକ୍ଷ ବୋଲି ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ଯଦି କୌଣସି ସଂସ୍ଥା ବିଦ୍ୟାଳୟ ପାଇଁ କିଛି ଜିନିଷ ଆଣିଲା, ତା'ହେଲେ ଜିନିଷକୁ ସେହି ସଂସ୍ଥାର ଲୋକମାନେ ହିଁ ଓହ୍ଲାଇବେ । କାହିଁକି ଜିନିଷ ଯୋଗାଣକାରୀ ସଂସ୍ଥା ନିଜ ଲୋକଙ୍କ ଦ୍ୱାରା ନ ଓହ୍ଲାଇ କୁନି କୁନି ଛାତ୍ରଙ୍କୁ ଜିନିଷ ଓହ୍ଲାଇବା ପାଇଁ ନିୟୋଜିତ କଲା ତାହା ତଦନ୍ତ ସାପେକ୍ଷ ବୋଲି ଅଭିଭାବକମାନେ ଦାବିକରିଛନ୍ତି। ଏ ସମ୍ପର୍କରେ ଆମେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦନ ପୁଲାକାଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାରୁ ଯୋଗାଯୋଗ ହୋଇପାରିଲା ନାହିଁ। ସେହିପରି ବିଦ୍ୟାଳୟରେ ଅନ୍ୟ ଜଣେ ଶିକ୍ଷକ ପଙ୍କଜ କୁମାର ରାଉତଙ୍କୁ ଫୋନ୍ ଯୋଗେ ପଚାରିବାରୁ ସେ ଟ୍ରେନିଂରେ ଭୁବନେଶ୍ୱରରେ ଥିବାରୁ ଘଟଣା ବିଷୟରେ କିଛି କହିପାରିବେ ନାହିଁ ବୋଲି କହିଥିଲେ। ଏ ନେଇ ବିଷମକଟକ ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନିଙ୍କୁ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ପିଲାମାନେ ଗାଡ଼ିରୁ ସାମଗ୍ରୀ ବାହାର କରୁଛନ୍ତି।

# ପାରିବାରିକ ହିଂସା, କିନ୍ନରଙ୍କ ପାଇଁ ଥିବା ଯୋଜନା ସମ୍ପର୍କିତ ଆଲୋଚନା

ଗୁଣପୁର,୫।୧୨( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ପୌର ସଦଭାବନା ଗୃହରେ ଭାରତ ସରକାରଙ୍କ ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଓଡିଶା ସରକାରଙ୍କ ରାଜ୍ୟ ସମାଜ କଲ୍ୟାଣ ବୋର୍ଡ଼ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପାରିବାରିକ ହିଂସା ଏବଂ କିନ୍ନରଙ୍କ ବିଭିନ୍ନ ଯୋଜନା ଏବଂ ଧାରାକୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହାରା ପରିବାର ପରାମର୍ଶ କେନ୍ଦ୍ର ଉପଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ପୌର ଅଧକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ, ପୌର କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ବ୍ଲକ ଶିଶୁ ବିକାଶ ଅଧିକାରୀ ସୁଷମା ପ୍ରସାଦ, ଜନ ସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଏସି ନୈସର୍ଗିକ, ପରାମର୍ଶଦାତ୍ରୀ ଜୟଶ୍ରୀ ମହାପାତ୍ର ଏବଂ ସାମାଜିକ କର୍ମୀ ପିଙ୍କି ମହାପାତ୍ର ଯୋଗ ଦେଇ ପାରିବାରିକ ହିଂସା, ପୋକ୍ସ ଆକ୍ଟ ସହ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ ପରିଚାଳନା କରିଥିଲେ। ପୌର ସିଇଓ ସଙ୍ଗୀତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ସ୍ମାର୍ଟଇଣ୍ଡିଆ ହାକାଥନ ଗ୍ରାଣ୍ଡ ଫିନାଲେ ହାର୍ଡୱେର ଏଡିଶନ ପାଇଁ ଜିଆଇଇଟି ନୋଡାଲ ସେଣ୍ଟର ଭାବେ ମନୋନୀତ

ଗୁଣପୁର,୫।୧୨ ( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ ସେଲ୍, ଏଆଇସିଟିଇ ନୂଆଦିଲ୍ଲୀ, ଓଡ଼ିଶା ସରକାର ଏବଂ ଖଣିଜ ମନ୍ତ୍ରଣାଳୟଙ୍କ ମିଳିତରେ ସ୍ମାର୍ଟ ଇଣ୍ଡିଆ ହାକାଥନ-୨୦୨୫ ଗ୍ରାଣ୍ଡ ଫିନାଲେ (ହାର୍ଡୱେର ଏଡିଶନ) ନିମନ୍ତେ ନୋଡାଲ ସେଣ୍ଟର ଭାବେ ମନୋନୀତ କରାଯାଇଛି। ବିଶବିଦ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା ଏ ନେଇ ସୂଚନା ଦେଇଛନ୍ତି। ହ୍ୟାକାଥନର ଗ୍ରାଣ୍ଡ ଫିନାଲେ (ହାର୍ଡୱେର ଏଡିଶନ) ଦେଶର ବିଭିନ୍ନ ପ୍ରଦେଶ ଯଥା -ଓଡ଼ିଶା, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ହରିୟାଣା ପ୍ରମୁଖ ସ୍ଥାନରୁ ୨୦ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଗୋଟିଏ ଦଳରେ ୬ ଜଣ ପ୍ରତିଯୋଗୀ ରହିଥିବା ବେଳେ ୨ ଜଣ ମେଣ୍ଟର ଭାବେ ଯୋଗଦେବେ। ଏହି ଦଳମାନେ ନୂତନ ଚିନ୍ତାଧାରା ସହ ସମାଜରେ ବର୍ତ୍ତମାନ ଉପୁଜିଥିବା ବିଭିନ୍ନ ସମସ୍ୟା ସମାଧାନର ଉପାୟ ବାହାର କରିବେ। ଆସନ୍ତା ୮ରେ ଗ୍ରାଣ୍ଡ ଫିନାଲେ (ହାର୍ଡୱେର ଏଡିସନ)ର ଶୁଭ ଉଦ୍‌ଘାଟନ ହେବ ଏବଂ ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ଡ. ପି. ବିଜୟ କୁମାର ଯୋଗଦେଇ ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ ବିଷୟରେ କହିଥିଲେ।ଏହି କାଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଏସ୍‌ପିଓପି ଡ. ରାଘବେନ୍ଦ୍ର କୁମାର ପରିଚାଳନା କରିଥିଲେ ।





ଖବରଦାତା ସମ୍ମିଳନୀରେ କୁଳପତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି।

# ବଡ଼ନାଳ ପ୍ରକଳ୍ପରୁ ପାଣିଯୋଗାଣ ବନ୍ଦ ନେଇ ଚାଷୀଙ୍କ ଦାବିପତ୍ର

ପଦ୍ମପୁର, ୫।୧୨(ପ୍ରଶାନ୍ତ କୁମାର କର)



ବଡନାଳ ପ୍ରକଳ୍ପ ଉପ ନିର୍ବାହୀ ଯନ୍ତ୍ରୀଙ୍କୁ ଚାଷୀ ଦାବିପତ୍ର ଦେଉଛନ୍ତି।

ରାୟଗଡ଼ା ଜିଲା ପଦ୍ମପୁର ବଡନାଳ ଜଳସେଚନ ପ୍ରକଳ୍ପରୁ ଏବେ ପାଣି ଯୋଗାଣ ହେଲେ ହଜାର ହଜାର ଏକର ଚାଷ ଜମି ଅମଳ ସମୟରେ ଉଜୁଡିଯିବା ଆଶଙ୍କା ରହିଛି। ତେଣୁ ପାଣି ଯୋଗାଣ ତୁରନ୍ତ ବନ୍ଦ କରିବାକୁ ଶତାଧିକ ଚାଷୀ ଶୁକ୍ରବାର ପଦ୍ମପୁର ବଡନାଳ ପ୍ରକଳ୍ପ ଉପ ନିର୍ବାହୀ ଯନ୍ତ୍ରୀ ଏଲ୍ ମୁରଲୀ କ୍ରିଷ୍ଣାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ପଦ୍ମପୁର ବଡନାଳ ଜଳସେଚନ ପ୍ରକଳ୍ପ ଅଧୀନ ଚାଷ ଜମିଗୁଡ଼ିକରେ ଧାନ ପାଚିଯାଇଥିବାରୁ ଚାଷୀମାନେ ଅମଳ କରୁଛନ୍ତି। ଏହି ସମୟରେ ପ୍ରକଳ୍ପରୁ ପାଣି ଛଡ଼ା ଯାଉଥିବାରୁ ଅମଳରେ ସମସ୍ୟା ଉପୁଜିବା ଆଶଙ୍କାକରି ବହୁ ଚାଷୀ ପଦ୍ମପୁର ବଡନାଳ ଉପ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ଲିଖିତ ଅଭିଯୋଗ କରିବା ପରେ ଯନ୍ତ୍ରୀ ଜଳଯୋଗାଣ ବନ୍ଦ କରିଛନ୍ତି। ଏପଟେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ କହିବା ପ୍ରକାରେ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଡନାଳ ଜଳଭଣ୍ଡାରରୁ ଜମିକୁ ଜଳସେଚନ ନିମନ୍ତେ ଦୀର୍ଘ ୪ମାସ ହେଲା ଜଳ ଯୋଗାଇ ଦିଆଯାଉଥିଲା । ନଭେମ୍ବର ୧୫ରେ ଜଳ ଯୋଗାଣ ବନ୍ଦ ହୋଇଥାନ୍ତା, ମାତ୍ର ତଳମୁଣ୍ଡରେ ଥିବା ୫ଟି ପାଣିପଞ୍ଚାୟତର ଚାଷୀ ବିଳମ୍ବରେ ଚାଷ କରିଥିବାରୁ ଆଉ ଅଧିକ ୧୦ଦିନ ପାଣି ଛାଡ଼ିବାକୁ ଅନୁରୋଧ କରିଥିଲେ। ତେଣୁ ଆମେ ଜଳ ଯୋଗାଣ ଜରି ରଖିଥିଲୁ ବୋଲି କର୍ମଚାରୀମାନେ ମତବ୍ୟକ୍ତ କରିଛନ୍ତି। ଏବେ ଜଳସେଚନ ପ୍ରକଳ୍ପରୁ ଜଳଯୋଗାଣ ବନ୍ଦ କରାଯାଇଛି ବୋଲି ଉପନିର୍ବାହୀ ଯନ୍ତ୍ରୀ କହିଛନ୍ତି।

## ସଂକ୍ଷେପରେ

### ମାଲ୍ୟବନ୍ତ ମଞ୍ଚରେ ସ୍ଥାନୀୟ କଳାକାରଙ୍କୁ ଗୁରୁତ୍ୱ ଦିଆ ନ ଯିବାରୁ ଅସନ୍ତୋଷ

ମାଥିଲି, ୫।୧୨ (ସୁବାସ ଖୁଡୁପିଆ)

ଚଳିତ ବର୍ଷ ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବରେ ସ୍ଥାନୀୟ କଳାକାରଙ୍କୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବ ବର୍ଷମାନଙ୍କରେ ମାଲ୍ୟବନ୍ତ ମଞ୍ଚରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ, ପାରମ୍ପରିକ କଳା ଦେଖିବାକୁ ମିଳୁଥିଲା । ଚଳିତ ବର୍ଷ ମଞ୍ଚରେ ବାହାର କଳାକାରଙ୍କ ଦ୍ୱାରା କାହିଁକି ସାଂସ୍କୃତିକ କାର୍ଯ୍ୟକ୍ରମ କରାଗଲା ବୋଲି ସ୍ଥାନୀୟ କଳାକାର ଅଭିଯୋଗ କରିଛନ୍ତି। ଏପରିକି ପ୍ରତି ଛାତ୍ରୀଛାତ୍ରଙ୍କଠାରୁ ୫ ଟଙ୍କା ଲେଖାଏ ଚାନ୍ଦା ଆଦାୟ କରାଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ସଂକ୍ରାନ୍ତରେ ସିପିଆଇ ନେତା ହଲଦର ପୂଜାରୀ କହିଛନ୍ତି, ମାଲ୍ୟବନ୍ତ ମହୋତ୍ସବର ନାଁରେ ମାଥିଲି ସଂସ୍କୃତିକୁ ପୋଷ୍ଟରରେ ରଖି, ମଞ୍ଚକୁ ପ୍ରାଇଭେଟ ଶୋ ବନାଇ ଦେଉଛନ୍ତି ବ୍ଲକ ପ୍ରଶାସନ। ଏହି ଭାବରେ ଚାଲିଲେ ମହୋତ୍ସବର ଐତିହ୍ୟ ଲୋପ ପାଇବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମାଥିଲି ବିଡିଓ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ମାଥିଲି ଅଞ୍ଚଳର ଆଦିବାସୀ ପରମ୍ପରାକୁ ବଜାୟ ରଖିବାକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ଥାନୀୟ କଳାକାରଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଛି।

### ୭ରେ ବିଏସ୍‌ଏଫ୍‌ର ଗଣଦୌଡ଼




ଜୟପୁର,୫।୧୨(ପବନ ପାଣିଗ୍ରାହୀ)

କୋରାପୁଟ ଡିଭିଜନ ବିଏସ୍‌ଏଫ୍ ପକ୍ଷରୁ ୭ ତାରିଖରେ ଗଣଦୌଡ଼ ହେବା ନେଇ ଜୟପୁର ପୌର ସଭାଗୃହରେ ବିଏସ୍‌ଏଫ୍ କୋରାପୁଟ ଡିଭିଜନ ଡିଆଇଜି ସତ୍ୟବାନ କାଞ୍ଚି ସୂଚନା ଦେଇଛନ୍ତି। ବିଏସ୍‌ଏଫର ଡାଇମଣ୍ଡ ଜୁବୁଲି ଅବସରରେ ଏହି ଗଣଦୌଡ଼ ଆୟୋଜିତ ହେବ। ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୦ କି.ମି. ଓ ୫ କି.ମି.ଗଣଦୌଡ଼ ହେବ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୫ ହଜାର ଟଙ୍କା, ଦ୍ୱିତୀୟ ୧୦ ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ୫ ହଜାର ଟଙ୍କା ରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ଦୌଡ଼ରେ ଉଭୟ ମହିଳା ଓ ପୁରୁଷ ଭାଗ ନେଇ ପାରିବେ। ୨ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବା ନେଇ ଡିଆଇଜି ପ୍ରକାଶ କରିଛନ୍ତି। ସମ୍ମିଳନୀରେ କୋରାପୁଟ ହେଡକ୍ୱାଟର ଡିସି ଅମନ ଭଗତ, ୧୮୦ ବିଏସଏଫ ବାଟାଲିୟନ ଡିସି ପ୍ରଭାତ ଚତୁର୍ବେଦୀ ଉପସ୍ଥିତ ଥିଲେ।

# ଜୈବିକ ପ୍ରଣାଳୀରେ ମାଟିର ମାନ ବୃଦ୍ଧି କରିବାକୁ ପରାମର୍ଶ

ମାଲକାନଗିରି,୫।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା କୃଷି ଅଧିକାରୀ ମହେଶ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମୃତ୍ତିକା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମାଟି ମାଆକୁ ସୁରକ୍ଷା ଦେବା ଓ ଜୈବିକ ପ୍ରଣାଳୀରେ ମାଟିରେ ମାନ ବୃଦ୍ଧି ପାଇଁ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧୀ ରାଉତ, ବରିଷ୍ଠ କୃଷି ବୈଜ୍ଞାନିକ ତଥା ମୁଖ୍ୟ ଡାକ୍ତର ଦେବୀପ୍ରସାଦ ଦାସ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସମୀର କୁମାର ଶବର, ବରିଷ୍ଠ ବୈଷୟିକ ଅଧିକାରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, କୃଷି ଅଧିକାରୀ ଓ ଅନ୍ୟ ଅତିଥିମାନେ।

ଡ.ଦେବେନ୍ଦ୍ରନାଥ ଷଡ଼ଙ୍ଗୀ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ରାଜେଶ କୁଅଁର, ବିଧାୟକ ପ୍ରତିନିଧି ନିହାର ରାୟ, ଏମ୍‌ପି ପ୍ରତିନିଧି ସୟ ସରକାର, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ମାଟିର ଯତ୍ନ ପରିମାପ, ପର୍ଯ୍ୟବେକ୍ଷଣ, ଓ ପରିଚାଳନା ପାଇଁ ବିଭିନ୍ନ କୌଶଳ ଯଥା ସମନ୍ୱିତ ସାରା ପରିଚାଳନା, ଜୈବିକ କୃଷି, ପାରମ୍ପରିକ କୃଷି ଆଦି ବିଭିନ୍ନ ଦିଗ ସମ୍ବନ୍ଧରେ ମତ ରଖିଥିଲେ। ଅତ୍ୟଧିକ ରାସାୟନିକ ସାର ବ୍ୟବହାର ନ କରି ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଜୈବିକ ସାର ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ବୃଦ୍ଧି ପାଇବା ସହ

## ବିଶ୍ୱ ମୃତ୍ତିକା ଦିବସ ପାଳିତ

ମାଟିରୁ ଉତ୍ପାଦିତ ଖାଦ୍ୟ ଶସ୍ୟ ସ୍ୱାସ୍ଥ୍ୟ ଏବଂ ନିରୋଗ ରହିବ ବୋଲି ଅତିଥି ବୁଝାଇଥିଲେ। ଆଗାମୀ ପିଢ଼ିଙ୍କ ଖାଦ୍ୟ ପଦାର୍ଥ ସୁସ୍ଥ ମାଟିରୁ ପ୍ରସ୍ତୁତ ହେବା ନେଇ ଚାଷୀମାନେ ଜୈବିକ ସାର ପ୍ରସ୍ତୁତ ଓ ପ୍ରୟୋଗ ଉପରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି କୁହାଯାଇଥିଲା। ଏହି ଅବସରରେ ଜିଲାର ୨୦ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ କୃଷି ଉପନିର୍ଦ୍ଦେଶକ ମନସ୍ୱିନୀ ମହାପାତ୍ର ପରିଚାଳନା କରିଥିଲେ। ସହକାରୀ କୃଷି ଅଧିକାରୀ ଶିବାନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ମାଲ୍ୟବନ୍ତ ମହୋତ୍ସବ ପାଇଁ ନୃତ୍ୟ ଦଳ ଚୟନ



ଚୟନ ହୋଇଥିବା ନୃତ୍ୟ ଦଳ।

ମାଲକାନଗିରି,୫।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ସଂସ୍କୃତି ଭବନରେ ମାଲ୍ୟବନ୍ତ ମହୋତ୍ସବ ପାଇଁ ସ୍ଥାନୀୟ କଳାକାର ନୃତ୍ୟ ପ୍ରଦର୍ଶନ କରିବା ପାଇଁ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ନୃତ୍ୟ ଦଳ ଚୟନ କରାଯାଇଛି। ଅତିରିକ୍ତ ଜିଲାପାଳ ରାଜେଶ ବେଦବର ପ୍ରଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମସ୍ତ କଳାକାରଙ୍କୁ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରସ୍ତୁତି ରଖିବାକୁ ଅତିରିକ୍ତ ଜିଲାପାଳ ଉତ୍ସାହିତ କରିଛନ୍ତି। କାର୍ଯ୍ୟକ୍ରମରେ ବିଚାରକ ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ମିଶ୍ର, ଅବସରପ୍ରାପ୍ତ ତହସିଲଦାର ଶଶାଙ୍କ ମିଶ୍ର, ଓମାଇକ୍ରୋ ବାୟଲୋଜିଷ୍ଟ ଡା.ପ୍ରାଣବିବୀ ସିଂହ ଉପସ୍ଥିତ ଥିଲେ। ବିନାଶ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଦଳ ଭାଗ ନେଇଥିଲେ। ସଂସ୍କୃତି ବିଭାଗ କର୍ମଚାରୀ ଦେବାଶିଷ ବିଶ୍ୱାଳ, ସନ୍ତୋଷ ବିଶ୍ୱାସ ଓ ଦ୍ୱିତୀକୃଷ୍ଣ ପାଢ଼ୀ ପରିଚାଳନାରେ ସହଯୋଗ କରିଥିଲେ।

# କଳା, ସଂସ୍କୃତି ମାଧ୍ୟମରେ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧିବା ଲକ୍ଷ୍ୟ



କାର୍ଯ୍ୟକ୍ରମରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

କାଲିମେଲା,୫।୧୨(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ନିର୍ବାହୀ ତଥା ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲା ଜନଜାତି ମହାସଂଘ ସଭାପତି ବନ୍ଧୁ ମୁଦୁଲି, ପୂର୍ବତନ ବିଧାୟକ ମାନସ ମାଡକାମୀ, ଜିଲା କନ୍ଧ ସମାଜ ସମ୍ପାଦକ ହରି ଗୋଲରୀ, ଦକ୍ଷିଣ ଓଡ଼ିଶା ଜନଜାତି ସଂଘ ସମ୍ପାଦକ ନୀଳକଣ୍ଠ ଦୋରା, କାଲିମେଲା ବ୍ଲକ କୋୟା ସମାଜ ସଭାପତି ୱାଗା ମାଡକାମୀ ପ୍ରମୁଖ ଉପସ୍ଥିତ ଥିଲେ।

### ମାଲ୍ୟବନ୍ତ ମହୋତ୍ସବ ଉଦ୍‌ଯାପିତ

ବିଭିନ୍ନ ଆଦିମ ଜନଜାତି ଅଧ୍ୟୁଷିତ ତଥା ଐତିହାସିକ କିମ୍ବଦନ୍ତୀ ସମ୍ପନ୍ନ ଜିଲାର କଳା ସଂସ୍କୃତି ଓ ପାରମ୍ପରିକ ଲୋକନୃତ୍ୟ, ବାଦ୍ୟଯନ୍ତ୍ର ଓ ସଂଗୀତ ମାଧ୍ୟମରେ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ପରେ ବ୍ଲକ କର୍ମଚାରୀମାନଙ୍କୁ ନେଇ ଫେସନ ଶୋ ହୋଇଥିଲା। ଉଦ୍‌ଯାପନୀରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ ମହାନ୍ତିଙ୍କ ନୃତ୍ୟରେ ଦର୍ଶକ ଝୁମିଥିଲେ। ମହୋତ୍ସବ ଉପଲକ୍ଷେ ବ୍ଲକ୍ କାର୍ଯ୍ୟାଳୟ ଓ ଏମଭି ୯୦ ଛକଠାରୁ ମହୋତ୍ସବ ପଡିଆ ଯାଏ ରାସ୍ତାକୁ ଆଲୋକମାଳାରେ ସଜାଯାଇଛି। କାଲିମେଲା ଓ ପଡିଆ ବ୍ଲକ୍‌ର ହଜାର ହଜାର ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଥାନାଧିକାରୀ ମୁକୁନ୍ଦ ମେଲକାଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଅଭିଯୋଗ ସତ୍ତ୍ୱେ ହଟୁନି ବିପଦସଙ୍କୁଳ ଗଛ, ବିଦ୍ୟୁତ୍ ଖୁଣ୍ଟ

ନନ୍ଦପୁର/ପାଡୁଆ, ୫।୧୨
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତ ଆବର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟଭାଗରେ ଥିବା ଏକ କଦମ୍ବ ଗଛ ଓ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାଦ୍ୱାରା ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ବିଦ୍ୟାଳୟ ପରିସରରୁ ଉକ୍ତ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ପରିଚାଳନା କମିଟି ସଭାପତି ଦାମୋଦର ମାଝୀ, ୱାର୍ଡସଭ୍ୟ କାମେଶ୍ୱର ଆମିଡି, ଅବିଭାବକ ଆଦୁ ଜାଲା, ରବୀନ୍ଦ୍ର ପେଲମାଲ ପ୍ରମୁଖ ନନ୍ଦପୁର ବ୍ଲକ ପ୍ରଶାସନ, ଶିକ୍ଷାଧିକାରୀ, ବାଲଡା ବନାଞ୍ଚଳ ଅଧିକାରୀ, ନନ୍ଦପୁର ଟିପି ଏସଓଡିଏଲ କର୍ତ୍ତୃପକ୍ଷଙ୍କୁ ଦାବି କରିଥିଲେ। ଏ ନେଇ ୨୫।୧୧।୨୦୨୫ରେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ସମସ୍ତ ଅଧିକାରୀ ଦେଇଥିବା ପ୍ରତିଶ୍ରୁତି ଏଯାଏ ପାଳନ ହୋଇ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନନ୍ଦପୁର ବ୍ଲକ, ଜିଲା ପ୍ରଶାସନ ଓ ଟିପି ଏସ୍‌ଓଡିଏଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଗଛ ଓ ବିଦ୍ୟୁତ୍ ଖୁଣ୍ଟକୁ ହଟାଇବା ନେଇ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଗୋବିନ୍ଦପାଲି, ୫।୧୨(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ଶିକ୍ଷା ମଣ୍ଡଳର ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପୋଡ଼ଘାଟସ୍ଥିତ ମୁଦୁଲିପଡ଼ା ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଗଣ୍ଡଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଦ୍ମ କିର୍ସାନୀ,ଖଇରପୁଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ରଞ୍ଜନ ନାୟକ, ସାମାଜିକ କର୍ମୀ ଆନନ୍ଦ ଚାର୍ଜୀ,ସରପଞ୍ଚ ପୋଡ଼ଘାଟ ଗୁର ମଲଲି, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମୁଦୁଲି, ଖଇରପୁଟ ସରପଞ୍ଚ ଦୈମତି ଗୋଲପେଦା, ସରପଞ୍ଚ ମୁଦୁଲିପଡ଼ା ଶମ୍ବାରି ଧାଙ୍ଗଡ଼ାମାଝୀ,ସମିତିସଭ୍ୟା ରାଧିକା କାଲାକୁରା, ନାୟବ ସରପଞ୍ଚ ମନୋଜ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିରେନ୍ଦ୍ର କୁମାର ପ୍ରଧାନ, ଆବାହକ ତଥା ଅଧ୍ୟକ୍ଷ ଆଦର୍ଶ ବିଦ୍ୟାଳୟ ରାଜୀବ କୁମାର ଦତ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟରୁ ୮୨ ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦଯାପନୀରେ ମୁଖ୍ୟ ଅତିଥି ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ପ୍ରସାଦ ବେହେରା, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ନିରଞ୍ଜନ ରାଜୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଦ୍ମ କିର୍ସାନୀ, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ସଦସ୍ୟ ଶିବ ପ୍ରସାଦ ବେହେରା, ପ୍ରଧାନଶିକ୍ଷକ ମାନସ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚୟନ ହୋଇଥିବା ୭ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା। ୭ଗୋଟି ସବ ସେମାନେ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ସେହିପରି ୯ ପ୍ରକଳ୍ପକୁ ବ୍ଲକସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେବରାଜ ସେଠୀ ମଞ୍ଚ ପରିଚାଳନା କରିଥିଲେ।

# ଭୂସମ୍ପଦ ତଥ୍ୟାବଳୀ ସଚେତନତା ଶିବିର

ବୈପାରୀଗୁଡା, ୫।୧୨(କଳ୍ପତରୁ ମହାନ୍ତି)

ବୈପାରୀଗୁଡା ବ୍ଲକ ମାଝିଗୁଡା ପଞ୍ଚାୟତ ଅଧୀନ ଭାଟିପଡ଼ାରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ପକ୍ଷରୁ ଚାଷୀମାନଙ୍କୁ ନେଇ ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। କୋରାପୁଟ ପ୍ରକଳ୍ପ ନିର୍ଦ୍ଦେଶକ ଶିବଚରଣ ଜେଠୀଙ୍କ ଅଧ୍ୟକ୍ଷତାରେ ସହକାରୀ ନିର୍ଦ୍ଦେଶକ ସୁମନ ରାଉତ, ପ୍ରଶାନ୍ତ କୁମାର ଗୁପ୍ତା,ବିଧାୟକ ପ୍ରତିନିଧି ପ୍ରଭାକର ରାଓ,ସରପଞ୍ଚ ମଞ୍ଜୁ ଶିକର୍ଲିଆ,ସମିତିସଭ୍ୟା ପାର୍ବତୀ ଗାଦବା,ଜିଲା ପରିଷଦ ସଭ୍ୟା ମଣିଜାନି ପ୍ରମୁଖ ଯୋଗଦେଇଥିଲେ। ଜଳ ବିଭାଜିକା ଉନ୍ନୟନ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ପୂର୍ବରୁ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା ଭୂସମ୍ପଦ ତଥ୍ୟାବଳୀ କାର୍ଡର ଉପାଦେୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଡରେ ଉଲ୍ଲେଖ ତଥ୍ୟକୁ ଆଧାର କରି ଚାଷୀମାନେ ଚାଷ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ କିଛି ସଫଳ ଚାଷୀ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏକ ସଚେତନତା ରଥ ଗ୍ରାମ ପରିକ୍ରମା କରିଥିଲା।



ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଗରମ ପାଣିରେ ପଡ଼ି ଶିଶୁ ଗୁରୁତର

କାଲିମେଲା,୫।୧୨(ଜୀବନକୃଷ୍ଣ ଦାସ)

ମାଲାକାନଗିରି ଜିଲା କାଲିମେଲା ବ୍ଲକ ଚିନ୍ତାଲୱାଡା ପଞ୍ଚାୟତ ଅଧୀନ ମଝିଗୁଡା ଗ୍ରାମର ରାମା ମାଡକାମିଙ୍କ ୪ ବର୍ଷର ପୁଅ ରମେଶ ଗରମ ପାଣିରେ ପଡ଼ି ଗୁରୁତର ଆହତ ହୋଇଥିବା ଦେଖିବାକୁ ମିଳିଛି। ଏହା ପରେ ରମେଶଙ୍କୁ ଆମ୍ବୁଲାନ୍ସ ଯୋଗେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ନ ୟୁନିଟ ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ଶିଶୁଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଶୁକ୍ରବାର ମା’ ଭୀମେ ମାଡକାମି ଘର ନିକଟରେ କଡ଼େଇରେ ଗରମ ପାଣି କରୁଥିବା ବେଳେ ନିକଟରେ ଖେଳୁଥିବା ରମେଶ ଅନ୍ୟମନସ୍କ ହୋଇ କଡ଼େଇରେ ପଡି ଯାଇଥିଲେ। ୫୦ ପ୍ରତିଶତ ଶରୀର ପୋଡି ଯାଇଛି।

# ବିଶ୍ୱ ମୃତ୍ତିକା ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଦଶମନ୍ତପୁର, ୫।୧୨(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ୬ ପଞ୍ଚାୟତର ୧୧ ସ୍ଥାନରେ ବିଶ୍ୱ ମୃତ୍ତିକା ଦିବସ ଶୁକ୍ରବାର ପାଳିତ ହୋଇଛି। ଅଗ୍ରଗାମୀ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଟିକାମ୍ବ ପଞ୍ଚାୟତ ଫଟକି ଜାମ ଗ୍ରାମସ୍ଥିତ ଚାଷୀ ପାଠଶାଳାରେ ସରପଞ୍ଚ ସାଇବେଣୀ ଜାନି ଉଦଘାଟନ କରିଥିଲେ। ସେହିପରି ଡୁମ୍ବାଗୁଡ଼ା ପଞ୍ଚାୟତରେ ସରପଞ୍ଚ କୁନି ମୁଦୁଲି ଓ ଅନ୍ୟ ୯ ପଞ୍ଚାୟତମାନଙ୍କରେ ସରପଞ୍ଚମାନେ ଉଦ୍‌ଘାଟନ କରିଥିଲେ। ଅଙ୍ଗନୱାଡି, ଆଶା କର୍ମୀ ଓ ୫୭ ଗାଁର ୫୩୪ ଚାଷୀ ଉପସ୍ଥିତ ଥିଲେ। ମୃତ୍ତିକା ଦିବସର ମୁଖ୍ୟ ବିଷୟ ଓ ମାଟି ମା’ଙ୍କୁ ବଞ୍ଚାଇବା ନେଇ ଅତିଥି ମତ ରଖିଥିଲେ। ମାଟିରେ ସୁରକ୍ଷା ଜୀବନ ରକ୍ଷା ସ୍ଲୋଗାନ ଦେଇ ବାର୍ତ୍ତା ଦେଇଥିଲେ। ରାସାୟନିକ ସାର ପରିତ୍ୟାଗ କରି ଜୈବିକ ପଦ୍ଧତିରେ ଚାଷ କରି ମାଟିକୁ ବଞ୍ଚାଇବା ଏହାର ମୁଖ୍ୟ ଲକ୍ଷ୍ୟ। ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ପରିଚାଳନା କରିଥିଲେ।

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କଲେ ଜିଲାପାଳ

ସୁନାବେଡ଼ା,୫।୧୨(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସୁନାବେଡ଼ା ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶୁକ୍ରବାର ତଦାରଖ କରିଛନ୍ତି। ସ୍ଥାନୀୟ ଆହାର କେନ୍ଦ୍ର ପରିଦର୍ଶନକରି ନିକଟରେ ଥିବା ରାତ୍ରି ଆଶ୍ରୟ କେନ୍ଦ୍ର ବୁଲି ଦେଖିଥିଲେ। ଏହା ପରେ ମ୍ୟୁନିସିପାଲିଟି କଲୋନି ନିକଟରେ ନିର୍ମାଣ ହୋଇଥିବା ନୂଆ ମିଶନ ଶକ୍ତି କାଫେ ଷ୍ଟଲ୍‌ଗୁଡ଼ିକୁ ଦେଖିଥିଲେ। ଜଡ଼ାଗୁଡ଼ା ଏଫ୍‌ଏସ୍‌ଟିପି ପ୍ଲାଣ୍ଟ ପରିସର ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ କର୍ମଚାରୀଙ୍କ ସଙ୍ଗେ ଆଲୋଚନା କରିଥିଲେ। ଜଡ଼ାଗୁଡ଼ା ଗାଁରେ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଡ୍ରେନ୍ କଲଭର୍ଟ ଓ ବି.ଟି.ରୋଡ୍ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ହାଉସିଂ ବୋର୍ଡରେ ଥିବା ଏମ୍‌ସିସି, ଏମ୍‌ଆର୍‌ଏଫ୍ କେନ୍ଦ୍ର ପରିଦର୍ଶନକରି କାର୍ଯ୍ୟରତ ମହିଳାମାନଙ୍କ ସହ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେମିଳିଗୁଡ଼ା ଭେଣ୍ଡିଂ ଜୋନ୍‌ର ସ୍ଥିତି ଅନୁଧ୍ୟାନକରି ନିର୍ମାଣ ହୋଇଥିବା ଶୌଚାଳୟକୁ ଶୀଘ୍ର ପାଣି ସଂଯୋଗ ସହ ବ୍ୟବହାର ଉପଯୋଗୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭେଣ୍ଡିଂ ଜୋନ୍ ପରିସର ପେଭର ବ୍ଲକ୍, ଗାଡ଼ି ପାର୍କିଂ ଓ ବାକି ରହିଥିବା ଅନ୍ୟ ଉନ୍ନୟନ କାର୍ଯ୍ୟଗୁଡ଼ିକର ସମୀକ୍ଷାକରି ବହୁ ଦିନରୁ ନିର୍ମାଣ ହୋଇ ତାଲା ବନ୍ଦ ହୋଇ ପଡ଼ିଥିବା ପ୍ରାୟ ୬୦ ଦୋକାନଗୃହର ତୁରନ୍ତ ଆବଣ୍ଟନ ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିସିବିଏଫ୍‌ରୁ ଜାନୀଗୁଡ଼ା ନଦୀକୂଳରେ ପ୍ରସ୍ତାବିତ ବୋଟିଂ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା କରିବା ସହ ତା’ର ଡିପିଆର୍ ପ୍ରସ୍ତୁତି କରିବାକୁ ବିଶେଷ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, କନିଷ୍ଠଯନ୍ତ୍ରୀ ଅରୁଣ କୁମାର ନାୟକ, ପାରିଷଦ ସୁସଜିତା ଭଦ୍ରା, ରାମ ବେନିଆ ଓ ମନୋଜ ସୁନାଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ୩ ନଂ. ୱାର୍ଡ ଜଡ଼ାଗୁଡ଼ା ଗାଁର ଆଦିମାତା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାପତି ଭବାନୀ ପ୍ରଧାନ ଓ ସମ୍ପାଦକ ରଇଲୁ ହଞ୍ଜରିଆ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପିଡିଏସ୍ ଚାଉଳ ବଣ୍ଟନ କେନ୍ଦ୍ର ଖୋଲିବାକୁ ବହୁ ଦିନରୁ ଅନୁମତି ପାଇଥିଲେ ସୁଦ୍ଧା ଏହାର କାର୍ଯ୍ୟକାରୀ ହେଉ ନ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲାପାଳ ଦାବିପତ୍ର ଗ୍ରହଣକରି କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।



ଜିଲାପାଳ ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ବିଷୟ ନେଇ ଆଲୋଚନା କରୁଛନ୍ତି।

# ‘୨୦୨୭ ସୁଦ୍ଧା କୋରାପୁଟ ଜିଲା କୁଷ୍ଠରୋଗ ମୁକ୍ତ ହେବ’

### ସ୍ୱାସ୍ଥ୍ୟ ବିଭାଗର ଚେଷ୍ଟାକୁ କେନ୍ଦ୍ରର ପ୍ରଶଂସା

କୋରାପୁଟ,୫।୧୨(ଅମିତାଭ ବେହେରା)




କାର୍ଯ୍ୟକ୍ରମରେ ଉପସ୍ଥିତ ଲେପ୍ରା ପରାମର୍ଶଦାତା, ଏଡିପିଏଚଓ ଏବଂ ଅନ୍ୟମାନେ।

କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗର ୨୦୨୭ ସୁଦ୍ଧା କୁଷ୍ଠରୋଗ ମୁକ୍ତ ଜିଲା ଗଠନ ଉଦ୍ୟମକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି। ଲେପ୍ରା ସୋସାଇଟି ପକ୍ଷରୁ ଦେଶର ୧୨୧ ଜିଲାରେ କୁଷ୍ଠରୋଗ ନିରାକରଣ ଓ ସମ୍ପୂର୍ଣ୍ଣ ମୂଳୋତ୍ପାଟନ ନେଇ କାର୍ଯ୍ୟ କରାଯାଉଛି। ଓଡ଼ିଶାରେ ୨୫ ଜିଲାର ୧୫୫ ବ୍ଲକକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ସେଥିରେ ଜିଲାର ଜୟପୁର,କୋଟପାଡ଼ ଓ ବୋରିଗୁମ୍ମା ବ୍ଲକ୍ ରହିଛି। କୁଷ୍ଠମୁକ୍ତ ଜିଲା ଭାବେ ଘୋଷଣା ହେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଚେଷ୍ଟା ଜାରି ରହିଛି। ଏଥିପାଇଁ ନଭେମ୍ବର ୧୭ରୁ ୩୦ ମଧ୍ୟରେ ଏକ ସ୍ୱତନ୍ତ୍ର ଅନୁଧ୍ୟାନ ଟିମ୍ ଗଠନ କରାଯାଇଥିଲା। ପୂର୍ବରୁ ଜିଲାର ଜୟପୁର ବ୍ଲକ ରାବଣାଗୁଡା, କୋଟପାଡ଼ ଏବଂ ବୋରିଗୁମା ବ୍ଲକ୍ ସିଏଚ୍‌ସି ଅଞ୍ଚଳରେ ୮୩ଜଣ କୁଷ୍ଠରୋଗୀ ଚିହ୍ନଟ କରାଯାଇଛି। ସେଥିରେ ୨ ଶିଶୁ ରହିଥିବା ଜଣାପଡ଼ିଛି। କୁଷ୍ଠରୋଗ ଏକ ସଂକ୍ରମଣ ରୋଗ ହୋଇଥିବାରୁ ଶିଶୁଙ୍କୁ ଏଥିରୁ ମୁକ୍ତ ରଖାଗଲେ ଏହି ରୋଗରୁ ଜିଲାକୁ ସମ୍ପୂର୍ଣ୍ଣ ମୁକ୍ତ କରାଯାଇପାରିବା ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଆର.ଏନ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଲେପ୍ରା ଅଧିକାରୀ ଏଡିପିଏଚ ଓ ଡା.ମୁକ୍ତିକାନ୍ତ ଖଟୁଆଙ୍କ ନେତୃତ୍ୱରେ ଜିଲା କୁଷ୍ଠରୋଗ ନିରାକରଣ ପରାମର୍ଶଦାତା ରାକେଶ ଚନ୍ଦ୍ର କଲେତ, ଏନ୍‌ଏମ୍‌ଏସ ବି.ଭାସ୍କର ରାଓ, ଲେପ୍ରା ସୋସାଇଟି ପ୍ରକଳ୍ପ ଅଧିକାରୀ ଏ.ଅନିଲ କୁମାରଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ଏହି ଟିମ୍ ଉକ୍ତ ୩ ବ୍ଲକ ଅଞ୍ଚଳକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବାରମ୍ବାର ଅନୁଧ୍ୟାନ କରିବା ପରେ ଜୟପୁର ରାବଣାଗୁଡ଼ା ଅଞ୍ଚଳରେ ନୂତନ ଭାବେ ଜଣେ ଶିଶୁଙ୍କ ସମେତ ଦୁଇଜଣଙ୍କୁ ଚିହ୍ନଟ କରାଯାଇଛି। କୋଟପାଡ଼ ଅଞ୍ଚଳରେ ୨ ଶିଶୁଙ୍କ ସହ ୧୭ ଜଣ ଏବଂ ବୋରିଗୁମ୍ମା ଅଞ୍ଚଳରେ ୨ ଶିଶୁଙ୍କ ସହ ୩୫ ଜଣ ଚିହ୍ନଟ ହୋଇଛନ୍ତି। ନୂତନ ଭାବେ ଚିହ୍ନଟ ୫୪ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିବା ଏଡିପିଏଚଓ ଡ଼ା ଖଟୁଆ ପ୍ରକାଶ କରିଛନ୍ତି। ନୂତନ ଓ ପୁରୁଣା ମିଶି ଜିଲାରେ ୧୩୫ ଜଣଙ୍କ ମଧ୍ୟରୁ ୨୦ଜଣ ସ୍ୱଳ୍ପ ଜୀବାଣୁ ସଂକ୍ରମିତ ହୋଇଛନ୍ତି। ୬୧ଜଣ ଅଧିକ ଜୀବାଣୁ ସଂକ୍ରମଣର ଶିକାର ହୋଇଛନ୍ତି। କେନ୍ଦ୍ର ବିଶେଷଜ୍ଞ ଡାକ୍ତର ଭି. ଶାନ୍ତାରାମ, ରାଜ୍ୟ ଆଇଲେପ ପରାମର୍ଶ ଦାତା ଡା. ଋତୁପର୍ଣ୍ଣା ହୋତା ଏବଂ ରାଜ୍ୟ ଲେପ୍ରୋସି ସେଲର କେ. ଈଶ୍ୱର ରାଓ ପ୍ରମୁଖ ଜିଲା ଅନୁଧ୍ୟାନ କରିବା ପରେ ୨୦୨୭କୁ କୋରାପୁଟ ଜିଲା ସମ୍ପୂର୍ଣ୍ଣ କୁଷ୍ଠ ମୁକ୍ତ ହୋଇପାରିବ ବୋଲି ଆଶା ପ୍ରକଟ କରିଛନ୍ତି ,ତେବେ ଏହି ଅଭିଯାନକୁ ଜୋରଦାର ଜାରି ରଖିବା ଏବଂ ଜିଲାକୁ କୁଷ୍ଠରୋଗମୁକ୍ତ କରିବା ପାଇଁ ବିଭାଗୀର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ମିଶ୍ର ତାଗିଦ କରିଛନ୍ତି। ଏ ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ସଂଯୋଜକ ଉମେଶ ପ୍ରସାଦ ଷଡଙ୍ଗୀ,ଜିଲା ଆଶା ସଂଯୋଜକ ନୀଳାଞ୍ଚଳ ପଟ୍ଟନାୟକ, ସମସ୍ତ ସିଏସସି ଅଧିକାରୀ, ଲେପ୍ରୋସି କର୍ମଚାରୀ, ଆର କେଏସ, ଆର ବି ଏସକେ, ଏଏନଏମ, ସିଏଚଓଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି। ଏହା ଏଡିପିଏଚଓ ଡ଼ା.ଖଟୁଆଙ୍କ ନେତୃତ୍ୱରେ ପରିଚାଳିତ ହେବା ସହ ଜିଲା ଲେପ୍ରା ପରାମର୍ଶ ଦାତା ଡ଼ା. ରାକେଶ ଚନ୍ଦ୍ର କଲେଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ଜାରି ରହିଛି।

# ସାମାଜିକ ନ୍ୟାୟପୂର୍ଣ୍ଣ ଗ୍ରାମ ପଞ୍ଚାୟତ ଗଠନ ପାଇଁ ସମସ୍ତ ସ୍ୱର ଉଠାଇବା ଉପରେ ତାଲିମ

ଡାବୁଗାଁ, ୫।୧୨ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ଏକ ସାମାଜିକ ସୁରକ୍ଷିତ ଏବଂ ସାମାଜିକ ନ୍ୟାୟପୂର୍ଣ୍ଣ ଗ୍ରାମ ପଞ୍ଚାୟତ ଗଠନ ପାଇଁ ସମସ୍ତ ସ୍ୱର ଉଠାଇବା ଉପରେ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଶିକ୍ଷକ ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ଓ ଓଏଲ୍ଏମ ବିପିଏମ୍ ଦୀପ୍ତି କିଶୋର ନାୟକ ପ୍ରମୁଖ ଯୋଗଦେଇ ତାଲିମ ଦେଇଥିଲେ। ଏଥିରେ ସମସ୍ତ ସ୍ୱର ଉଠାଇବା ୩ଟି ଦିଗ ଯଥା: ସାମାଜିକ ଭାବରେ ସୁରକ୍ଷିତ, ସାମାଜିକ ଭାବରେ ନ୍ୟାୟଯୁକ୍ତ ଓ ସାମାଜିକ ଭାବରେ ଶସକ୍ତ, ଗ୍ରାମ ପଞ୍ଚାୟତର ଭୂମିକା ଆଦି ଉପରେ ତାଲିମ ଦିଆଯାଇଥିଲା । ଏଥିରେ ୩୦ ଜଣ ଅଙ୍ଗନୱାଡି କର୍ମୀ, ୨୦ ଜଣ ଆଶା କର୍ମୀ ଓ ୩ ଜଣ ଏମ୍‌ବିକେ ମୋଟ ୫୩ ଜଣ ତାଲିମ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପେସା ସଂଯୋଜକ ଶୁଭଶ୍ରୀ ମହାଙ୍କୁଡ ପରିଚାଳନା କରିଥିଲେ ।

# ୮ ଭୋଟରେ ଅଧ୍ୟକ୍ଷା ପଦ ଜିତିଲେ ସ୍ୱାଧୀନ ପ୍ରାର୍ଥୀ ବନିତା

କୁନ୍ଦୁରା,୫।୧୨ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଉପ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ବନିତା କାନ୍ଦୁଲିଆ ଜିତି ବ୍ଲକ୍ ଅଧ୍ୟକ୍ଷା ହୋଇଛନ୍ତି। ପ୍ରଶାସନ ପକ୍ଷରୁ ବ୍ଲକ ସଭାଗୃହରେ ଉପ ନିର୍ବାଚନ ହୋଇଥିଲା। ନିର୍ବାଚନ ଅଧିକାରୀ ବୋରିଗୁମ୍ମା ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ନିର୍ବାଚନ ହୋଇ ପୂର୍ବାହ୍ନରେ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ଫୁପୁଗାଁ ପଞ୍ଚାୟତ ସମିତି ସଭ୍ୟା ଚନ୍ଦ୍ରିକା କାନ୍ଦୁଲିଆ ବିଜେଡି ପ୍ରାର୍ଥୀ ଏବଂ ବାଣୁଆଗୁଡ଼ା ସମିତି ସଭ୍ୟା ବନିତା ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବନିତାଙ୍କ ସପକ୍ଷରେ ୮ ଓ ଚନ୍ଦ୍ରିକାଙ୍କ ସପକ୍ଷରେ ୬ ଖଣ୍ଡ ଭୋଟ ଆସିଥିଲା। ଜିଲାପାଳଙ୍କ ବିଜ୍ଞପ୍ତି ପରେ ସେ ଅଧ୍ୟକ୍ଷା ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବେ।

# 'ମୃତ୍ତିକା ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରେ'



କାର୍ଯ୍ୟକ୍ରମରେ ସିୟୁଓ କୁଳପତି ନରସିଂହ ଚରଣ ପଣ୍ଡା ଓ ଅନ୍ୟମାନେ।

## ସିୟୁଓରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

କୋରାପୁଟ,୫।୧୨ (ଅମିତାଭ ବେହେରା)

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର କୃଷି ବିଭାଗ ଆନୁକୁଲ୍ୟରେ ମୃତ୍ତିକା ସଂରକ୍ଷଣ ଏବଂ ସ୍ଥାୟୀ କୃଷି ପ୍ରଣାଳୀର ଗୁରୁତ୍ୱ ଉପରେ ଆଲୋକପାତ କରି ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଛି। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଗୁରତ୍ୱ ଦେଇଥିଲେ। ଛାତ୍ରମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ପାଇଁ ବୈଜ୍ଞାନିକ ପଦ୍ଧତି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କୋରାପୁଟର କୃଷି ଜିଲା ଅଧିକାରୀ ଏ.ହେମନ୍ତ କୁମାର ପଢିହାରୀ ଯୋଗଦେଇଥିଲେ। ମୃତ୍ତିକା ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଭିନ୍ନ ସରକାରୀ ପଦକ୍ଷେପ ନେଇ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ବିତ୍ତ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ଭାରପ୍ରାପ୍ତ କୁଳ ସଚିବ ଡ. ରାକେଶ କୁମାର ଲେଙ୍କା, ବୈଜ୍ଞାନିକ ଡ. ବିମାନରଞ୍ଜନ ବେହେରା ଉପସ୍ଥିତ ଥିଲେ। ଡ.ଅନୁପମ ଡାକୁଆଙ୍କ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଦୁଗ୍ଧ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସଞ୍ଜୟ ପ୍ରଧାନ, ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ସିୟୁଓ ଡ. ପ୍ରଦୋଷ, ଡ. ସୁମନ ପ୍ରମୁଖ ଉପସ୍ଥିତ ଥିଲେ।

# ୯ରେ ଚନ୍ଦାହାଣ୍ଡି ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ

ଚନ୍ଦାହାଣ୍ଡି,୫।୧୨ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭା ଗୃହଠାରେ ଶୁକ୍ରବାର ଚଳିତ ବର୍ଷ ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପାଳନ କରିବା ପାଇଁ ବିଡିଓ ଚଇନ ଗଣ୍ଡଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୯ ତାରିଖରେ ବ୍ଲକ ପରିସରରେ ମଣ୍ଡେଇ ଉତ୍ସବ ପାଳନ କରାଯିବା ସହ ମା' ପେଣ୍ଠ୍ରାଣୀ ମନ୍ଦିରରେ ପୂଜା ଅର୍ଚ୍ଚନା କରାଯାଇ ସେଠାରୁ ମଶାଲ ବାହାର କରାଯିବ। ମଶାଲ ଶୋଭାଯାତ୍ରାରେ ବ୍ଲକ୍‌ର ବୋବରିଆ ଗ୍ରାମର ଲୋକକଳା ଘୁମୁରା ନାଚ, କଚ୍ଛାରପଡା ଗ୍ରାମର ଆଦିବାସୀ ଲୋକକଳା ମାଦଲି ନାଚ ଏବଂ ପାନାବେଡା ଯାଦବ ସମ୍ପ୍ରଦାୟର ପାରମ୍ପରିକ ବନାବାଡି ନାଚ ପରିବେଷଣ କରାଯିବ । ଏଥିପାଇଁ ଚନ୍ଦାହାଣ୍ଡି ବ୍ଲକ କଳାକାର ସଂଘର ସଭାପତି ଭୀମସେନ ଡଙ୍ଗରି ଏବଂ କଳାକାର ପିତାମ୍ବର ସୋରିଙ୍କୁ ଦାୟିତ୍ୱ ଦିଆଯିବ ବୋଲି ବୈଠକରେ ବିଡିଓ ପ୍ରସ୍ତାବ ଦେଇଥିଲେ ।


ବୈଠକରେ ବିଡିଓଙ୍କ ସହ ଅନ୍ୟ ଅଧିକାରୀ ଓ ଜନପ୍ରତିନିଧି।

ଏହାବ୍ୟତୀତ ପାରମ୍ପରିକ ଦେବାଦେବୀଙ୍କ ଲାଠି ବିମାନ, ଶିରା, ପୂଜାରୀଙ୍କୁ ନିମନ୍ତ୍ରିତ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । ମଣ୍ଡେଇରେ ମୁଖ୍ୟ ଏବଂ ସମ୍ମାନୀତ ଅତିଥି ଭାବରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଚନ୍ଦାହାଣ୍ଡି ଜିଲା ପରିଷଦ ଜୋନ ୧ ବର୍ଷାରାଣୀ ପଟେଲ, ୨ କେତକୀ ମଲ୍ଲୀ ଗୌଡ଼, ସମାଜସେବୀ ୧୪ଟି ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟଙ୍କୁ ନିମନ୍ତ୍ରଣ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲ। ସିଡିପିଓ ସୁଦର୍ଶନୀ ରଥ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ କୁମାର ପରିଡା, ସହକାରୀ ଯନ୍ତ୍ରୀ ଭଗବାନ ବେହେରା, ଜଳଯୋଗାଣ ସହକାରୀ ଯନ୍ତ୍ରୀ ଅନୀତା ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଧୁରୁଆ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଜୟାନନ୍ଦ ସୋରି, ବ୍ଲକ ମିଶନ ଶକ୍ତି ସଂଯୋଜକ ବନମାଳି ଖୋସଲା ସମସ୍ତ ପିଇଓ ଉସ୍ଥିତ ରହି ଥିଲେ ।

# ୪୨ ଏକର ଜମିରୁ ୫୦୪୦୦ ଗଞ୍ଜେଇ ଗଛ ନଷ୍ଟ

ନନ୍ଦପୁର/ପାଡୁଆ, ୫।୧୨
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ୍ ଅଧୀନ ଡୁମୁରିଗୁଡ଼ା ଓ ତୁଆଫୁଲ ଗ୍ରାମ ପାର୍ଶ୍ୱ ଜଙ୍ଗଲରେ ଅବକାରୀ, ପୋଲିସ, ତହସିଲ ଓ ବନ ବିଭାଗ କର୍ମଚାରୀ ମିଳିତ ଚଢ଼ାଉ କରି ୪୨ ଏକର ଜମିରୁ ୫୦୪୦୦ ଗଞ୍ଜେଇ ଗଛ ପୋଡ଼ି ନଷ୍ଟ କରିଛନ୍ତି। ଚଢ଼ାଉରେ ପାଡୁଆ ଥାନାଧିକାରୀ ଅଶୋକ ବିଶୋଇ, ନନ୍ଦପୁର ଅବକାରୀ ଥାନା ଓଆଇସି ଅଭୟ କୁମାର ନାୟକ, ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀ, ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ନୀରିକ୍ଷକ ଚନ୍ଦ୍ରଶେଖର ପଡ଼ିହାରି ସାମିଲ ଥିଲେ। ଗଞ୍ଜେଇ ଚାଷ ହୋଇଥିବା ଜମି ସରକାରୀ ଓ ଜଙ୍ଗଲ କିସମର ବୋଲି ଜଣାପଡିଛି। ଗଞ୍ଜେଇ ଚାଷୀଙ୍କୁ ଚିହ୍ନଟ ପାଇଁ ପାଡୁଆ ଥାନାରେ ନଂ ୧୩୬/୨୫ରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଦୀପକ କୁମାର ବାରିକ ତଦନ୍ତ କରୁଛନ୍ତି। ଅବକାରୀ ଥାନାରେ ନଂ ୨୨୫/୨୫ରେ ମାମଲା ରୁଜୁ କରି ଡିଏଫଏସ ଇନ୍ସପେକ୍ଟର ଚନ୍ଦ୍ର ଶେଖର ପଡ଼ିହାରି ତଦନ୍ତ କରୁଛନ୍ତି।

# ମଣ୍ଡେଇ ପାଇଁ ଲୋକଗୀତ, ପାରମ୍ପରିକ ବେଶଭୂଷା ପ୍ରତିଯୋଗିତା


ବିଚାରକଙ୍କ ସହ ପ୍ରତିଯୋଗିତାରେ ଭାଗନେଇଥିବା କଳାକାରମାନେ।

ନବରଙ୍ଗପୁର,୫।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସଂସ୍କୃତି ଭବନଠାରେ ଶୁକ୍ରବାର ଆଦିବାସୀ ସଂସ୍କୃତି ଓ ପରମ୍ପରାର ପ୍ରାଣବନ୍ତ ସ୍ପନ୍ଦନ ଦେଖିବାକୁ ମିଳିଥିଲା । ଆଗାମୀ ମଣ୍ଡେଇ-୨୦୨୫ ମହୋତ୍ସବ ପରିପ୍ରେକ୍ଷୀରେ ଜିଲାସ୍ତରୀୟ ଲୋକଗୀତ ପ୍ରତିଯୋଗିତା ଏବଂ ପାରମ୍ପରିକ ବେଶଭୂଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସକାଳ ୧୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଦିନିକିଆ କାର୍ଯ୍ୟକ୍ରମରେ ଲୋକଗୀତ ପ୍ରତିଯୋଗିତାରେ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣକରି ସୁନ୍ଦର ଆଦିବାସୀ 'ଗୀତକୁଡ଼ିଆ ଗୀତକୁଡ଼ିଆଣୀ' ପରିବେଷଣ କରିଥିଲେ। ସେହିପରି ପାରମ୍ପରିକ ବେଶଭୂଷା ପ୍ରତିଯୋଗିତାରେ ୧୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣକରି ଆକର୍ଷଣୀୟ 'ଦେଶିଆ' ଆଦିବାସୀ ପୋଷାକରେ ପ୍ରତିଭା ପ୍ରଦର୍ଶନ ଦେଇଥିଲେ। ଜିଲାର ପ୍ରମୁଖ କଳାକାର ଦେବଦାସ ମହାଙ୍କୁଡ଼, ଶ୍ଳାର୍ଡିକ ଭତ୍ରା ଏବଂ ନରସିଂହ ତ୍ରିପାଠୀ ବିଚାରକ ଭାବରେ ଯୋଗଦେଇଥିଲେ। ପାରମ୍ପରିକ ବେଶଭୂଷା ପ୍ରତିଯୋଗିତାରେ ନବରଙ୍ଗପୁରର ସସ୍ମିତା ଭତ୍ରା ପ୍ରଥମ, ଆରତି ଗଣ୍ଡ ଦ୍ୱିତୀୟ ଏବଂ ବିନ୍ଦିଆ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ଲୋକଗୀତ ପ୍ରତିଯୋଗିତାରେ ରାଧା ଧାକଡ଼ ପ୍ରଥମ, ଦାମୋଦର ପଣକା ଦ୍ୱିତୀୟ ଓ ଦମାଇ ଭତ୍ରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସମସ୍ତ ୬ଜଣ ବିଜେତାଙ୍କୁ ମଣ୍ଡେଇ ମହାମଞ୍ଚରେ ପୁରସ୍କାର ପ୍ରଦାନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ଆୟୋଜକ ଭାବରେ ଜିଲା ସଂସ୍କୃତି ଅଧିକାରୀ ସମସ୍ତ ପ୍ରତିଯୋଗୀଙ୍କୁ ସଂସ୍କୃତିର ପ୍ରଚାର ପାଇଁ ପ୍ରେରଣା ଦେଇଥିଲେ। ଜିଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆତ୍ମପ୍ରକାଶ ସାହୁ, ସଂସ୍କୃତି କାର୍ଯ୍ୟାଳୟର ପିଅନ ଏ. ସନ୍ତୋଷ କୁମାର ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ସୁବ୍ରତ ବିଶୋୟୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ନବରଙ୍ଗପୁରରେ ବିଶ୍ୱ ମୃତ୍ତିକା ଦିବସ

ନବରଙ୍ଗପୁର,୫।୧୨ (ସଦାଶିବ ପ୍ରହରାଜ)

ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଶୁକ୍ରବାର ଆୟୋଜିତ ହୋଇଛି। ଜିଲା କୃଷି ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୫ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସିଡିଓ ବିରଞ୍ଚି ନାରାୟଣ ଦରୱାନ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସୁଧୀରଞ୍ଜନ ବେହେରା, ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଶଶାଙ୍କ କୁମାର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୫୦ ଜଣ ଚାଷୀ ଯୋଗଦାନ କରିଥିଲେ। ଜିଲାରେ ୨୦୨୫-୨୬ ପାଇଁ ୧୩୦୦୦ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ୬୧୯୯ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

केंद्रीय दत्तक-ग्रहण संसाधन प्राधिकरण
Central Adoption Resource Authority
महिला एवं बाल विकास मंत्रालय, भारत सरकार
Ministry of Women & Child Development, Government of India

ADOPTION AWARENESS MONTH 2025 #EveryChildMatters
CARA

ଏ ହେଉଛନ୍ତି ସୋନାଲି, ଏକ ବାଳାଶ୍ରମରେ ରହୁଥିବା ଜଣେ ୫ ବର୍ଷ ବୟସର ଝିଅ । ସେ ବଢ଼ିଆ ଗୀତ ଗାଆନ୍ତି ।

ସୋନାଲି ପରି ଅନେକ ଦିବ୍ୟାଙ୍ଗ ଶିଶୁ ଅଛନ୍ତି,
ଯେଉଁମାନଙ୍କୁ ଖୁବ୍ କମ୍ ଲୋକ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରନ୍ତି_
କେବଳ ଏଇଥିପାଇଁ ଯେ ଆମ ସମାଜ ଦୃଷ୍ଟିରେ
ସେମାନେ 'ଭିନ୍ନ'


ଏଆଇ ଦ୍ୱାରା ଉତ୍ପନ୍ନ ଚିତ୍ର

ପ୍ରତ୍ୟେକ ଶିଶୁ ଖାସ୍ ହୋଇଥାଏ...
ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ମଧ୍ୟ ନିଜ ହୃଦୟ ଖୋଲିଦିଅନ୍ତୁ

କୌଣସି ବରିଷ୍ଠତା ତାଲିକା ନାହିଁ, ଦୀର୍ଘଦିନର ପ୍ରତୀକ୍ଷା ଅବଧି ନାହିଁ...
ବିଶେଷ ଆବଶ୍ୟକତାଧାରୀ ଶିଶୁଙ୍କ ପାଇଁ ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟା ଅପେକ୍ଷାକୃତ ଶୀଘ୍ର ହୋଇଥାଏ ।

ସେମାନଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିବା ପାଇଁ ମିଶନ୍ ବାତ୍ସଲ୍ୟ ପୋର୍ଟାଲରେ ଲଗ୍ ଇନ୍ କିମ୍ବା ପଞ୍ଜୀକରଣ କରନ୍ତୁ । 'ସ୍ପେଶାଲ ନିଡ୍' ଟ୍ୟାବ୍ ତଳେ ଆପଣ ପୋଷ୍ୟସନ୍ତାନ ପାଇଁ ଉପଲବ୍ଧ ଶିଶୁଙ୍କ ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ଏବଂ ଜଣେ ଶିଶୁକୁ ସିଧାସଳଖ ରିଜର୍ଭ କରିପାରିବେ ।

'ବିଶେଷ ଆବଶ୍ୟକତାଧାରୀ' ଶିଶୁ ଭାବେ ବର୍ଗୀକୃତ
ସମସ୍ତ ଶିଶୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇ ନ ଥାନ୍ତି

CBC 46102/12/0001/2526

#EveryChildMatters

https://cara.wcd.gov.in/ @cara_mwcd @cara_mwcd @CARAWCD @CARAWCD
CARA Helpline no: 1800-11-1311
Available between 8:00 AM to 8:00 PM (Mon-Fri)

# ସମାଜରେ ଯୌତୁକ ପ୍ରଥାର ମୂଳୋତ୍ପାଟନ ଜରୁରୀ

ନବରଙ୍ଗପୁର,୫।୧୨(ସଦାଶିବ ପ୍ରହରାଜ)



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ ।

## ଯୌତୁକ ନିଷେଧ ଅଧିନିୟମ ୧୯୬୧ ସମ୍ବନ୍ଧୀୟ ତାଲିମ

ନବରଙ୍ଗପୁର ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଅଶୋକ ମେହେତା ସମ୍ମିଳନୀ ଗୃହରେ ଶୁକ୍ରବାର ଯୌତୁକ ନିଷେଧ ଅଧିନିୟମ ୧୯୬୧ ସମ୍ବନ୍ଧୀୟ ତାଲିମ ଶିବିର ଆୟୋଜିତ ହୋଇଛି। ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଉକ୍ତ ତାଲିମ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ଯୌତୁକ ନିର୍ଯାତନାରେ ଆସୁଥିବା ଅଭିଯୋଗର ସମାଧାନ ଓ ନିରାକରଣ କିପରି ହେବ ତା' ଉପରେ ମତ ରଖିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଯୋଗଦେଇ ସମାଜରେ ଯୌତୁକ ପ୍ରଥା ଏବଂ ଏହାସହ ଜଡ଼ିତ ଅପରାଧ, ନିର୍ଯାତନା ଏକ ସାମାଜିକ ବ୍ୟାଧି ଓ ଦଣ୍ଡନୀୟ ଅପରାଧ। ଯୌତୁକ ନେବା ଓ ଦେବା ଏକ ଅପରାଧ ଏବଂ ଏହାର ମୂଳୋତ୍ପାଟନ ନିମନ୍ତେ ସମସ୍ତଙ୍କ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ଯୌତୁକ ପାଇଁ ଘଟୁଥିବା ଅପରାଧ ଓ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏଥିସହ ଯୌତୁକ ନିଷେଧ ଅଧିନିୟମ ୧୯୬୧ କିପରି ତୃଣମୂଳସ୍ତରରେ ପହଞ୍ଚାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ଡିପିଓ ସରୋଜ ପୁନମ କିସ୍‌ପଟା ଓ ଜିଲା ଆଇନ ସେବା ପ୍ରାଧିକରଣ ପ୍ରତିନିଧି ଭାବେ ଓକିଲ ରାକ୍ଷୀ ଜୈନ, ସାଧନ କର୍ମୀ ଭାବରେ ଉପସ୍ଥିତ ରହି ଯୌତୁକ ନିର୍ଯାତନା ଓ ଏହାର ନିରାକରଣ, ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ ତାଲିମ ପ୍ରଦାନ କରିଥିଲେ। ସର୍ବୋପରି ଝିଅମାନେ ଶିକ୍ଷିତ ଏବଂ ଆତ୍ମନିର୍ଭର ହେଲେ ଏହି ସାମାଜିକ ବ୍ୟାଧି ଲୋପ ପାଇବ ବୋଲି ମତ ପ୍ରକାଶ ପାଇଥିଲା। ଏହି ତାଲିମ ଶିବିରରେ ଏଡିପିଏଚ୍‌ଓ ଡାକ୍ତର ମଳୟ କୁମାର ତ୍ରିପାଠୀ, ଡିଇଓ ଛତ୍ରପତି ସାହୁ, ଡିଆଇପିଆର୍‌ଓ ମନୋଜ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ରାକେଶ ପଟ୍ଟନାୟକ, ଏଡିଡବ୍ଲ୍ୟୁଓ ଭାରତ ଚନ୍ଦ୍ର ସାହୁ, ଧାର୍ମିକ ଅନୁଷ୍ଠାନ ସୁନ୍ନୀ ଅଞ୍ଜୁମନ କମିଟିର ସଦସ୍ୟ ରେଭ ଡ ବିସପ ନାଗ, ୱାନ୍‌ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା, ନବରଙ୍ଗପୁର ମହାବିଦ୍ୟାଳୟ ଉପାଧ୍ୟକ୍ଷ ସଙ୍ଗୀତା ତ୍ରିପାଠୀ ଓ ଛାତ୍ରୀ, ଶୋଭା ଏନ୍‌ଜିଓର ଜିଲା ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟରେ ଜିଲା ମହିଳା ସଶକ୍ତି କେନ୍ଦ୍ର କର୍ମଚାରୀ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଧିକାରୀ ରୋମା ପଟ୍ଟନାୟକ ଶିବିରକୁ ସମ୍ପାଦନ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ପ୍ରଦୀପ ମାଝୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ବେଆଇନ ଭାବେ କଟିଥିବା ଟଙ୍କା ସହ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ନବରଙ୍ଗପୁର,୫।୧୨(ସଦାଶିବ ପ୍ରହରାଜ)

## ଖାଉଟି ଅଦାଲତର ଗୁରୁତ୍ୱପୂର୍ଣ୍ଣ ରାୟ

ନବରଙ୍ଗପୁର ଜିଲା ଖାଉଟିବିବାଦ ସମାଧାନ କମିଶନର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା ଓ ସଦସ୍ୟା ସାଲମା ବାନୋ ଶୁକ୍ରବାର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ବେଆଇନ ଭାବେ କଟି ଯାଇଥିବା ଅର୍ଥ ରାଶି ମାମଲାର ଶୁଣାଣି କରିଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ୍ କଣ୍ଟାଗାଁ ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷ ରିଜର୍ଭ ବ୍ୟାଙ୍କ ମାର୍ଗଦର୍ଶିକାର ଉଲ୍ଲଂଘନ କରିଥିବା ଦର୍ଶାଇବା ସହ ଗ୍ରାହକଙ୍କ ଆର୍ଥିକ ସମ୍ପତ୍ତିର ସୁରକ୍ଷା ବ୍ୟାଙ୍କର ଦାୟିତ୍ୱ ଏବଂ ଏହି ଘଟଣାରେ ଗ୍ରାହକଙ୍କ କୌଣସି ଅବହେଳା ନ ଥିବା କହିଛନ୍ତି। ମାମଲା ନଂ. ୨୩/୨୦୨୫ ରେ ମାଝୀଙ୍କ କଟିଥିବା ୧ ଲକ୍ଷ ୨୪ ହଜାର ଟଙ୍କା ସହ କ୍ଷତିପୂରଣ ବାବଦକୁ ୧ ଲକ୍ଷ ଟଙ୍କା ୧ ମାସ ମଧ୍ୟରେ ଦେବା ପାଇଁ କମିଶନ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ୧ ମାସ ମଧ୍ୟରେ ଏହି ଆଦେଶ ନ ମାନିଲେ ଖାଉଟି ଆଇନର ଧାରା ୭୧ ଓ ୭୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି। ଘଟଣା ଅନୁଯାୟୀ, ମାଝୀ କଣ୍ଟାଗାଁ ଏସ୍‌ବିଆଇ ଶାଖାରେ ଥିବା ଜମାଖାତାରୁ ୧ଲକ୍ଷ ୨୪ହଜାର ଟଙ୍କା ବିନା କୌଣସି ସୂଚନାରେ କଟିଯାଇଥିବା ଗତ ଏପ୍ରିଲ ୩ ତାରିଖରେ ଜାଣିବାକୁ ପାଇଥିଲେ। ଏଥିପାଇଁ କୌଣସି ଓଟିପି କିମ୍ବା କିଛି ମେସେଜ ମଧ୍ୟ ଆସି ନ ଥିଲା । ତୁରନ୍ତ ସେ ନିଜର ଜଣେ ବିଶ୍ୱସ୍ତ ବ୍ୟକ୍ତିଙ୍କୁ ଏ ସମ୍ପର୍କରେ ବୁଝିବା ପାଇଁ ବ୍ୟାଙ୍କକୁ ପଠାଇଥିଲେ। ବ୍ୟାଙ୍କ ଅଧିକାରୀ ଏ ସମ୍ବନ୍ଧରେ ଅଭିଯୋଗ ଗ୍ରହଣ ନ କରି ଓ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ବେଖାତିର ଭାବେ ଥାନାରେ ଏତଲା ଦେଇ ବ୍ୟାଙ୍କର ଉପର ବିଭାଗର ଟୋଲ୍ ଫ୍ରି ନଂ.ରେ ଅଭିଯୋଗ ଦାଖଲ କରିବା ପାଇଁ କହିଥିଲେ। ମାଝୀ ଏ ସମ୍ବନ୍ଧରେ ଥାନାରେ ଏତଲା ଦେବା ସହ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ମାମଲାକୁ ଆଇନଜୀବୀ ସନ୍ତୋଷ ମିଶ୍ର ପରିଚାଳନା କରୁଥିଲେ ।

# ଚନ୍ଦାହାଣ୍ଡି ତହସିଲ କାର୍ଯ୍ୟ ଯାଞ୍ଚକଲେ ଏଡିଏମ୍

ଚନ୍ଦାହାଣ୍ଡି, ୫।୧୨ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ ଶୁକ୍ରବାର ଚନ୍ଦାହାଣ୍ଡି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସାଲତମାମି ଏବଂ ତହସିଲ କାର୍ଯ୍ୟାଳୟର ସମସ୍ତ ନଥିପତ୍ର ଯାଞ୍ଚ କରିଛନ୍ତି। ଚନ୍ଦାହାଣ୍ଡି ତହସିଲ ଅଧୀନ ସମସ୍ତ ରାଜସ୍ୱ ମଣ୍ଡଳ ଚନ୍ଦାହାଣ୍ଡି, ଖୈରଭାଡି, ପୂଜାରୀଗୁଡା ମାଲଗାଁ, ଅନକାବେଡା, କୋନ୍ଦିଓଡା ଓ ଦଣ୍ଡାମୁଣ୍ଡାର ସମସ୍ତ ରେଜିଷ୍ଟର ଯଥା ଖତିଆନ, ଦାଖଲ ଖାରଜ ମାମଲା, ଜବରଦଖଲ ମାମଲା, ବର୍ଦ୍ଧିତ ଜଳକର, ଜମିପଟ୍ଟା ସମ୍ବନ୍ଧୀୟ, ଜମା ଅସୁଲ, ବାର୍ଷିକ ଖଜଣା, ରସିଦ ବହି, ଡିସିବି, ଭୂଲେଖ, ନିଜାରତ ଆଦିର ରେକର୍ଡ ଯାଞ୍ଚ କରିଥିଲେ। ସକାଳ ୧୧ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ କାର୍ଯ୍ୟାଳୟର ନଥିପତ୍ର ଯାଞ୍ଚ କରାଯାଇଥିଲା। ଏହାପରେ ତହସିଲ କାର୍ଯ୍ୟାଳୟର ସମସ୍ତ ରେକର୍ଡ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ ତହସିଲଦାର ସହଦେବ କନ୍ଥୁକା, ଅତିରିକ୍ତ ତହସିଲଦାର ସୁମିତ ମଣ୍ଡଳ,ରାଜସ୍ୱ ପରିଦର୍ଶକ ଦୟାନିଧି ଜାନୀ, ମୁଖ୍ୟ କିରାଣି ପ୍ରଭାତ ବେହେରା,ରାଜସ୍ୱ ନିରୀକ୍ଷକ ସୁବ୍ରତ ମିସ୍ତ୍ରି, ଜ୍ୟୋତିର୍ମୟ ଚୌଧୁରୀ, ବିନାୟକ ମାଝୀ, ଲାଲେନ୍ଦ୍ର ପ୍ରସାଦ ସୋରେନ, ବିଶ୍ୱଜିତ ସରକାର, ରମେଶ ହାଲବା, ପଦଲାମ ନାୟକ,ଆକାଶ ନାୟକ,ବିଦ୍ୟାଧର ମାଝୀ, ଦିବାକର ଗୌଡ଼, ଶୁଭେନ୍ଦୁ ମାଝୀ, ପରମାନନ୍ଦ କେତକୀ,ମହନ ବାଘ, ବୀରେନ୍ଦ୍ର ସାହୁ,ରଜତ ପନକା ପ୍ରମୁଖ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟର ସମସ୍ତ ରେକର୍ଡ ପତ୍ର ଯାଞ୍ଚ ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହୋଇଥିବା ତହସିଲଦାର କନ୍ଥୁକା ସୂଚନା ଦେଇଛନ୍ତି।

# ଝରିଗାଁ ବ୍ଲକ୍ କୃଷକ ମହାସଂଘର ପ୍ରତିବାଦ ସଭା

ଝରିଗାଁ,୫।୧୨(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୃଷକ ମହାସଂଘ ପକ୍ଷରୁ ସ୍ଥାନୀୟ ଚାଷୀଙ୍କ ନେତୃତ୍ୱରେ ଝରିଗାଁ ବ୍ଲକର ଶତାଧିକ ଚାଷୀ ଶୁକ୍ରବାର ସ୍ଥାନୀୟ ଧନୁଯାତ୍ରା ପଡ଼ିଆରେ ଏକାଠି ହୋଇଥିଲେ। ପରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ। ସଭାରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଉପସ୍ଥିତ ରହି ମକା ଚାଷୀ ଉଚିତ ମୂଲ୍ୟ ପାରୁ ନ ଥିବା କହିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ଚାଷୀଙ୍କ ମକା ଉଚିତ ମୂଲ୍ୟରେ ବିକ୍ରି କରିବା ପାଇଁ ସରକାର ବ୍ୟବସ୍ଥା ନ କଲେ ଚଳିତ ମାସ ୨୦ ତାରିଖ ଝରିଗାଁ ବ୍ଲକ ସହ ରାଇଘର ଏବଂ ଉମରକୋଟ ବ୍ଲକର ଚାଷୀଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ସେହିପରି ୧୫ ଦିନ ପର୍ଯ୍ୟନ୍ତ ଏହି ୩ଟି ବ୍ଲକର ଚାଷୀଙ୍କୁ କମ ଦରରେ ମକା ବିକ୍ରି ନ କରିବା ପାଇଁ ଅନୁରୋଧ କରିଥିଲେ। ପରେ ୭ ଦଫା ଦାବି ନେଇ ଝରିଗାଁ କୃଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ମଧୁସୂଦନ ମାଝୀ ଓ ଝରିଗାଁ ତହସିଲଦାର ସୁମନ୍ତ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଝରିଗାଁ ବ୍ଲକ କୃଷକ ମହାସଂଘ ପକ୍ଷରୁ ପୂର୍ବତନ ଏମ୍‌ପି ଭଗବାନ ମାଝୀ, ଚାଷୀ ଅଶୋକ ମୂର୍ତ୍ତି, ପ୍ରେମା ପାଣ୍ଡେ, ଉଦୟ ନାଥ ନାୟକ,ହାରାବତୀ ଗଣ୍ଡ,ସନରାଜ ଗଣ୍ଡଙ୍କ ସହ ଝରିଗାଁ ବ୍ଲକର ବହୁ ଚାଷୀ ଉପସ୍ଥିତ ଥିଲେ।



ଝରିଗାଁ ବ୍ଲକ କୃଷକ ମହାସଂଘ ତରଫରୁ ଶୋଭାଯାତ୍ରା।

# ନବରଙ୍ଗପୁର ବାଳିକା ଟିମ୍ ଚାମ୍ପିୟନ


ଅତିଥିଙ୍କ ସହ ନବରଙ୍ଗପୁର ଟିମ୍‌ର ଖେଳାଳି।

ନବରଙ୍ଗପୁର,୫।୧୨(ସଦାଶିବ ପ୍ରହରାଜ)

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଫୁଟ୍‌ବଲ ପ୍ରତିଯୋଗିତା

କଳାହାଣ୍ଡି ଜିଲା ଭବାନୀପାଟଣା ମାଣିକେଶ୍ୱରୀ ହାଇସ୍କୁଲଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଫୁଟ୍‌ବଲ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲାର ୧୭ବର୍ଷରୁ କମ୍ ବାଳିକା ଫୁଟ୍‌ବଲ ଟିମ୍ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ୍‌ରେ ବାଲେଶ୍ୱର ଟିମ୍‌କୁ ଗଙ୍ଗାବତି ଗଣ୍ଡ ୧ ଗୋଲ ଦେଇ ନବରଙ୍ଗପୁର ଟିମ୍‌କୁ ବିଜୟ ହାସଲ କରାଇଥିଲେ । ପ୍ରତିଯୋଗିତାରେ ନବରଙ୍ଗପୁର ଟିମ୍‌ର ଯମୁନାବତି ଗଣ୍ଡ ମୋଟ ୪ଟି ଗୋଲ ଦେଇ ବେଷ୍ଟ ଟୁର୍ଣ୍ଣାମେଣ୍ଟ ଖେଳାଳି ଭାବେ ସମ୍ମାନିତ ହୋଇଛନ୍ତି। ୩ରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ପ୍ରତିଯୋଗିତାରେ ରାଜ୍ୟର ୨୪ଟି ଟିମ୍ ଭାଗନେଇଥିଲେ । କ୍ରୀଡ଼ା ପ୍ରଶିକ୍ଷକ କିଶୋର ସିଲ, ପ୍ରଦୀପ ବିଶ୍ୱାସ ଓ ବେହେଡା କ୍ରୀଡ଼ା ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଜିଲାର ୧୬ ଜଣିଆ ଟିମ୍‌କୁ ନେଇ ଭବାନୀପାଟଣା ଯାଇଥିଲେ । ନବରଙ୍ଗପୁର ଟିମ୍ ଚାମ୍ପିୟନ ହେବା ପରେ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକ କ୍ରୀଡ଼ା ଶିକ୍ଷକ ବିଭାଶିଷ ଦେ, ସମସ୍ତ ଛାତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ମଣ୍ଡେଇର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ

କୋଷାଗୁମୁଡା,୫।୧୨ (ପ୍ରସାଦ ବିଷୋୟୀ)

## ବ୍ଲକ୍‌ସ୍ତରୀୟ ମଣ୍ଡେଇ ଉଦ୍‌ଘାଟିତ

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର ମହକୁମାଠାରେ ଶୁକ୍ରବାର ଲୋକ ମହୋତ୍ସବ ମଣ୍ଡେଇ-୨୦୨୫ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଢେମସା ନୃତ୍ୟ ଏବଂ ପାରମ୍ପରିକ ବାଦ୍ୟର ତାଳେ ତାଳେ ସ୍ଥାନୀୟ ରାଜା ଚାଉଁରିଆ ଦେବଙ୍କ ମନ୍ଦିରଠାରୁ ମଶାଲ ଶୋଯାଭାଯାତ୍ରା ବାହାରି ନଗର ପରିକ୍ରମା କରି ଟିଓଏମ୍‌ଇ ବିଦ୍ୟାଳୟ ମଣ୍ଡେଇ ମଞ୍ଚ ନିକଟରେ ପହଞ୍ଚିଥିଲେ। ଏହାପରେ ମଣ୍ଡେଇ ମହୋତ୍ସବ ଆରମ୍ଭ ହୋଇଥିଲା। ଆଗାମୀ ଦିନରେ ମଣ୍ଡେଇ କିଭଳି ସୁଦୂରପ୍ରସାରୀ ହେବା ସହ ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିବ ସେ ନେଇ ମଞ୍ଚାସୀନ ଅତିଥିମାନେ ଅଭିଭାଷଣ ରଖିଥିଲେ । ଏହି ଅବସରରେ ବ୍ଲକ୍‌ରେ କାର୍ଯ୍ୟରତ ଶ୍ରେଷ୍ଠ କର୍ମଚାରୀ ଭାବେ ଅବକାରୀ ବିଭାଗ ପକ୍ଷରୁ ଦିଲୀପ କୁମାର ମହାନ୍ତି, ବନ ବିଭାଗ ପକ୍ଷରୁ ଉମାଶଙ୍କର ପାଣିଗ୍ରାହୀ, ସେକ୍ସନ ଅଫିସର ଅରୁଣ କୁମାର ବେହେରା, ସମନ୍ୱିତ ମହିଳା ଓ ଶିଶୁ ବିକାଶ ସୁପରଭାଇଜର ସୁଜାତା ପଣ୍ଡା, କୋଡିଙ୍ଗା ଡାକ୍ତର ଶୈବାଳ ମଲ୍ଲିକ, ସ୍ୱାସ୍ଥ୍ୟକର୍ମୀ ସୁପ୍ରିୟା ମଣ୍ଡଳ, ଆଶାକର୍ମୀ ଲଳିତା ହାଲବା, ଅଙ୍ଗନୱାଡି କର୍ମୀ ଫାଲ୍‌ଗୁନୀ ଭତରା, ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ସୁନା, ଶିକ୍ଷକ ଶ୍ରବଣ କୁମାର ମହାକୁଡ, ଏସ୍‌ସିଏମ୍ ଗୋବିନ୍ଦ ମିର୍ଗାନ, ଏମ୍‌ବିକେ ଜ୍ୟୋତ୍ସ୍ନା ବାଘ, ସିଆର୍‌ପି ରାଇବାରି ହରିଜନ ଓ ବ୍ୟାଙ୍କ ମିତ୍ର ନିରୁ ଭତରାଙ୍କୁ ମାନପତ୍ର ସହ ଉପଢୌକନ ଦେଇ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଭାବେ କୁଞ୍ଜବିହାରୀ ଦାସ, ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝୀ, କୋଷାଗୁମୁଡା ସରପଞ୍ଚ ଡାଳିମ୍ବ ମାଝୀ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ ନାୟକ, ଧନାଇ ଭତରା, ଏମ୍‌ପି ପ୍ରତିନିଧି ସୁରେଶ କୁମାର ପାତ୍ର, ଡାବୁଗାଁ, ଉମରକୋଟ ଓ ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷା, ସିଡିଓ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ବିଡିଓ ଆଶିଷ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବିଜ୍ଞାନ, ଶିଶୁ ବୈଜ୍ଞାନିକ ମେଳା

ନନ୍ଦାହାଣ୍ଡି, ୫।୧୨ (ପ୍ରତୀପ କୁମାର ଦାଶ)

ସରୁଗୁଡା ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ନନ୍ଦାହାଣ୍ଡି ମଣ୍ଡଳସ୍ତରୀୟ ବିଜ୍ଞାନ ଓ ଶିଶୁ ବୈଜ୍ଞାନିକ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ଆଦର୍ଶ ବିଦ୍ୟାଳୟ ନନ୍ଦାହାଣ୍ଡିର ଏକାଦଶ ଶ୍ରେଣୀର ଛାତ୍ରୀ ସୁଶ୍ରୀ ସୁକାନ୍ତି ହରିଜନ ଶିଶୁ ବୈଜ୍ଞାନିକ ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନନ୍ଦାହାଣ୍ଡି ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ ,ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଉତ୍ତମା ହରିଜନ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ସୁନାନୀ ଏବଂ କାର୍ଯ୍ୟକ୍ରମ ସଂଯୋଜିକା ଭାବରେ ସରୁଗୁଡା ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ସିପ୍ରାଙ୍କିତା ପଣ୍ଡା ଯୋଗଦାନ କରିଥିଲେ । ନନ୍ଦାହାଣ୍ଡି ବରିଷ୍ଠ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ । ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୯୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକମଣ୍ଡଳୀ ସମସ୍ତ ପ୍ରକଳ୍ପ ବୁଲି ଦେଖିବା ସହ ୧୩ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ, ସମ୍ମାନିତ ଅତିଥି ଭାବେ ନନ୍ଦାହାଣ୍ଡି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନୁର୍ଜୟ ମାଝୀ, ବଳଭଦ୍ର ସୁନାନୀ ଏବଂ ମୁଖ୍ୟବକ୍ତା ଭାବରେ ରଞ୍ଜନ ମହାପାତ୍ର ଯୋଗଦାନ କରିଥିଲେ ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK IN INTERVIEW FOR
1) Manager - M/F
2) Supervisor - Male
3) Front Office Executive - Female
should be Exp. in Hotel industry.
- Address -
HOTEL CHANCELLOR GRAND
Cuttack-Puri by pass, BBSR
Ph. : 9861072001

★ ନିଯୁକ୍ତି ★
Food Packaging କାମ ପାଇଁ ଯୁବକ ଆବଶ୍ୟକ । ଦରମା ଟ.୬,୦୦୦+ ମାଗଣା ରହଣି/ଖାଇବା +୨ ପାସ୍ । ବୟସ ୨୨ ବର୍ଷ । ସ୍ଥାନ:ଭୁବନେଶ୍ୱର,
ଫୋନ: 9886365677

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-I-21/2016(Pt.-II) / 2766 Dated, the 01st Dec., 2025
Advertisement
Applications are invited from Indian Nationals for engagement of 04 (Four) Nos. of Trainee Pilot on contractual basis in Paradip Port Authority.
For further details, visit our website : https://paradipport.gov.in/Career.aspx.
Sr. Asst. Secretary,
Paradip Port Authority
PPA/PR/54/2025-2026, Dt.02/12/2025

WALK-IN-INTERVIEW
TOSHALI SUZUKI
BONTH CHHAK, BHADRAK

| DESIGNATION | SALARY | EXPERIENCE |
|---|---|---|
| General Manager | 30,000 | Minimum 5 Years |
| Accountant | 25,000 | Minimum 5 Years |
| Spare Incharge | 12,000 | Experience preferred |
| CRE (Female only) | 10,000 | Experience preferred |
| Sales Executive | 10,000 | Experience preferred |

Call- 7008217628
Mail - abhibdk@gmail.com

We are Hiring
Apply Now
TSG Residential School
TSG Gurukul School Since 2005
(Pre-Nursery to Std. XII)
(A Premier Residential, CBSE Affiliated School)
Requirements
TSG Gurukul School-The Ultimate Home for Your Child-invites qualified and experienced candidates with good communication Abilities. Vacancies include:-
• Academic Positions
NTT (Non-Odia Preferred) [TSG-MS-101]
PRT [TSG -PR-001] / TGT [TSG -HS-201] / PGT [TSG-PGT-301] – All Subjects (Science, Commerce & Humanities)
AI & Robotics Trainer [TSG-AIR-022]
• Physical Education & Sports
Physical Educators [TSG-PE-EDU-012]
Part-time Coaches for: [TSG-COA-014]
Cricket, Kabaddi, Volleyball, Basketball, Football, Volleyball, Kho-Kho, Swimming, Skating, Karate, Judo, Shooting, Horse Riding, Gymnasium, Gym & Zumba Trainer, etc.
• Creative & Activity Departments
Part-time Teachers for Various Instrumental Music & Vocal Training & Dance (Western & Classical) [TSG-MM-011] Art (Fine, Clay & Sand) [TSG-FM-011]
Student Referral Counselor (Work from home) [TSG-CNS-005]
• Administrative & Support Staff
Front Office Assistant [TSG-FOA-011]
Accountant [TSG-ACC-208]
DTP Operator & Designer [TSG-DTP-013]
Girls Hostel Superintendent [TSG-OTH-999]
Hostel Caretaker (Male/Female) [TSG-OTH-999]
Peon / Supporting Staff ( Electrician / Plumber/ House Keeping/ Driver/ Gardener/ Barber/ Dhobi/ Cook & Helper ) [TSG-SEC-009]
Media & Creative Production
News Editor [TSG-NED-021]
Anchor [TSG-MAD-022]
Reporter [TSG-MRD-023]
Cameraman [TSG-CM-025]
Short Film Director [TSG-SFD-024]
Eligibility & Benefits
Salary will be based on qualification, efficiency, loyalty, and experience. Accommodation with food will be provided (where available). ESI and EPF benefits are applicable.
Shortlisted candidates will be called for an interview between 08-12-2025 and 18-12-2025.
Drop CV
Send your resume: career@netgurukul.in
Visit us at: www.tsggurukul.com
Contact Us
Gothapatana, Bhubaneswar, Odisha 751003
Telephonic communication for queries is unavailable.
.....Principal.



# ରେଳ ମନ୍ତ୍ରାଳୟ
## (ପୂର୍ବ ତଟ ରେଳପଥ)
## ବିଜ୍ଞପ୍ତି
### ଭୁବନେଶ୍ୱର, 5 ନଭେମ୍ବର, 2025
### ରେଳପଥ ଅଧିନିୟମ 1989 ଧାରା 20କ ଅନୁଯାୟୀ ବିଜ୍ଞପ୍ତି

ଏସ.ଓ.5031(ଇ)- ରେଳବାଇ (ସଂଶୋଧନ) ଆଇନ, 1989 (24/89) (ଏଠାରେ ପରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20କ ର ଉପ-ଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର, ସନ୍ତୁଷ୍ଟ ହେବା ପରେ ଯେ ସାଧାରଣ ଉଦ୍ଦେଶ୍ୟ ପାଇଁ, ଏଠାରେ ସଂଲଗ୍ନ ସୂଚୀରେ ବିଆଯାଇଥିବା ସଂକ୍ଷିପ୍ତ ବର୍ଣ୍ଣନା, ପ୍ରକଳ୍ପ ରେଳ ପ୍ରକଳ୍ପ, ଯଥା "ପୁରୀ ଏବଂ କୋଣାର୍କ ମଧ୍ୟରେ ନୂତନ ଲାଇନ (32.02 କି.ମି.)" କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ, ଏପରି ଜମି ଅଧିଗ୍ରହଣ କରିବାର ତାଙ୍କର ଉଦ୍ଦେଶ୍ୟ ଘୋଷଣା କରନ୍ତି ।

ଉକ୍ତ ଜମିରେ ଆଗ୍ରହୀ ଯେକୌଣସି ବ୍ୟକ୍ତି ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ତାରିଖରୁ ତିରିଶ ଦିନ ମଧ୍ୟରେ, ଉକ୍ତ ଆଇନର ଧାରା 20D ର ଉପ-ଧାରା (1) ଅନୁଯାୟୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏପରି ଜମି ଅଧିଗ୍ରହଣ ଉପରେ ଆପତ୍ତି ଉଠାଇପାରିବେ ।

"ପୁରୀ ଏବଂ କୋଣାର୍କ (32.02 କି.ମି.) ମଧ୍ୟରେ ନୂତନ ରେଖା" ପାଇଁ ପ୍ରତ୍ୟେକ ଆପତ୍ତି ଲିଖିତ ଭାବରେ ସକ୍ଷମ କର୍ତ୍ତୃପକ୍ଷ, ଅର୍ଥାତ୍ ଭୂମି ଅଧିଗ୍ରହଣ ଅଧିକାରୀ, ପୁରୀ, ରାଜ୍ୟ-ଓଡ଼ିଶାଙ୍କ ନିକଟରେ ଦାଖଲ କରାଯିବ ଏବଂ ଏହାର କାରଣ ଉଲ୍ଲେଖ କରିବେ ଏବଂ ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିକାରୀଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଆଇନଗତ ଅଭ୍ୟାସକାରୀଙ୍କ ମାଧ୍ୟମରେ ଶୁଣାଣିର ସୁଯୋଗ ଦେବେ ଏବଂ ସମସ୍ତ ଆପତ୍ତି ଶୁଣିବା ପରେ ଏବଂ ଯଦି କୌଣସି ତଦନ୍ତ କରାଯାଏ, ଯଦି ଆବଶ୍ୟକ ମନେ କରନ୍ତି, ତେବେ ନିର୍ଦ୍ଦେଶ ଦ୍ୱାରା ଆପତ୍ତିଗୁଡ଼ିକୁ ଅନୁମତି ଦେଇପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ ।

ଉକ୍ତ ଆଇନର 20D ର ଉପ-ଧାରା (1) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଯେକୌଣସି ଆଦେଶ ଚୂଡ଼ାନ୍ତ ହେବ ।

ଏହି ବିଜ୍ଞପ୍ତି ଅଧୀନରେ ଥିବା ଜମିର ଭୂମି ନକ୍ସା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ଏବଂ ଆଗ୍ରହୀ ବ୍ୟକ୍ତି ସକ୍ଷମ ଅଧିକାରୀଙ୍କ ଉପରୋକ୍ତ କାର୍ଯ୍ୟାଳୟରେ ଯାଞ୍ଚ କରିପାରିବେ ।

### କାର୍ଯ୍ୟସୂଚୀ

ଓଡ଼ିଶା ରାଜ୍ୟର ପୁରୀ ଜିଲ୍ଲାରେ "ପୁରୀ ଏବଂ କୋଣାର୍କ ମଧ୍ୟରେ ନୂତନ ଲାଇନ (32.02 କି.ମି.)" ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ପାଇଁ, ନିର୍ମାଣ ସହିତ କିମ୍ବା ବିନା ଅଧିଗ୍ରହଣ କରିବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା (ପରିଶିଷ୍ଟ-1) ଏଠାରେ ସଂଲଗ୍ନ ।

ଜିଲ୍ଲାର ନାମ: ପୁରୀ

| କ୍ର. ସଂ. | ମୌଜାର ନାମ | ଖାତା ସଂଖ୍ୟା | ଚକ ସଂଖ୍ୟା | ପ୍ଲଟ ସଂଖ୍ୟା | ରକବା କ୍ଷେତ୍ର (ଏକର) | ଅଧିଗ୍ରହଣ କ୍ଷେତ୍ର (ଏକର) | ଜମିର କିସମ | ଜମିର ପ୍ରକାର |
|---|---|---|---|---|---|---|---|---|
| 1 | ଶିରୀହଣା | 18 | - | 102 | 1.180 | 0.745 | ସାରଦ-II | ବ୍ୟକ୍ତିଗତ |
| 2 | ଶିରୀହଣା | 1 | - | 103 | 0.080 | 0.080 | ସାରଦ | ବ୍ୟକ୍ତିଗତ |
| 3 | ଶିରୀହଣା | 28 | - | 104 | 0.070 | 0.050 | ସାରଦ | ବ୍ୟକ୍ତିଗତ |
| 4 | ଶିରୀହଣା | 64/2 | - | 104/24 | 0.110 | 0.090 | ସାରଦ | ବ୍ୟକ୍ତିଗତ |
| 5 | ଶିରୀହଣା | 04-(5) | - | 116 | 5.750 | 4.150 | ସାରଦ-III | ବ୍ୟକ୍ତିଗତ |
| | | | | ମୋଟ | 7.190 | 5.115 | | |
| 6 | ନାଳିହଣା | 91 | 44 | 414 | 102.680 | 3.500 | ଚକ | ବ୍ୟକ୍ତିଗତ |
| 7 | ନାଳିହଣା | 91 | 48 | 420 | 76.240 | 1.165 | ଚକ | ବ୍ୟକ୍ତିଗତ |
| 8 | ନାଳିହଣା | 68 | 51 | 428 | 3.050 | 0.640 | ଚକ | ବ୍ୟକ୍ତିଗତ |
| 9 | ନାଳିହଣା | 27 | 53 | 431 | 0.730 | 0.135 | ଚକ | ବ୍ୟକ୍ତିଗତ |
| 10 | ନାଳିହଣା | 57 | 58 | 438 | 9.650 | 2.145 | ଚକ | ବ୍ୟକ୍ତିଗତ |
| 11 | ନାଳିହଣା | 90 | 59 | 439 | 5.780 | 1.500 | ଚକ | ବ୍ୟକ୍ତିଗତ |
| 12 | ନାଳିହଣା | 17 | 67 | 459 | 3.860 | 1.000 | ଚକ | ବ୍ୟକ୍ତିଗତ |
| 13 | ନାଳିହଣା | 59 | 68 | 460 | 4.630 | 0.530 | ଚକ | ବ୍ୟକ୍ତିଗତ |
| 14 | ନାଳିହଣା | 85 | 70 | 463 | 0.610 | 0.190 | ଚକ | ବ୍ୟକ୍ତିଗତ |
| 15 | ନାଳିହଣା | 32 | 71 | 464 | 3.990 | 0.620 | ଚକ | ବ୍ୟକ୍ତିଗତ |
| 16 | ନାଳିହଣା | 63 | 72 | 466 | 7.000 | 0.290 | ଚକ | ବ୍ୟକ୍ତିଗତ |
| | | | | ମୋଟ | 218.220 | 11.715 | | |
| 17 | ଦୋହିତାଖଣ୍ଡ | 34 | 27 | 37 | 4.630 | 1.710 | ଚକ | ବ୍ୟକ୍ତିଗତ |
| 18 | ଦୋହିତାଖଣ୍ଡ | 43 | 29 | 40 | 2.820 | 0.520 | ଚକ | ବ୍ୟକ୍ତିଗତ |
| 19 | ଦୋହିତାଖଣ୍ଡ | 30 | 30 | 42 | 0.870 | 0.090 | ଚକ | ବ୍ୟକ୍ତିଗତ |
| 20 | ଦୋହିତାଖଣ୍ଡ | 27 | 32 | 48 | 1.910 | 1.390 | ଚକ | ବ୍ୟକ୍ତିଗତ |
| 21 | ଦୋହିତାଖଣ୍ଡ | 40 | 33 | 49 | 0.260 | 0.260 | ଚକ | ବ୍ୟକ୍ତିଗତ |
| 22 | ଦୋହିତାଖଣ୍ଡ | 32 | 34 | 51 | 1.000 | 0.040 | ଚକ | ବ୍ୟକ୍ତିଗତ |
| | | | | ମୋଟ | 11.490 | 4.010 | | |
| 23 | ନଖିସାହି | 53 | 1 | 2 | 2.750 | 0.590 | ଚକ | ବ୍ୟକ୍ତିଗତ |
| 24 | ନଖିସାହି | 39 | 2 | 3 | 2.570 | 0.435 | ଚକ | ବ୍ୟକ୍ତିଗତ |
| 25 | ନଖିସାହି | 114 | 3 | 4 | 1.050 | 0.090 | ଚକ | ବ୍ୟକ୍ତିଗତ |
| 26 | ନଖିସାହି | 127 | 4 | 5 | 0.820 | 0.030 | ଚକ | ବ୍ୟକ୍ତିଗତ |
| 27 | ନଖିସାହି | 139 | 5 | 6 | 2.750 | 1.080 | ଚକ | ବ୍ୟକ୍ତିଗତ |
| 28 | ନଖିସାହି | 65 | 8 | 9 | 3.210 | 0.001 | ଚକ | ବ୍ୟକ୍ତିଗତ |
| 29 | ନଖିସାହି | 79 | 7 | 8 | 1.030 | 0.365 | ଚକ | ବ୍ୟକ୍ତିଗତ |
| 30 | ନଖିସାହି | | 12 | 13 | 2.270 | 0.020 | ଚକ | ବ୍ୟକ୍ତିଗତ |
| 31 | ନଖିସାହି | 96 | 14 | 15 | 0.440 | 0.150 | ଚକ | ବ୍ୟକ୍ତିଗତ |
| 32 | ନଖିସାହି | 1 | 15 | 16 | 0.490 | 0.160 | ଚକ | ବ୍ୟକ୍ତିଗତ |
| 33 | ନଖିସାହି | 2 | 16 | 17 | 0.320 | 0.160 | ଚକ | ବ୍ୟକ୍ତିଗତ |
| 34 | ନଖିସାହି | 15 | 17 | 18 | 1.760 | 0.800 | ଚକ | ବ୍ୟକ୍ତିଗତ |
| 35 | ନଖିସାହି | 14 | 18 | 19 | 1.600 | 0.630 | ଚକ | ବ୍ୟକ୍ତିଗତ |
| 36 | ନଖିସାହି | 68 | 33 | 34 | 1.000 | 0.040 | ଚକ | ବ୍ୟକ୍ତିଗତ |
| 37 | ନଖିସାହି | 143 | - | 38 | 3.420 | 0.510 | ଆଡ଼ି (ଜଳଆଡ଼ି) | ବ୍ୟକ୍ତିଗତ |
| | | | | ମୋଟ | 25.480 | 4.900 | | |
| 38 | ବାଁବରଡ଼ା | 136/103 | - | 9 | 0.090 | 0.040 | ଘରବାରି | ବ୍ୟକ୍ତିଗତ |
| 39 | ବାଁବରଡ଼ା | 136/100 | - | 9/472 | 0.090 | | ଘରବାରି | ବ୍ୟକ୍ତିଗତ |
| 40 | ବାଁବରଡ଼ା | 136/104 | - | 9/473 | 0.090 | | ଘରବାରି | ବ୍ୟକ୍ତିଗତ |
| 41 | ବାଁବରଡ଼ା | 103 | 9 | 10 | 0.530 | 0.480 | ଚକ | ବ୍ୟକ୍ତିଗତ |
| 42 | ବାଁବରଡ଼ା | 136/49 | 10 | 11 | 0.290 | 0.190 | ଚକ | ବ୍ୟକ୍ତିଗତ |
| 43 | ବାଁବରଡ଼ା | 78 | 11 | 12 | 1.080 | 0.080 | ଚକ | ବ୍ୟକ୍ତିଗତ |
| 44 | ବାଁବରଡ଼ା | 136/92 | 18 | 27 | 1.240 | 0.060 | ଚକ | ବ୍ୟକ୍ତିଗତ |
| 45 | ବାଁବରଡ଼ା | 136/15 | - | 28 | 0.260 | 0.080 | ଘରବାରି | ବ୍ୟକ୍ତିଗତ |
| 46 | ବାଁବରଡ଼ା | 136/79 | 20 | 29 | 0.850 | 0.980 | ଚକ | ବ୍ୟକ୍ତିଗତ |
| 47 | ବାଁବରଡ଼ା | 92 | - | 34 | 1.080 | | ଘରବାରି | ବ୍ୟକ୍ତିଗତ |
| 48 | ବାଁବରଡ଼ା | 118 | 22 | 31 | 0.310 | 0.180 | ଚକ | ବ୍ୟକ୍ତିଗତ |
| 49 | ବାଁବରଡ଼ା | 124 | 24 | 33 | 0.330 | 0.330 | ଚକ | ବ୍ୟକ୍ତିଗତ |
| 50 | ବାଁବରଡ଼ା | 119 | 26 | 35 | 0.250 | 0.060 | ଚକ | ବ୍ୟକ୍ତିଗତ |
| 51 | ବାଁବରଡ଼ା | 72 | 27 | 36 | 0.040 | 0.010 | ଚକ | ବ୍ୟକ୍ତିଗତ |
| 52 | ବାଁବରଡ଼ା | 48 | 28 | 37 | 0.040 | 0.001 | ଚକ | ବ୍ୟକ୍ତିଗତ |
| 53 | ବାଁବରଡ଼ା | 136/95 | 31 | 40 | 1.490 | 0.670 | ଚକ | ବ୍ୟକ୍ତିଗତ |
| 54 | ବାଁବରଡ଼ା | 33 | 34 | 43 | 0.200 | 0.110 | ଚକ | ବ୍ୟକ୍ତିଗତ |
| 55 | ବାଁବରଡ଼ା | 18 | 35 | 44 | 0.260 | 0.230 | ଚକ | ବ୍ୟକ୍ତିଗତ |
| 56 | ବାଁବରଡ଼ା | 79 | 48 | 59 | 1.480 | 0.360 | ଚକ | ବ୍ୟକ୍ତିଗତ |
| 57 | ବାଁବରଡ଼ା | 131 | 49 | 60 | 0.470 | 0.250 | ଚକ | ବ୍ୟକ୍ତିଗତ |
| 58 | ବାଁବରଡ଼ା | 40 | 50 | 61 | 0.250 | 0.230 | ଚକ | ବ୍ୟକ୍ତିଗତ |
| 59 | ବାଁବରଡ଼ା | 132/50 | 51 | 62 | 0.280 | 0.270 | ଚକ | ବ୍ୟକ୍ତିଗତ |
| 60 | ବାଁବରଡ଼ା | 9 | 52 | 63 | 0.480 | 0.270 | ଚକ | ବ୍ୟକ୍ତିଗତ |
| 61 | ବାଁବରଡ଼ା | 18 | 35 | 64 | 0.300 | 0.160 | ଚକ | ବ୍ୟକ୍ତିଗତ |
| 62 | ବାଁବରଡ଼ା | 18 | 55 | 65 | 0.400 | 0.110 | ଚକ | ବ୍ୟକ୍ତିଗତ |
| 63 | ବାଁବରଡ଼ା | 50 | 64 | 107 | 0.850 | 0.250 | ଚକ | ବ୍ୟକ୍ତିଗତ |
| 64 | ବାଁବରଡ଼ା | 98 | 68 | 111 | 0.480 | 0.480 | ଚକ | ବ୍ୟକ୍ତିଗତ |
| 65 | ବାଁବରଡ଼ା | 91 | 69 | 112 | 0.310 | 0.300 | ଚକ | ବ୍ୟକ୍ତିଗତ |
| 66 | ବାଁବରଡ଼ା | 105 | 70 | 113 | 0.130 | 0.010 | ଚକ | ବ୍ୟକ୍ତିଗତ |
| 67 | ବାଁବରଡ଼ା | 14 | 71 | 114 | 0.220 | 0.180 | ଚକ | ବ୍ୟକ୍ତିଗତ |
| 68 | ବାଁବରଡ଼ା | 136/64 | - | 125 | 0.190 | 0.005 | ବିଆଳି | ବ୍ୟକ୍ତିଗତ |
| 69 | ବାଁବରଡ଼ା | 136/81 | - | 126 | 0.170 | 0.060 | ବିଆଳି | ବ୍ୟକ୍ତିଗତ |
| 70 | ବାଁବରଡ଼ା | 136 | - | 127 | 0.120 | 0.080 | ସାରଦ-II | ବ୍ୟକ୍ତିଗତ |
| 71 | ବାଁବରଡ଼ା | 43 | - | 128 | 0.120 | 0.120 | ସାରଦ-II | ବ୍ୟକ୍ତିଗତ |
| 72 | ବାଁବରଡ଼ା | 17 | - | 129 | 0.120 | 0.110 | ବିଆଳି | ବ୍ୟକ୍ତିଗତ |
| 73 | ବାଁବରଡ଼ା | 7 | - | 130 | 0.110 | 0.110 | ବିଆଳି | ବ୍ୟକ୍ତିଗତ |
| 74 | ବାଁବରଡ଼ା | 136/51 | - | 131 | 0.130 | 0.130 | ବିଆଳି | ବ୍ୟକ୍ତିଗତ |
| 75 | ବାଁବରଡ଼ା | 70 | - | 132 | 0.050 | 0.040 | ସାରଦ-II | ବ୍ୟକ୍ତିଗତ |
| 76 | ବାଁବରଡ଼ା | 32 | - | 133 | 0.170 | 0.140 | ବିଆଳି | ବ୍ୟକ୍ତିଗତ |
| 77 | ବାଁବରଡ଼ା | 136/82 | - | 133/469 | 0.450 | | ଘରବାରି | ବ୍ୟକ୍ତିଗତ |
| 78 | ବାଁବରଡ଼ା | 136/73 | - | 134 | 0.070 | 0.030 | ସାରଦ-II | ବ୍ୟକ୍ତିଗତ |
| 79 | ବାଁବରଡ଼ା | 69 | - | 137 | 0.160 | 0.050 | ବିଆଳି ଡୋଫସଲ | ବ୍ୟକ୍ତିଗତ |
| 80 | ବାଁବରଡ଼ା | 47 | - | 292 | 0.300 | 0.120 | ସାରଦ-II | ବ୍ୟକ୍ତିଗତ |
| 81 | ବାଁବରଡ଼ା | 136/35 | - | 293 | 0.570 | 0.370 | ଘରବାରି | ବ୍ୟକ୍ତିଗତ |
| 82 | ବାଁବରଡ଼ା | 136/39 | - | 295 | 1.640 | 0.150 | ଘରବାରି | ବ୍ୟକ୍ତିଗତ |
| 83 | ବାଁବରଡ଼ା | 136/35 | - | 297 | 0.830 | 0.430 | ଘରବାରି | ବ୍ୟକ୍ତିଗତ |
| 84 | ବାଁବରଡ଼ା | 60 | 80 | 298 | 0.200 | 0.190 | ଚକ | ବ୍ୟକ୍ତିଗତ |
| 85 | ବାଁବରଡ଼ା | 112 | 81 | 299 | 0.350 | 0.090 | ଚକ | ବ୍ୟକ୍ତିଗତ |
| 86 | ବାଁବରଡ଼ା | 136/24 | - | 301 | 0.380 | 0.190 | ଘରବାରି | ବ୍ୟକ୍ତିଗତ |
| 87 | ବାଁବରଡ଼ା | 105 | 83 | 302 | 0.720 | 0.420 | ଚକ | ବ୍ୟକ୍ତିଗତ |
| 88 | ବାଁବରଡ଼ା | 44 | 85 | 303 | 0.480 | 0.080 | ଚକ | ବ୍ୟକ୍ତିଗତ |
| | | | | ମୋଟ | 21.440 | 8.906 | | |
| 89 | ଇତିଭୂଆଁ | 52 | 41 | 234 | 1.740 | 0.255 | ଚକ | ବ୍ୟକ୍ତିଗତ |
| 90 | ଇତିଭୂଆଁ | 5 | 50 | 377 | 0.570 | 0.055 | ଚକ | ବ୍ୟକ୍ତିଗତ |
| 91 | ଇତିଭୂଆଁ | 203/71 | 51 | 378 | 0.330 | 0.300 | ଚକ | ବ୍ୟକ୍ତିଗତ |
| 92 | ଇତିଭୂଆଁ | 203/100 | 52 | 379 | 0.330 | 0.280 | ଚକ | ବ୍ୟକ୍ତିଗତ |
| 93 | ଇତିଭୂଆଁ | 140 | 53 | 380 | 4.120 | 0.200 | ଚକ | ବ୍ୟକ୍ତିଗତ |
| 94 | ଇତିଭୂଆଁ | 25 | 54 | 381 | 0.400 | 0.330 | ଚକ | ବ୍ୟକ୍ତିଗତ |
| 95 | ଇତିଭୂଆଁ | 138 | 55 | 382 | 0.430 | 0.310 | ଚକ | ବ୍ୟକ୍ତିଗତ |
| 96 | ଇତିଭୂଆଁ | 65 | 57 | 383 | 0.430 | 0.420 | ଚକ | ବ୍ୟକ୍ତିଗତ |
| 97 | ଇତିଭୂଆଁ | 169 | 58 | 384 | 0.330 | 0.285 | ଚକ | ବ୍ୟକ୍ତିଗତ |
| 98 | ଇତିଭୂଆଁ | 72 | 59 | 386 | 0.250 | 0.170 | ଚକ | ବ୍ୟକ୍ତିଗତ |
| 99 | ଇତିଭୂଆଁ | 84 | 62 | 389 | 0.190 | 0.190 | ଚକ | ବ୍ୟକ୍ତିଗତ |
| 100 | ଇତିଭୂଆଁ | 170 | 63 | 390 | 0.410 | 0.410 | ଚକ | ବ୍ୟକ୍ତିଗତ |
| 101 | ଇତିଭୂଆଁ | 59 | 64 | 391 | 0.410 | 0.410 | ଚକ | ବ୍ୟକ୍ତିଗତ |
| 102 | ଇତିଭୂଆଁ | 50 | 65 | 392 | 0.110 | 0.060 | ଚକ | ବ୍ୟକ୍ତିଗତ |
| 103 | ଇତିଭୂଆଁ | 179 | 65 | 393 | 0.230 | 0.230 | ଚକ | ବ୍ୟକ୍ତିଗତ |
| 104 | ଇତିଭୂଆଁ | 203/68 | 71 | 394 | 0.180 | 0.100 | ଚକ | ବ୍ୟକ୍ତିଗତ |
| 105 | ଇତିଭୂଆଁ | 53 | 72 | 404 | 0.770 | 0.210 | ଚକ | ବ୍ୟକ୍ତିଗତ |
| 106 | ଇତିଭୂଆଁ | 203/74 | 76 | 405 | 0.400 | 0.020 | ଚକ | ବ୍ୟକ୍ତିଗତ |
| 107 | ଇତିଭୂଆଁ | 60 | 78 | 407 | 0.280 | 0.015 | ଚକ | ବ୍ୟକ୍ତିଗତ |
| 108 | ଇତିଭୂଆଁ | 62 | 79 | 408 | 0.080 | 0.080 | ଚକ | ବ୍ୟକ୍ତିଗତ |
| 109 | ଇତିଭୂଆଁ | 54 | - | 409 | 0.070 | 0.050 | ସାରଦ-I | ବ୍ୟକ୍ତିଗତ |
| 110 | ଇତିଭୂଆଁ | 62 | - | 410 | 0.070 | 0.050 | ସାରଦ-I | ବ୍ୟକ୍ତିଗତ |
| 111 | ଇତିଭୂଆଁ | 49 | - | 412 | 0.060 | 0.060 | ସାରଦ-I | ବ୍ୟକ୍ତିଗତ |
| 112 | ଇତିଭୂଆଁ | 49 | - | 413 | 0.070 | 0.070 | ସାରଦ-I | ବ୍ୟକ୍ତିଗତ |
| 113 | ଇତିଭୂଆଁ | 203/5 | 79 | 414 | 0.240 | 0.220 | ଚକ | ବ୍ୟକ୍ତିଗତ |
| 114 | ଇତିଭୂଆଁ | 203/16 | 80 | 415 | 0.450 | 0.420 | ଚକ | ବ୍ୟକ୍ତିଗତ |
| 115 | ଇତିଭୂଆଁ | 49 | 81 | 416 | 0.720 | 0.670 | ଚକ | ବ୍ୟକ୍ତିଗତ |
| 116 | ଇତିଭୂଆଁ | 118 | 82 | 417 | 0.480 | 0.430 | ଚକ | ବ୍ୟକ୍ତିଗତ |
| 117 | ଇତିଭୂଆଁ | 171 | 83 | 419 | 0.050 | 0.050 | ଚକ | ବ୍ୟକ୍ତିଗତ |
| 118 | ଇତିଭୂଆଁ | 14 | 85 | 420 | 0.040 | 0.030 | ଚକ | ବ୍ୟକ୍ତିଗତ |
| 119 | ଇତିଭୂଆଁ | 33 | 86 | 422 | 0.070 | 0.070 | ଚକ | ବ୍ୟକ୍ତିଗତ |
| 120 | ଇତିଭୂଆଁ | 203/6 | 86/232 | 412/644 | 0.380 | 0.380 | ଚକ | ବ୍ୟକ୍ତିଗତ |
| 121 | ଇତିଭୂଆଁ | 150 | 87 | 423 | 3.110 | 1.040 | ଚକ | ବ୍ୟକ୍ତିଗତ |
| 122 | ଇତିଭୂଆଁ | 84 | 111 | 460 | 0.330 | 0.300 | ଚକ | ବ୍ୟକ୍ତିଗତ |
| 123 | ଇତିଭୂଆଁ | 101 | 112 | 461 | 0.400 | 0.400 | ଚକ | ବ୍ୟକ୍ତିଗତ |
| 124 | ଇତିଭୂଆଁ | 104 | 113 | 463 | 2.220 | 0.185 | ଚକ | ବ୍ୟକ୍ତିଗତ |
| 125 | ଇତିଭୂଆଁ | 66 | 114 | 464 | 0.540 | 0.010 | ଚକ | ବ୍ୟକ୍ତିଗତ |
| 126 | ଇତିଭୂଆଁ | 7 | 117 | 468 | 0.500 | 0.500 | ଚକ | ବ୍ୟକ୍ତିଗତ |
| 127 | ଇତିଭୂଆଁ | 197 | 118 | 469 | 0.350 | 0.210 | ଚକ | ବ୍ୟକ୍ତିଗତ |
| 128 | ଇତିଭୂଆଁ | 203/12 | 119 | 470 | 0.31 | 0.070 | ଚକ | ବ୍ୟକ୍ତିଗତ |
| 129 | ଇତିଭୂଆଁ | | - | 470/643 | 0.520 | 0.510 | ଚକ | ବ୍ୟକ୍ତିଗତ |
| 130 | ଇତିଭୂଆଁ | 104 | - | 471 | 0.690 | 0.690 | ବରଜାଗାସର | ବ୍ୟକ୍ତିଗତ |
| 131 | ଇତିଭୂଆଁ | 150 | 120 | 472 | 0.160 | 0.160 | ଚକ | ବ୍ୟକ୍ତିଗତ |
| 132 | ଇତିଭୂଆଁ | 203/30 | 121 | 473 | 0.840 | 0.310 | ଚକ | ବ୍ୟକ୍ତିଗତ |
| 133 | ଇତିଭୂଆଁ | 53 | 132 | 495 | 1.780 | 1.780 | ଚକ | ବ୍ୟକ୍ତିଗତ |
| 134 | ଇତିଭୂଆଁ | 8 | 133 | 496 | 0.700 | 0.700 | ଚକ | ବ୍ୟକ୍ତିଗତ |
| 135 | ଇତିଭୂଆଁ | 176 | 134 | 497 | 0.590 | 0.470 | ଚକ | ବ୍ୟକ୍ତିଗତ |
| 136 | ଇତିଭୂଆଁ | 165 | 135 | 498 | 0.550 | 0.550 | ଚକ | ବ୍ୟକ୍ତିଗତ |
| 137 | ଇତିଭୂଆଁ | 203/26 | 136 | 499 | 0.020 | 0.020 | ଚକ | ବ୍ୟକ୍ତିଗତ |
| 138 | ଇତିଭୂଆଁ | 175 | 137 | 500 | 0.610 | 0.040 | ଚକ | ବ୍ୟକ୍ତିଗତ |
| 139 | ଇତିଭୂଆଁ | 169 | 138 | 501 | 0.810 | 0.515 | ଚକ | ବ୍ୟକ୍ତିଗତ |
| 140 | ଇତିଭୂଆଁ | 35 | 139 | 517 | 1.300 | 0.460 | ଚକ | ବ୍ୟକ୍ତିଗତ |
| 141 | ଇତିଭୂଆଁ | 1 | 140 | 518 | 0.370 | 0.370 | ଚକ | ବ୍ୟକ୍ତିଗତ |
| 142 | ଇତିଭୂଆଁ | 203/75 | 141 | 519 | 0.560 | 0.560 | ଚକ | ବ୍ୟକ୍ତିଗତ |
| 143 | ଇତିଭୂଆଁ | 84 | 142 | 520 | 0.500 | 0.500 | ଚକ | ବ୍ୟକ୍ତିଗତ |
| 144 | ଇତିଭୂଆଁ | 72 | 143 | 521 | 0.700 | 0.700 | ଚକ | ବ୍ୟକ୍ତିଗତ |
| 145 | ଇତିଭୂଆଁ | 12 | 144 | 522 | 0.710 | 0.625 | ଚକ | ବ୍ୟକ୍ତିଗତ |
| 146 | ଇତିଭୂଆଁ | 106 | 145 | 523 | 0.400 | 0.310 | ଚକ | ବ୍ୟକ୍ତିଗତ |
| 147 | ଇତିଭୂଆଁ | 179 | 146 | 524 | 0.420 | 0.230 | ଚକ | ବ୍ୟକ୍ତିଗତ |
| 148 | ଇତିଭୂଆଁ | 43 | 166 | 559 | 1.800 | 0.510 | ଚକ | ବ୍ୟକ୍ତିଗତ |
| 149 | ଇତିଭୂଆଁ | 101 | 167 | 560 | 0.580 | 0.580 | ଚକ | ବ୍ୟକ୍ତିଗତ |
| 150 | ଇତିଭୂଆଁ | 181 | 168 | 561 | 0.550 | 0.550 | ଚକ | ବ୍ୟକ୍ତିଗତ |
| 151 | ଇତିଭୂଆଁ | 203/3 | 169 | 562 | 0.460 | 0.460 | ଚକ | ବ୍ୟକ୍ତିଗତ |
| 152 | ଇତିଭୂଆଁ | 4 | 170 | 563 | 0.160 | 0.160 | ଚକ | ବ୍ୟକ୍ତିଗତ |
| 153 | ଇତିଭୂଆଁ | 137 | 171 | 564 | 0.310 | 0.300 | ଚକ | ବ୍ୟକ୍ତିଗତ |
| 154 | ଇତିଭୂଆଁ | 104 | 172 | 565 | 0.840 | 0.700 | ଚକ | ବ୍ୟକ୍ତିଗତ |
| 155 | ଇତିଭୂଆଁ | 81 | 175 | 569 | 0.600 | 0.020 | ଚକ | ବ୍ୟକ୍ତିଗତ |
| 156 | ଇତିଭୂଆଁ | 42 | 177 | 574 | 1.300 | 0.260 | ଚକ | ବ୍ୟକ୍ତିଗତ |
| 157 | ଇତିଭୂଆଁ | 203/55 | 178 | 575 | 1.050 | 0.900 | ଚକ | ବ୍ୟକ୍ତିଗତ |
| 158 | ଇତିଭୂଆଁ | 152 | 179 | 576 | 0.170 | 0.170 | ଚକ | ବ୍ୟକ୍ତିଗତ |
| 159 | ଇତିଭୂଆଁ | 107 | 180 | 577 | 0.300 | 0.300 | ଚକ | ବ୍ୟକ୍ତିଗତ |
| 160 | ଇତିଭୂଆଁ | 191 | 181 | 578 | 0.360 | 0.360 | ଚକ | ବ୍ୟକ୍ତିଗତ |
| 161 | ଇତିଭୂଆଁ | 79 | 182 | 579 | 0.670 | 0.670 | ଚକ | ବ୍ୟକ୍ତିଗତ |
| 162 | ଇତିଭୂଆଁ | 203/7 | 183 | 580 | 0.650 | 0.630 | ଚକ | ବ୍ୟକ୍ତିଗତ |
| 163 | ଇତିଭୂଆଁ | 41 | 184 | 581 | 0.580 | 0.580 | ଚକ | ବ୍ୟକ୍ତିଗତ |
| 164 | ଇତିଭୂଆଁ | 203/83 | 185 | 582 | 0.440 | 0.400 | ଚକ | ବ୍ୟକ୍ତିଗତ |
| 165 | ଇତିଭୂଆଁ | 120 | 186 | 583 | 0.600 | 0.125 | ଚକ | ବ୍ୟକ୍ତିଗତ |
| 166 | ଇତିଭୂଆଁ | 170 | 187 | 584 | 1.230 | 0.220 | ଚକ | ବ୍ୟକ୍ତିଗତ |
| 167 | ଇତିଭୂଆଁ | 101 | 188 | 585 | 0.730 | 0.070 | ଚକ | ବ୍ୟକ୍ତିଗତ |
| 168 | ଇତିଭୂଆଁ | 176 | 189 | 586 | 0.330 | 0.330 | ଚକ | ବ୍ୟକ୍ତିଗତ |
| 169 | ଇତିଭୂଆଁ | 147 | 190 | 587 | 0.320 | 0.320 | ଚକ | ବ୍ୟକ୍ତିଗତ |
| 170 | ଇତିଭୂଆଁ | 203/49 | 191 | 588 | 0.490 | 0.490 | ଚକ | ବ୍ୟକ୍ତିଗତ |
| 171 | ଇତିଭୂଆଁ | 192 | 192 | 589 | 0.630 | 0.630 | ଚକ | ବ୍ୟକ୍ତିଗତ |
| 172 | ଇତିଭୂଆଁ | 43 | 193 | 590 | 1.160 | 0.150 | ଚକ | ବ୍ୟକ୍ତିଗତ |
| 173 | ଇତିଭୂଆଁ | 111 | 194 | 591 | 0.620 | 0.480 | ଚକ | ବ୍ୟକ୍ତିଗତ |
| 174 | ଇତିଭୂଆଁ | 24 | 195 | 592 | 0.340 | 0.340 | ଚକ | ବ୍ୟକ୍ତିଗତ |
| 175 | ଇତିଭୂଆଁ | 64 | 196 | 593 | 0.510 | 0.510 | ଚକ | ବ୍ୟକ୍ତିଗତ |
| 176 | ଇତିଭୂଆଁ | 203/47 | 197 | 594 | 0.330 | 0.320 | ଚକ | ବ୍ୟକ୍ତିଗତ |
| 177 | ଇତିଭୂଆଁ | 31 | 197/233 | 594/647 | 0.690 | 0.690 | ଚକ | ବ୍ୟକ୍ତିଗତ |
| 178 | ଇତିଭୂଆଁ | 121 | 197/234 | 594/648 | 0.310 | 0.310 | ଚକ | ବ୍ୟକ୍ତିଗତ |
| 179 | ଇତିଭୂଆଁ | 38 | - | 595 | 0.810 | 0.560 | ସାରଦ-I | ବ୍ୟକ୍ତିଗତ |
| 180 | ଇତିଭୂଆଁ | 53 | 198 | 596 | 1.370 | 1.370 | ଚକ | ବ୍ୟକ୍ତିଗତ |
| 181 | ଇତିଭୂଆଁ | 97 | 201 | 599 | 1.100 | 0.950 | ଚକ | ବ୍ୟକ୍ତିଗତ |
| 182 | ଇତିଭୂଆଁ | 230/3 | 202 | 600 | 0.530 | 0.400 | ଚକ | ବ୍ୟକ୍ତିଗତ |
| 183 | ଇତିଭୂଆଁ | 181 | 203 | 601 | 0.530 | 0.120 | ଚକ | ବ୍ୟକ୍ତିଗତ |
| 184 | ଇତିଭୂଆଁ | 117 | 214 | 613 | 1.170 | 0.005 | ଚକ | ବ୍ୟକ୍ତିଗତ |
| | | | | ମୋଟ | 60.350 | 31.725 | | |
| 185 | ପାଣିସିଉଳି | 4 | - | 4 | 0.580 | 0.080 | ସାରଦ-II | ବ୍ୟକ୍ତିଗତ |
| 186 | ପାଣିସିଉଳି | 13 | - | 5 | 0.470 | 0.230 | ସାରଦ-II | ବ୍ୟକ୍ତିଗତ |
| 187 | ପାଣିସିଉଳି | 46 | - | 6 | 0.600 | 0.130 | ସାରଦ-II | ବ୍ୟକ୍ତିଗତ |
| 188 | ପାଣିସିଉଳି | 34 | - | 10 | 1.840 | 0.920 | ସାରଦ-II | ବ୍ୟକ୍ତିଗତ |
| 189 | ପାଣିସିଉଳି | 24 | - | 11 | 0.980 | 0.450 | ସାରଦ-II | ବ୍ୟକ୍ତିଗତ |
| 190 | ପାଣିସିଉଳି | 59/9 | - | 11/124 | 0.140 | | ସାରଦ-II | ବ୍ୟକ୍ତିଗତ |
| 191 | ପାଣିସିଉଳି | 7 | - | 12 | 0.620 | 0.560 | ସାରଦ-II | ବ୍ୟକ୍ତିଗତ |
| 192 | ପାଣିସିଉଳି | 3 | - | 13 | 0.220 | 0.220 | ସାରଦ-II | ବ୍ୟକ୍ତିଗତ |
| 193 | ପାଣିସିଉଳି | 3 | - | 14 | 1.210 | 0.220 | ସାରଦ-II | ବ୍ୟକ୍ତିଗତ |
| 194 | ପାଣିସିଉଳି | 38 | - | 26 | 0.240 | 0.150 | ସାରଦ-II | ବ୍ୟକ୍ତିଗତ |
| 195 | ପାଣିସିଉଳି | 38 | - | 26/116 | 0.080 | 0.010 | ସାରଦ-II | ବ୍ୟକ୍ତିଗତ |
| 196 | ପାଣିସିଉଳି | 36 | - | 27 | 0.620 | 0.280 | ସାରଦ-II | ବ୍ୟକ୍ତିଗତ |
| 197 | ପାଣିସିଉଳି | 59/2 | - | 28 | 0.320 | 0.320 | ସାରଦ-II | ବ୍ୟକ୍ତିଗତ |
| 198 | ପାଣିସିଉଳି | 38 | - | 28/117 | 0.320 | 0.320 | ସାରଦ-II | ବ୍ୟକ୍ତିଗତ |
| 199 | ପାଣିସିଉଳି | 40 | - | 29 | 0.620 | 0.010 | ସାରଦ-II | ବ୍ୟକ୍ତିଗତ |
| 200 | ପାଣିସିଉଳି | 59/3 | - | 30 | 3.720 | 2.380 | ସାରଦ-II | ବ୍ୟକ୍ତିଗତ |
| 201 | ପାଣିସିଉଳି | 59/3 | - | 31 | 1.920 | 0.550 | ସାରଦ-II | ବ୍ୟକ୍ତିଗତ |
| 202 | ପାଣିସିଉଳି | 56 | - | 36 | 0.380 | 0.005 | ସାରଦ-II | ବ୍ୟକ୍ତିଗତ |
| 203 | ପାଣିସିଉଳି | 8 | - | 37 | 0.890 | 0.680 | ସାରଦ-II | ବ୍ୟକ୍ତିଗତ |
| 204 | ପାଣିସିଉଳି | 59/10 | - | 37/121 | 0.280 | 0.280 | ସାରଦ-II | ବ୍ୟକ୍ତିଗତ |
| 205 | ପାଣିସିଉଳି | 14 | - | 38 | 0.300 | 0.300 | ସାରଦ-II | ବ୍ୟକ୍ତିଗତ |
| 206 | ପାଣିସିଉଳି | 2 | - | 39 | 0.280 | 0.280 | ସାରଦ-II | ବ୍ୟକ୍ତିଗତ |
| 207 | ପାଣିସିଉଳି | 20 | - | 40 | 0.120 | 0.120 | ସାରଦ-II | ବ୍ୟକ୍ତିଗତ |
| 208 | ପାଣିସିଉଳି | 37 | - | 40/118 | 0.120 | 0.120 | ସାରଦ-II | ବ୍ୟକ୍ତିଗତ |
| 209 | ପାଣିସିଉଳି | 29 | - | 41 | 0.270 | 0.270 | ସାରଦ-II | ବ୍ୟକ୍ତିଗତ |
| 210 | ପାଣିସିଉଳି | 59/7 | - | 42 | 0.850 | 0.470 | ସାରଦ-II | ବ୍ୟକ୍ତିଗତ |
| 211 | ପାଣିସିଉଳି | 47 | - | 51 | 0.411 | 0.200 | ସାରଦ-II | ବ୍ୟକ୍ତିଗତ |
| 212 | ପାଣିସିଉଳି | 59/5 | - | 52 | 0.400 | 0.400 | ସାରଦ-II | ବ୍ୟକ୍ତିଗତ |
| 213 | ପାଣିସିଉଳି | 5 | - | 53 | 1.120 | 0.180 | ସାରଦ-II | ବ୍ୟକ୍ତିଗତ |
| 214 | ପାଣିସିଉଳି | 59/6 | - | 54 | 0.340 | 0.340 | ସାରଦ-II | ବ୍ୟକ୍ତିଗତ |
| 215 | ପାଣିସିଉଳି | 26 | - | 55 | 0.320 | 0.320 | ସାରଦ-II | ବ୍ୟକ୍ତିଗତ |
| 216 | ପାଣିସିଉଳି | 38 | - | 56 | 1.090 | 1.090 | ସାରଦ-II | ବ୍ୟକ୍ତିଗତ |
| 217 | ପାଣିସିଉଳି | 27 | - | 57 | 2.180 | 2.110 | ସାରଦ-II | ବ୍ୟକ୍ତିଗତ |
| 218 | ପାଣିସିଉଳି | 33 | - | 58 | 0.460 | 0.002 | ସାରଦ-II | ବ୍ୟକ୍ତିଗତ |
| 219 | ପାଣିସିଉଳି | 10 | - | 72 | 1.510 | 0.060 | ସାରଦ-II | ବ୍ୟକ୍ତିଗତ |
| 220 | ପାଣିସିଉଳି | 7 | - | 74 | 0.100 | 0.070 | ସାରଦ-II | ବ୍ୟକ୍ତିଗତ |
| 221 | ପାଣିସିଉଳି | 3 | - | 75 | 0.110 | 0.060 | ସାରଦ-II | ବ୍ୟକ୍ତିଗତ |
| 222 | ପାଣିସିଉଳି | 26 | - | 76 | 0.100 | 0.025 | ସାରଦ-II | ବ୍ୟକ୍ତିଗତ |
| 223 | ପାଣିସିଉଳି | 18 | - | 77 | 0.270 | 0.150 | ସାରଦ-II | ବ୍ୟକ୍ତିଗତ |
| 224 | ପାଣିସିଉଳି | 50 | - | 78 | 0.290 | 0.100 | ସାରଦ-II | ବ୍ୟକ୍ତିଗତ |
| 225 | ପାଣିସିଉଳି | 25 | - | 79 | 0.500 | 0.500 | ସାରଦ-II | ବ୍ୟକ୍ତିଗତ |
| 226 | ପାଣିସିଉଳି | 7 | - | 80 | 0.100 | 0.100 | ସାରଦ-II | ବ୍ୟକ୍ତିଗତ |
| 227 | ପାଣିସିଉଳି | 3 | - | 81 | 0.110 | 0.110 | ସାରଦ-II | ବ୍ୟକ୍ତିଗତ |
| 228 | ପାଣିସିଉଳି | 26 | - | 82 | 0.120 | 0.120 | ସାରଦ-II | ବ୍ୟକ୍ତିଗତ |
| 229 | ପାଣିସିଉଳି | 32 | - | 83 | 0.430 | 0.430 | ସାରଦ-II | ବ୍ୟକ୍ତିଗତ |
| 230 | ପାଣିସିଉଳି | 56 | - | 84 | 0.360 | 0.300 | ସାରଦ-II | ବ୍ୟକ୍ତିଗତ |
| 231 | ପାଣିସିଉଳି | 9 | - | 85 | 0.270 | 0.080 | ସାରଦ-II | ବ୍ୟକ୍ତିଗତ |
| 232 | ପାଣିସିଉଳି | 22 | - | 86 | 0.290 | 0.002 | ସାରଦ-II | ବ୍ୟକ୍ତିଗତ |
| 233 | ପାଣିସିଉଳି | 56 | - | 87 | 0.370 | 0.320 | ସାରଦ-II | ବ୍ୟକ୍ତିଗତ |
| 234 | ପାଣିସିଉଳି | 45 | - | 88 | 0.270 | 0.260 | ସାରଦ-II | ବ୍ୟକ୍ତିଗତ |
| 235 | ପାଣିସିଉଳି | 47 | - | 89 | 0.270 | 0.270 | ସାରଦ-II | ବ୍ୟକ୍ତିଗତ |
| 236 | ପାଣିସିଉଳି | 13 | - | 90 | 0.140 | 0.140 | ସାରଦ-II | ବ୍ୟକ୍ତିଗତ |
| 237 | ପାଣିସିଉଳି | 28 | - | 91 | 0.190 | 0.190 | ସାରଦ-II | ବ୍ୟକ୍ତିଗତ |
| 238 | ପାଣିସିଉଳି | 58 | - | 92 | 0.470 | 0.470 | ସାରଦ-II | ବ୍ୟକ୍ତିଗତ |
| 239 | ପାଣିସିଉଳି | 47 | - | 93 | 0.280 | 0.280 | ସାରଦ-II | ବ୍ୟକ୍ତିଗତ |
| 240 | ପାଣିସିଉଳି | 59/8 | - | 94 | 0.240 | 0.240 | ସାରଦ-II | ବ୍ୟକ୍ତିଗତ |
| 241 | ପାଣିସିଉଳି | 59/12 | - | 95 | 0.440 | 0.440 | ସାରଦ-II | ବ୍ୟକ୍ତିଗତ |
| 242 | ପାଣିସିଉଳି | 32 | - | 96 | 0.210 | 0.210 | ସାରଦ-II | ବ୍ୟକ୍ତିଗତ |
| 243 | ପାଣିସିଉଳି | 49 | - | 97 | 0.480 | 0.480 | ସାରଦ-II | ବ୍ୟକ୍ତିଗତ |
| 244 | ପାଣିସିଉଳି | 52 | - | 98 | 0.180 | 0.170 | ସାରଦ-II | ବ୍ୟକ୍ତିଗତ |
| 245 | ପାଣିସିଉଳି | 51 | - | 99 | 0.310 | 0.130 | ସାରଦ-II | ବ୍ୟକ୍ତିଗତ |
| 246 | ପାଣିସିଉଳି | 39 | - | 100 | 0.150 | 0.040 | ସାରଦ-II | ବ୍ୟକ୍ତିଗତ |
| 247 | ପାଣିସିଉଳି | 58/11 | - | 101 | 0.450 | 0.002 | ସାରଦ-II | ବ୍ୟକ୍ତିଗତ |
| | | | | ମୋଟ | 33.140 | 19.747 | | |
| 248 | ଇଞ୍ଚରା | 5 | 112 | 138 | 0.430 | 0.110 | ଚକ | ବ୍ୟକ୍ତିଗତ |
| 249 | ଇଞ୍ଚରା | 113 | 112/372 | 138/1099 | 0.160 | | ଚକ | ବ୍ୟକ୍ତିଗତ |
| 250 | ଇଞ୍ଚରା | 283 | 113 | 139 | 0.210 | 0.200 | ଚକ | ବ୍ୟକ୍ତିଗତ |
| 251 | ଇଞ୍ଚରା | 331/70 | 114 | 140 | 0.180 | 0.155 | ଚକ | ବ୍ୟକ୍ତିଗତ |
| 252 | ଇଞ୍ଚରା | 331/77 | 116 | 142 | 0.410 | 0.030 | ଚକ | ବ୍ୟକ୍ତିଗତ |
| 253 | ଇଞ୍ଚରା | 97 | 186 | 242 | 0.270 | 0.160 | ଚକ | ବ୍ୟକ୍ତିଗତ |
| 254 | ଇଞ୍ଚରା | 314 | 187 | 243 | 0.050 | 0.050 | ଚକ | ବ୍ୟକ୍ତିଗତ |
| 255 | ଇଞ୍ଚରା | 91 | 188 | 245 | 1.040 | 0.205 | ଚକ | ବ୍ୟକ୍ତିଗତ |
| 256 | ଇଞ୍ଚରା | 179 | 189 | 247 | 0.750 | 0.085 | ଚକ | ବ୍ୟକ୍ତିଗତ |
| 257 | ଇଞ୍ଚରା | 245 | - | 295 | 0.050 | 0.005 | ସାରଦ-II | ବ୍ୟକ୍ତିଗତ |
| 258 | ଇଞ୍ଚରା | 276 | - | 296 | 0.120 | 0.085 | ସାରଦ-II | ବ୍ୟକ୍ତିଗତ |
| 259 | ଇଞ୍ଚରା | 241 | - | 297 | 0.180 | 0.130 | ସାରଦ-II | ବ୍ୟକ୍ତିଗତ |
| 260 | ଇଞ୍ଚରା | 303 | - | 298 | 0.310 | 0.160 | ସାରଦ-II | ବ୍ୟକ୍ତିଗତ |
| 261 | ଇଞ୍ଚରା | 146 | - | 301 | 0.360 | 0.215 | ସାରଦ-II | ବ୍ୟକ୍ତିଗତ |
| 262 | ଇଞ୍ଚରା | 161 | - | 302 | 0.080 | 0.080 | ସାରଦ-II | ବ୍ୟକ୍ତିଗତ |
| 263 | ଇଞ୍ଚରା | 112 | - | 303 | 0.080 | 0.080 | ସାରଦ-II | ବ୍ୟକ୍ତିଗତ |
| 264 | ଇଞ୍ଚରା | 260 | - | 304 | 0.080 | 0.080 | ସାରଦ-II | ବ୍ୟକ୍ତିଗତ |
| 265 | ଇଞ୍ଚରା | 99 | - | 305 | 0.080 | 0.080 | ସାରଦ-II | ବ୍ୟକ୍ତିଗତ |
| 266 | ଇଞ୍ଚରା | 331/49 | - | 307 | 0.250 | 0.060 | ସାରଦ-II | ବ୍ୟକ୍ତିଗତ |
| 267 | ଇଞ୍ଚରା | 304 | - | 309 | 0.380 | 0.160 | ସାରଦ-II | ବ୍ୟକ୍ତିଗତ |
| 268 | ଇଞ୍ଚରା | 331/29 | - | 309/1123 | 0.040 | | ସାରଦ-II | ବ୍ୟକ୍ତିଗତ |
| 269 | ଇଞ୍ଚରା | 58 | - | 310 | 0.240 | 0.090 | ସାରଦ-II | ବ୍ୟକ୍ତିଗତ |
| 270 | ଇଞ୍ଚରା | 214 | - | 311 | 0.240 | 0.040 | ସାରଦ-II | ବ୍ୟକ୍ତିଗତ |
| 271 | ଇଞ୍ଚରା | 331/24 | 254 | 1005 | 5.730 | 0.080 | ଚକ | ବ୍ୟକ୍ତିଗତ |
| 272 | ଇଞ୍ଚରା | 24 | 254/379 | 1005/1106 | 0.030 | 0.030 | ଚକ | ବ୍ୟକ୍ତିଗତ |
| 273 | ଇଞ୍ଚରା | 304 | - | 017 | 0.080 | 0.050 | ସାରଦ-II | ବ୍ୟକ୍ତିଗତ |
| 274 | ଇଞ୍ଚରା | 24 | - | 1018 | 0.070 | 0.040 | ସାରଦ-II | ବ୍ୟକ୍ତିଗତ |
| 275 | ଇଞ୍ଚରା | 146 | - | 1019 | 0.200 | 0.180 | ସାରଦ-II | ବ୍ୟକ୍ତିଗତ |
| 276 | ଇଞ୍ଚରା | 50 | - | 1020 | 0.200 | 0.005 | ସାରଦ-II | ବ୍ୟକ୍ତିଗତ |
| 277 | ଇଞ୍ଚରା | 162 | - | 1021 | 0.130 | 0.045 | ସାରଦ-II | ବ୍ୟକ୍ତିଗତ |
| 278 | ଇଞ୍ଚରା | | - | 1022 | 0.200 | 0.030 | ସାରଦ-II | ବ୍ୟକ୍ତିଗତ |
| 279 | ଇଞ୍ଚରା | 200 | 329 | 1042 | 0.660 | 0.270 | ଚକ | ବ୍ୟକ୍ତିଗତ |
| 280 | ଇଞ୍ଚରା | 84 | 330 | 1043 | 0.360 | 0.155 | ଚକ | ବ୍ୟକ୍ତିଗତ |
| 281 | ଇଞ୍ଚରା | 146 | 335 | 1048 | 0.280 | 0.005 | ଚକ | ବ୍ୟକ୍ତିଗତ |
| 282 | ଇଞ୍ଚରା | 50 | 336 | 1049 | 0.470 | 0.300 | ଚକ | ବ୍ୟକ୍ତିଗତ |
| 283 | ଇଞ୍ଚରା | 244 | 337 | 1050 | 0.150 | 0.140 | ଚକ | ବ୍ୟକ୍ତିଗତ |
| 284 | ଇଞ୍ଚରା | 121 | 338 | 1051 | 0.080 | 0.080 | ଚକ | ବ୍ୟକ୍ତିଗତ |
| 285 | ଇଞ୍ଚରା | 204 | 339 | 1052 | 0.060 | 0.005 | ଚକ | ବ୍ୟକ୍ତିଗତ |
| 286 | ଇଞ୍ଚରା | 331/213 | 340 | 1053 | 0.200 | 0.030 | ଚକ | ବ୍ୟକ୍ତିଗତ |
| 287 | ଇଞ୍ଚରା | 326 | 342 | 1061 | 0.370 | 0.210 | ଚକ | ବ୍ୟକ୍ତିଗତ |
କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍)ରେ ବିଭିନ୍ନ ଶିକ୍ଷାଦାନ ଓ ଅଣ-ଶିକ୍ଷାଦାନ ପଦବୀରେ ନିଯୁକ୍ତି ଲାଗି ନିଯୁକ୍ତି ଅଧିସୂଚନା ୦୧/୨୦୨୫ ସନ୍ଦର୍ଭରେ, ଏତଦ୍ୱାରା ଆବେଦନକାରୀଙ୍କୁ ସୂଚିତ କରିଦିଆଯାଉଅଛି ଯେ, ସହକାରୀ ଆୟୁକ୍ତ, ଅଧକ୍ଷ, ପିଜିଟି (ହିନ୍ଦୀ, ଇଂରାଜୀ, ବାଣିଜ୍ୟ), ଟିଜିଟି (ହିନ୍ଦୀ, ଇଂରାଜୀ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଶାରୀରିକ ଶିକ୍ଷା/ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା) ତଥା କନିଷ୍ଠ ସଚିବାଳୟ ସହାୟକ ପଦବୀ ପାଇଁ ପ୍ରଯୁଜ୍ୟ ଯୋଗ୍ୟତାଗୁଡ଼ିକୁ କେଭିଏସ୍ ଏବଂ ଏନ୍‌ଭିଏସ୍ ଦ୍ୱାରା ଏକ ସମାନ କରିଦିଆଯାଇଛି, ଯାହାଦ୍ୱାରା ଆବେଦନକାରୀମାନେ ଉକ୍ତ ପଦବୀ(ଗୁଡ଼ିକ) ପାଇଁ ଉଭୟ ବିଭାଗରେ ସମାନ ସମୟରେ ଏକା ସାଙ୍ଗରେ ଅନ୍‌ଲାଇନ୍ ଆବେଦନ ଦାଖଲ କରିବାରେ ସକ୍ଷମ ହୋଇପାରିବେ। ଏପରି ଆବେଦନକାରୀ, ଯେଉଁମାନେ କେବଳ କେଭିଏସ୍ କିମ୍ବା ଏନ୍‌ଭିଏସ୍‌ରେ ଉକ୍ତ ପଦବୀ ପାଇଁ ଅନ୍‌ଲାଇନ୍ ଦାଖଲ କରିପାରିଥିଲେ, ବର୍ତ୍ତମାନ ସେମାନଙ୍କୁ କେଭିଏସ୍ କିମ୍ବା ଏନ୍‌ଭିଏସ୍ (ମାମଲା ଅନୁଯାୟୀ)ରେ ମଧ୍ୟ ଅନ୍‌ଲାଇନ୍ ଆବେଦନ ଦାଖଲ କରିବା ନିମନ୍ତେ ସୁଯୋଗ ଦିଆଯିବ। ବିବରଣୀ ପାଇଁ ପ୍ରାର୍ଥୀମାନେ ସିବିଏସ୍‌ଇ, କେଭିଏସ୍ ଏବଂ ଏନ୍‌ଭିଏସ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ ଶୁଦ୍ଧିପତ୍ର-୨ ଦେଖିପାରନ୍ତି।

ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖକୁ ମଧ୍ୟ ୧୧ ଡିସେମ୍ବର, ୨୦୨୫ (ଅପରାହ୍ନ ୧୧.୫୯ ଘଟିକା) ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି। ସଦ୍ୟତମ ସୂଚନା ପାଇଁ ସିବିଏସ୍‌ଇ, କେଭିଏସ୍ ଏବଂ ଏନ୍‌ଭିଏସ୍‌ର ୱେବ୍‌ସାଇଟ୍ ପରିଦର୍ଶନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।

cbc 21107/12/0010/2526 — ନିର୍ଦ୍ଦେଶକ (ସିଟିଇଟି), ସିବିଏସ୍‌ଇ



## ଭାରତୀୟ କପା ନିଗମ ଲିମିଟେଡ୍
ଭା.କ.ନି. CCI
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବବାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ — କପାସ କିଷାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୦୫.୧୨.୨୦୨୫

### କପା ଚାଷୀଙ୍କୁ ଆହ୍ୱାନ

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "**କପାସ କିଷାନ**" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



## Govt. of Jharkhand
## Energy Department
## Jharkhand Renewable Energy Development Agency (JREDA)
3rd Floor, S.L.D.C. Building, Kusai Colony, Doranda, Ranchi-834002.
Ph.: 0651-2491161, Fax: 0651-2491165
E-mail: info@jreda.com ; Website: www.jreda.com

**NOTICE FOR INVITING TENDER (NIB)**
**e-Procurement Notice**
**Tender reference no.: 13/JREDA/RMS/PM-KUSUM/ 25-26**
**Dated: 05.12.2025**

| | | |
|---|---|---|
| 1. | Name of the work | Configuration of devices with providing SCADA Software License, Deployment, integration and Go live service for each installed and new remote monitoring systems as well as Upgradation and Integration of existing State Level Portal & National Level Portal of PM-KUSUM scheme Component-B , along with establishment of Unified Monitoring and Information Management System for Customer Grievances Handling, and Operational Reporting with Five (5) years O&M Contract for Jharkhand Renewable Energy Development Agency (JREDA), Ranchi |
| 2. | Period of Contract | 3 Months Deployment + 60 Months O&M |
| 3. | Date of publication of NIT on website: http://jharkhandtenders.gov.in | 05.12.2025 |
| 4. | Date & time of Pre-bid meeting | 12.12.2025 at 2:00 PM |
| 5. | Last date & time for receipt of online bids | 29.12.2025 (Monday) up to 5:00 PM |
| 6. | Submission of Bid fee and EMD through Online Via SBI Payment Gateway of Jharkhand Tenders | 29.12.2025 (Monday) up to 5:00 PM |
| 7. | Technical Bid Opening Date | 31.12.2025 (Wednesday) at 3:00 PM |
| 8. | Name & address of office inviting tender | Director, Jharkhand Renewable Energy Development Agency (JREDA), 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 9. | Contact no. of procurement officer | 0651-2491167/68/61 |
| 10. | Helpline no. of e-procurement | 0651-2491167/68/61 |

**Any corrigendum/addendum can be seen on website:** http://jharkhandtenders.gov.in & www.jreda.com. **Further details can be seen on website:** http://jharkhandtenders.gov.in & www.jreda.com

Sd/-
Director,
JREDA, Ranchi

PR 367808 (Energy)25-26*D



## ଦ.ପୂ. ରେଳପଥ – ଇ-ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୪୩, ତାରିଖ: ୦୫ା୧୨ା୨୦୨୫ ।**

"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ବନ୍ଦ ହେବା ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ (₹) |
|---|---|---|---|---|---|
| ୧ | ୩୩୨୫୧୪୮୬ବି | ୨୨ା୧୨ା୨୦୨୫ | ବ୍ରେକ୍ ପ୍ୟାଡ୍‌ର ଅଣ ଆଜ୍‌ବେଷ୍ଟସ୍ ଆଧାରିତ ସେଟ୍ (୧ ଗୋଟି ଏଲ୍‌ଏଚ୍ ଓ ୧ ଗୋଟି ଆର୍‌ଏଚ୍) ଆଦି | ୪୧୩୦ ସେଟ୍ | ୧,୫୮,୩୯୦ |
| ୨ | ଆଇଏଫ୍୨୫୬୦୧୦ | ୨୪ା୧୨ା୨୦୨୫ | କାଷ୍ଟ ଷ୍ଟିଲ ବୋଲଷ୍ଟର ଆଦି | ୩୯ ଗୋଟି | ୧,୪୧,୭୪୦ |
| ୩ | ୬୦୨୫୦୦୪୭ | ୧୫ା୧୨ା୨୦୨୫ | ୨୫ ଟି ଏକ୍ସିଲ ଲୋଡ୍, ବିଜି (୧୬୭୩ ମିମି) ଆଦି ନିମନ୍ତେ ୧ ଇନ୍ ୧୨ ୱେଲ୍‌ଡେବଲ୍ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ | ୬୦୦ ସେଟ୍ | ୨୦,୦୦,୦୦୦ |
| ୪ | ୬୦୨୫୦୦୧୨ବି | ୩୦ା୧୨ା୨୦୨୫ | ଆରଡିଏସ୍‌ଓ ଡ୍ରଇଂ ନଂ.: ଟି–୯୭୯୧ ଅନୁଯାୟୀ ୨୫ ଟି ଏକ୍ସିଲ୍ ଲୋଡ୍ ପାଇଁ ୧୦୧୨୫ ମିମି କର୍ଭଡ୍ ସୁଇଚ୍‌ର ବିନିର୍ମାଣ ଓ ଯୋଗାଣ ଆଦି | ୧୨୦୦ ସେଟ୍ | ୫୦,୦୦,୦୦୦ |
| ୫ | ଆଇଇ୨୫୫୬୭୫ | ୨୯ା୧୨ା୨୦୨୫ | ୨୫୦ କେଭିଏ ଫେଜ୍ ଡିଜେଲ୍ ଜେନେରେଟର୍ ସେଟ୍ | ୦୨ ଗୋଟି | ୧,୨୩,୬୫୦ |
| ୬ | ୨୫୨୫୩୫୮୩ | ୧୬ା୧୨ା୨୦୨୫ | ଡବ୍ଲ୍ୟୁଏପି–୪ ଲୋକୋ ପାଇଁ ବୁଲ୍ ଗିୟର୍ ୫୮ ଟିଥ୍ | ୩୭ ଗୋଟି | ୧,୧୬,୧୪୦ |
| ୭ | ୨୫୨୫୩୬୫୯ | ୨୨ା୧୨ା୨୦୨୫ | ମୋଟୋ ସହିତ ଟ୍ରାକ୍ସନ୍ ମୋଟର ବ୍ଲୋଅର୍ | ୩୫ ଗୋଟି | ୧,୪୦,୫୦୦ |
| ୮ | ୨୫୨୫୩୬୬୯ | ୨୩ା୧୨ା୨୦୨୫ | ଡବ୍ଲ୍ୟୁଏଜି୭ ଲୋକୋ ପାଇଁ ଗିୟର୍ ହ୍ୱିଲ୍ ୬୫ ଟିଥ୍ | ୫୭ ଗୋଟି | ୧,୯୩,୭୧୦ |
| ୯ | ୨୯୨୫୩୭୯୭ | ୨୪ା୧୨ା୨୦୨୫ | ଇ୭୦ ବ୍ରେକ୍ ସିଷ୍ଟମ୍‌ର ୯ଟି ଭାଲ୍‌ଭର ବିବିଧ କିଟ୍ ସେଟ୍ | ୧୨୬ ସେଟ୍ | ୧,୯୧,୮୦୦ |
| ୧୦ | ୬୦୨୫୫୪୪୦ | ୨୨ା୧୨ା୨୦୨୫ | ୧ ଇନ୍ ୮.୫ ସିଜର୍ସ କ୍ରସ୍ ଓଭର୍ ସହିତ ୬୪୦୦ ମିମି କର୍ଭଡ୍ ସ୍ୱିଚେସ୍‌ର ବିନିର୍ମାଣ ଓ ଯୋଗାଣ ଆଦି | ୦୨ ସେଟ୍ | ୧,୪୫,୭୭୦ |
| ୧୧ | ୬୦୨୫୫୪୬୭ | ୦୧ା୦୧ା୨୦୨୬ | ମୋନୋ ବ୍ଲକ୍ ୱାଇଡର୍ ପ୍ରି–ଷ୍ଟ୍ରେସ୍‌ଡ କଂକ୍ରିଟ୍ ସ୍ଲିପର୍‌ର ବିନିର୍ମାଣ ଓ ଯୋଗାଣ ଆଦି | ୨୦୦୦୦ ଗୋଟି | ୧୬,୯୩,୫୪୦ |
| ୧୨ | ୬୦୨୫୦୧୨୧ | ୦୧ା୦୧ା୨୦୨୬ | ଡବଲ୍ ସ୍ଲିପ୍‌ସ ସହିତ ୧ ଇନ୍ ୮.୫ ଡାଇମଣ୍ଡ କ୍ରସିଂର ବିନିର୍ମାଣ ଓ ଯୋଗାଣ ଆଦି | ୧୫ ସେଟ୍ | ୮,୬୭,୩୦୦ |
| ୧୩ | ୬୬୨୫୫୦୧୭ଏ | ୦୫ା୦୧ା୨୦୨୬ | ସିଏସ୍‌ଏମ୍/ଡିୟୁଓ (ପୁରୁଣା ମଡେଲ) ମେଶିନ ପାଇଁ ଟଙ୍ଗଷ୍ଟେନ୍ କାର୍ବାଇଡ୍ ଟାମ୍ପିଂ ଟୁଲ୍ (ଟିସିଟିଟି) ଆଦି | ୧୫ ସେଟ୍ | ୧,୯୬,୪୩୦ |
| ୧୪ | ୨୯୨୫୫୦୫୭ଏ | ୨୨ା୧୨ା୨୦୨୫ | ଏସି ଲୋକୋଗୁଡ଼ିକ ପାଇଁ ହାଇ ଟେନ୍‌ସାଇଲ୍ ଟ୍ରାଞ୍ଜିସନ୍ ସିବି କପ୍‌ଲର୍ ଆଦି | ୬୦ ଗୋଟି | ୧,୮୧,୯୪୦ |
| ୧୫ | ୩୮୨୫୩୯୬୩ଏ | ୦୧ା୦୧ା୨୦୨୬ | ବ୍ରେକ୍ ପାଇପ୍ ପାଇଁ ଏୟାର୍ ବ୍ରେକ୍ ହୋଜ୍ କପ୍‌ଲିଂ ଆଦି | ୨୭୯୯୦ ଗୋଟି | ୯,୦୪,୬୦୦ |
| ୧୬ | ୯୦୨୫୩୧୧୩ | ୨୬ା୧୨ା୨୦୨୫ | ସ୍ଲିପ୍ ଫ୍ରି ଫିନିଶ୍ ଷ୍ଟେନଲେସ୍ ଷ୍ଟିଲ୍ ଶିଟ୍ ଆକାର: ୧.୨୫ ମିମିx ୩୩୧୦ ମିମି x ୮୧୦ ମିମି | ୩୪୬୨୦ କିଗ୍ରା | ୧,୬୦,୧୪୦ |
| ୧୭ | ୩୧୨୫୧୪୮୧ବି | ୦୨ା୦୧ା୨୦୨୬ | ନନ୍ ଆଜବେଷ୍ଟସ୍ ଭିତ୍ତିକ "କେ" ଟାଇପ୍ ହାଇ ଫ୍ରିକ୍ସନ୍ କମ୍ପୋଜିଟ୍ ବ୍ରେକ୍ ବ୍ଲକ୍‌ସ ଆଦି | ୭୦୬୬୩ ଗୋଟି | ୪,୨୫,୧୭୦ |
| ୧୮ | ୩୩୨୫୧୪୮୬ସି | ୧୨ା୦୧ା୨୦୨୬ | ନନ୍ ଆଜବେଷ୍ଟସ୍ ଭିତ୍ତିକ ବ୍ରେକ୍ ପ୍ୟାଡ୍‌ର ସେଟ୍ ଆଦି | ୩୭୧୭୦ ସେଟ୍ | ୧୪,୨୫,୪୭୦ |
| ୧୯ | ୩୩୨୫୩୧୮୭ଏ | ୦୭ା୦୧ା୨୦୨୬ | ଏଲ୍‌ଏଚ୍‌ବି ନନ୍ ଏସି ପାଇଁ ସେକେଣ୍ଡାରୀ ସ୍ପ୍ରିଙ୍ଗ (ଆଉଟର୍) | ୧୪୧ ଗୋଟି | ୧,୫୪,୫୭୦ |
| ୨୦ | ଏଏ୨୫୫୧୫୬ | ୦୫ା୦୧ା୨୦୨୬ | ବିଆର୍‌ଏନ୍–୨୨.୯ ଏମ୍୧ ୱାଗନ୍ ପାଇଁ ଉପଯୁକ୍ତ କାଷ୍ଟ ଷ୍ଟିଲ୍ କ୍ୟାସନବ୍ ୨୨–ଏଚ୍‌ଏସ୍ ବଗି ଆଦି | ୫୬ ସେଟ୍ | ୩,୨୩,୧୪୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି।

(PR-925)



## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.: DRM/Engg/KUR/25-26/E-Tender/89, ତା.02.12.2025ରିଖ

(1) ଟେଣ୍ଡର ସଂ.: e-TenderSouthKUR-301-2025, ତା.21.11.2025ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ସୋମପେଟା ଅନ୍ତର୍ଗତ ଇଚ୍ଛାପୁରମ୍-ପଲାସା ଷ୍ଟେସନ ମଧ୍ୟରେ 631.20 କି.ମି. ଠାରୁ 678.33 କି.ମି. ପର୍ଯ୍ୟନ୍ତ 30.09.2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 100.95 ଲକ୍ଷ, EMD (₹) : 2,00,500.00, ଶେଷ ହେବା ଅବଧି : 12(ବାର) ମାସ।

(2) ଟେଣ୍ଡର ସଂ. eTender-SouthKUR-300-2025, ତା.21.11.2025ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଲାସା ସେକ୍ସନ ମଧ୍ୟରେ ଆର୍କ ବ୍ରିଜ୍ ନଂ. 1111 (UP), 1166 (UP), 997(UP) ଏବଂ RCC ସ୍ଲାବ୍ ବ୍ରିଜ୍ ନଂ. 919 DN ର RCC ବାକ୍ସ ବ୍ରିଜ୍‌ଗୁଡ଼ିକରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନର୍ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 185.32 ଲକ୍ଷ, EMD (₹) : 2,42,700.00, ଶେଷ ହେବା ଅବଧି : 10(ଦଶ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.12.2025 ରିଖ 1500 ଘଟିକାରେ(ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ), ଖୋର୍ଦ୍ଧା ରୋଡ଼
PR-875/Q/25-26



## ନିୟନ୍ତ୍ରିତ ବଜାର କମିଟି, ପାଟଣାଗଡ଼, ଜିଲ୍ଲା–ବଲାଙ୍ଗୀର (ଧାନମଣ୍ଡି)

ଏତଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପାଟଣାଗଡ଼ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ତା.୦୫.୧୨.୨୦୨୫ ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫–୨୬) ବର୍ଷ ପାଇଁ ସରକାର ନିମ୍ନମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ। "ଚାଷୀଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବା।" ଧାନ କ୍ରୟ ଦିବସ– ସୋମ, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି ସମୟ–ସକାଳ ୭ ଘଣ୍ଟାରୁ ମଧ୍ୟାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରିପାରିବେ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବିକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା–ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ "ଏ" ଧାନ ନିମନ୍ତେ | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା**

| କ୍ର.ନଂ. | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ତତ୍‌ସହ ଇନ୍‌ପୁଟ ସହାୟତା |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/– |



ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରିମ ଟୋକନ୍) ପ୍ରେରଣ କରାଯିବ ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରିମ ଟୋକନ୍ ପାଇଲାପରେ ସଂପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଚଳିତ ବର୍ଷ ଟୋକନ୍‌ରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କ ଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ। ବିନା ଟୋକନ୍‌ରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତ ହୋଇଥିବା ଟୋକନ୍ ଆଣିବେ। ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜିକୃତ ହୋଇଥିବା ମୋବାଇଲ ନଂ.ରୁ ଟୋଲ୍ ଫ୍ରି ନଂ.1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ।

I.V.R.S. ପଦ୍ଧତିରେ– ୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ। ୬ ନମ୍ବର ଚୟନ କଲେ ଟୋକନ୍‌ର ସ୍ଥିତି ଜାଣିପାରିବେ। ୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ।

ସ୍ୱା./–ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ପାଟଣାଗଡ଼
ସ୍ୱା./–ଉପଜିଲ୍ଲାପାଳ ପାଟଣାଗଡ଼ ତଥା ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, ପାଟଣାଗଡ଼

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଗୋଟିଏ ଦିନରେ ୧୦ ହଜାର ଟିକେଟ ଶେଷ

**କଟକ,୫।୧୨(ଶିଲ୍ପା ପ୍ରିୟଦର୍ଶିନୀ)**

ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍ ପାଇଁ କାଉଣ୍ଟରରେ ଟିକେଟ୍ ବିକ୍ରି ଶୁକ୍ରବାର କରାଯାଇଛି। ମଧ୍ୟରାତ୍ରରୁ ଭିଡ ଅସମ୍ଭାଳ ହେବାରୁ ପୋଲିସ ନିୟମ ବଦଳାଇ ପର୍ଯ୍ୟାୟକ୍ରମେ କ୍ରିକେଟପ୍ରେମୀଙ୍କୁ ଧାଡ଼ି କରିବାକୁ ଅନୁମତି ଦେଇଥିଲା। ପରେ ସକାଳ ୯ଟାରୁ କାଉଣ୍ଟର କ୍ରିକେଟପ୍ରେମୀଙ୍କ ପାଇଁ ଖୋଲା ଯାଇଥିଲା। ସନ୍ଧ୍ୟା ୬ଟା ୩୦ ସୁଦ୍ଧା ସମସ୍ତ କାଉଣ୍ଟରରେ ଟିକେଟ ଶେଷ ହୋଇଥିବା ଓସିଏ ପକ୍ଷରୁ ସୂଚନା ମିଳିଛି। ଗତ ମ୍ୟାଚ୍‌ରେ ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ଏବଂ ପ୍ରଥମ କରି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ପ୍ରାୟ ୧୦୦ ଜଣ ବାଉନ୍ସର ଟିକେଟ କାଉଣ୍ଟର ନିକଟରେ ମୁତୟନ କରାଯାଇଥିଲା। ଧାଡ଼ିରେ ଥିବା କ୍ରିକେଟପ୍ରେମୀଙ୍କୁ କାଉଣ୍ଟରର କିଛି ଦୂରରୁ ଅଟକା ଯାଇ ଗୋଟିଏ ପରେ ଗୋଟିଏ କରି କାଉଣ୍ଟର ନିକଟକୁ ଛଡ଼ାଯାଇଥିଲା।

ବାରବାଟୀ ଷ୍ଟାଡିୟମ ପରିସରରେ ୫ଟି ଟିକେଟ କାଉଣ୍ଟର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଦିବ୍ୟାଙ୍ଗମାନଙ୍କ ପାଇଁ କାଉଣ୍ଟରରେ ଟିକେଟ କିଣିବାର କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନଙ୍କୁ ପ୍ରାୟ ଦୁଇରୁ ତିନି ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ପରେ ପୋଲିସ ପକ୍ଷରୁ ଏହାର ବ୍ୟବସ୍ଥା କରାଯାଇ ଟିକେଟ ପ୍ରଦାନ କରାଯାଇଥିଲା। ସାଧାରଣ ଲୋକଙ୍କ ପାଇଁ କଟକଣା ରହିଥିବାବେଳେ ଟିକେଟ କାଉଣ୍ଟରରୁ କିଛି କର୍ମଚାରୀ ଟିକେଟ ନେଇ ପଳାଉଥିବାବେଳେ ଧାଡ଼ିରେ ଥିବା ଲୋକେ ହୋହଲ୍ଲା କରିଥିଲେ। ଟିକେଟ ପାଇଁ ଦୀର୍ଘ ସମୟ ଧାଡ଼ିରେ ଅପେକ୍ଷା କରିବାରୁ ଜଣେ ୬୦ ବର୍ଷର ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ପୋଲିସ ମହିଳାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥିଲା। ଟିକେଟ ଶେଷ ହୋଇଯିବାରୁ ବହୁ କ୍ରିକେଟ୍‌ପ୍ରେମୀ ଟିକେଟ ନ ପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି।





ଟିକେଟ କିଣିବାପରେ ଉଲ୍ଲସିତ କ୍ରୀଡ଼ାପ୍ରେମୀ। (ଫଟୋ: ରାଜକିଶୋର ମହାନ୍ତି)

### ବାରବାଟୀ ଟି୨୦

- ବାଉନ୍ସର ଜଗିଲେ ଟିକେଟ କାଉଣ୍ଟର
- ଦିବ୍ୟାଙ୍ଗଙ୍କ ପାଇଁ ହୋଇ ନ ଥିଲା ସ୍ୱତନ୍ତ୍ର ବ୍ୟବସ୍ଥା

### ଜିକ୍‌ଜାକ୍ ଶୈଳୀରେ ବାରିକେଡ୍

ଡିସେମ୍ବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ୍‌କୁ ଆଉ ମାତ୍ର ୩ ଦିନ ଥିବାବେଳେ ଚଳିତଥର ବାରିକେଡ୍ ବ୍ୟବସ୍ଥାରେ ସୁଧାର ଅଣାଯାଇ ସର୍ପେଣ୍ଟାଇନ୍ (ଜିକ୍‌ଜାକ୍) ଶୈଳୀରେ ବାରିକେଡ୍ କରାଯାଇଥିଲା। ଏହାସହ ସର୍ବସାଧାରଣଙ୍କ ନିମନ୍ତେ କ୍ୟାମ୍ପସ ପରିସରକୁ ନୋ ମ୍ୟାନ ଲାଣ୍ଡ ଘୋଷଣା କରାଯାଇଥିଲା । ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ନିକଟରେ ୩ଟି ଟିକଟ କାଉଣ୍ଟର କରାଯାଇଥିବାବେଳେ ତନ୍ମଧ୍ୟରେ ଗୋଟିଏ ସ୍ୱତନ୍ତ୍ର ଭାବେ ମହିଳାଙ୍କ ଲାଗି ଉଦ୍ଦିଷ୍ଟ ଥିଲା। ଅନ୍ୟ ଦୁଇଟି କାଉଣ୍ଟରରୁ ସବୁ ବର୍ଗର ଦର୍ଶକ ଟିକେଟ ସଂଗ୍ରହ କରିବାର ବ୍ୟବସ୍ଥା ରହିଥିଲା। ମହିଳାମାନେ ବାସ୍କେଟ ବଲ କମ୍ପ୍ଲେକ୍ସ ନିକଟରୁ ଧାଡ଼ି ଦେବା ଆରମ୍ଭ କରିଥିବାବେଳେ ସାଧାରଣ ବର୍ଗଙ୍କ ଲାଗି ଥିବା କାଉଣ୍ଟର ନିମନ୍ତେ ଏକାଡେମୀ ପଡ଼ିଆ ଦେଇ ଧାଡିରେ ଆସିଥିଲେ। ଉକ୍ତ ପରିସରରେ ସ୍ୱାସ୍ଥ୍ୟ ଟିମ୍ ସହ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ଅଗ୍ନିଶମ ବାହିନୀ ମଧ୍ୟ ମୁତୟନ ରହିଥିଲେ।



ଦିବ୍ୟାଙ୍ଗ ଦର୍ଶକମାନେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚର ଟିକେଟ କିଣିବାପରେ ପ୍ରଦର୍ଶନ କରୁଛନ୍ତି।

# ପହଞ୍ଚିଲେ ଦକ୍ଷିଣ ଆଫ୍ରିକାର ୫ ଖେଳାଳି

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ଲାଗି ଶୁକ୍ରବାର ଦକ୍ଷିଣ ଆଫ୍ରିକାର ୫ ଖେଳାଳି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏହି ଖେଳାଳିମାନେ ହେଲେ ଟ୍ରିଷ୍ଟନ ଷ୍ଟବ୍ସ, ଡୋନୋଭାନ ଫେରେରା, ରିଜା ହେଣ୍ଡ୍ରିକ୍ସ, ଜର୍ଜ ଲିନ୍‌ଡେ ଓ ଡେଭିଡ ମିଲର। ଅବଶିଷ୍ଟ ଖେଳାଳି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶାଖାପଟନମ୍‌ଠାରେ ଶନିବାର ହେବାକୁଥିବା ତୃତୀୟ ଦିନିକିଆ ପରେ ଭୁବନେଶ୍ୱର ଆସିବେ।

# ଆଉ ଏକ 'ରୋ-କୋ' ଶୋ ଆଶାରେ ଭାରତ

**ବିଶାଖାପଟନମ୍, ୫।୧୨ (ପିଟି)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ୍ ଶନିବାର ଏଠାରେ ଅନୁଷ୍ଠିତ ହେବ। ୩ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିରେ ରହିଛି। ତେଣୁ ସିରିଜ ଜିତିବାକୁ ହେଲେ ଭାରତ ପାଇଁ ଅନ୍ତିମ ଦିନିକିଆ ଜିତିବା ଜରୁରୀ ହୋଇ ପଡ଼ିଛି। ନଚେତ ଦକ୍ଷିଣ ଆଫ୍ରିକା ନିକଟରୁ ଆଉ ଏକ ସିରିଜ ପରାଜୟ ଭୋଗିବାକୁ ପଡ଼ିବ। ତେଣୁ ଆସନ୍ତା ମ୍ୟାଚରେ ରୋହିତ ଶର୍ମା ଓ ବିରାଟ କୋହଲି (ରୋ-କୋ) ପୁଣି ଭଲ ପ୍ରଦର୍ଶନ କରିବାନେଇ ଭାରତ ଆଶା ରଖିଛି। ଟେଷ୍ଟ ସିରିଜକୁ ଦକ୍ଷିଣ ଆଫ୍ରିକା ୨-୦ରେ ଜିତି ସାରିଛି।

### ତୃତୀୟ ଦିନିକିଆ ଆଜି

**ସମୟ: ଅପରାହ୍ନ ୧.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ ଜିଓ ହଟ୍‌ଷ୍ଟାର**

ବର୍ତ୍ତମାନ ପରିସ୍ଥିତିରେ କ୍ରମାଗତ ସିରିଜ ପରାଜୟ ସମ୍ପର୍କରେ ଘରୋଇ ଦଳ ଚିନ୍ତା କରି ପାରୁନାହିଁ। ଡ୍ରେସିଂରୁମ୍ ପରିବେଶ ଯାହା ଥାଉନା କାହିଁକି କୋହଲି ଓ ରୋହିତଙ୍କ ଉପସ୍ଥିତି ଦଳର ମନୋବଳ ବଢ଼ାଇଛି। ବିରାଟ ଏବେ ଚମତ୍କାର ଫର୍ମରେ ଅଛନ୍ତି। ୨ଟି ମ୍ୟାଚରେ କ୍ରମାଗତ ଶତକ ହାସଲ କରି ସାରିଛନ୍ତି। କୋହଲିଙ୍କ ଭଳି ରୋହିତ ମଧ୍ୟ ୫୦ ଓଭର ଫର୍ମାଟରେ ବେଶ୍ ଅଭିଜ୍ଞ ଓ ଦକ୍ଷ। କ୍ୟାରିୟରର ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଥିବାରୁ ଉଭୟ ଖେଳାଳି ସେମାନଙ୍କ ସଫଳତାର ଧାରାକୁ ଲମ୍ବାଇବାକୁ ଚାହିଁବେ ନିଶ୍ଚିତ। ଶେଷ ୩ ଇନିଂସରେ କୋହଲି ୨ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେହିପରି ରୋହିତ ନିଜର ଶେଷ ୪ ଇନିଂସରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏହି ସଂଖ୍ୟା ସେମାନଙ୍କର ଟଚ୍, କ୍ଲାସ ଏବଂ ସଫଳତା ଲାଗି ଭୋକିଲାପଣକୁ ଦର୍ଶାଉଛି।

ଗତ ମ୍ୟାଚରେ ଋତୁରାଜ ଗାଏକ୍ୱାଡ୍ ଶତକ ହାସଲ କରିଛନ୍ତି। ମାତ୍ର ଯଶସ୍ୱୀ ଜୟସ୍ୱାଲ ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରିପାରି ନାହାନ୍ତି। ତେଣୁ ଏହି ଯୁବ ଓପନରଙ୍କ ଉପରେ ନିଶ୍ଚିତ ନଜର ରହିବ। ଦ୍ରୁତ ବୋଲରଙ୍କୁ ଖେଳିବାରେ ଜୟସ୍ୱାଲ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି। ବାମହାତୀ ବୋଲରମାନେ ତାଙ୍କୁ ୩୦ (ଟେଷ୍ଟରେ ୯, ଟି୨୦ରେ ୧୯ ଓ ଦିନିକିଆରେ ୨)ଥର ଆଉଟ କରିସାରିଛନ୍ତି।

### ତିଲକ ନା ସୁନ୍ଦର

ବିଶାଖାପଟନମ ପିଚ୍ ବ୍ୟାଟରଙ୍କୁ ସୁହାଇଥାଏ। ଏଠାରେ ଭାରତର ରେକର୍ଡ ମଧ୍ୟ ବହୁତ ଭଲ। ୧୦ ମ୍ୟାଚରୁ ଭାରତ ୭ଟିରେ ବିଜୟୀ ହୋଇଛି। ଗତ ୨ଟି ମ୍ୟାଚରେ ଭାରତର ମିଡିଲ ଅର୍ଡର ସଂଘର୍ଷ କରୁଥିବା ପରିଲକ୍ଷିତ ହେଉଛି। ଏ କ୍ଷେତ୍ରରେ ମ୍ୟାନେଜମେଣ୍ଟ ଆଗାମୀ ମ୍ୟାଚରେ ତିଲକ ବର୍ମାଙ୍କୁ ଖେଳାଉଛି ନା ୱାଶିଂଟନ ସୁନ୍ଦରଙ୍କୁ ଅପରିବର୍ତ୍ତିତ ରଖୁଛି ତା' ଉପରେ ମଧ୍ୟ ନଜର ରହିବ। ରିଷଭ ପନ୍ତ ଯଦିଓ ଉପଲବ୍ଧ ଅଛନ୍ତି ତେବେ ତିଲକ ଜଣେ ଭଲ ବ୍ୟାଟର ସହିତ ଉପଯୋଗୀ ସ୍ପିନରର ଭୂମିକା ତୁଲାଇ ପାରିବେ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଭାରତରେ ପ୍ରଥମ ଦିନିକିଆ ସିରିଜ ବିଜୟ ଆଶାରେ ରହିଛି। ପେସର ବର୍ଗର ଓ ବ୍ୟାଟର ଟୋନି ଡି ଜର୍ଜିଙ୍କ ଫିଟ୍‌ନେସ ଉପରେ ନଜର ରଖାଯାଇଛି।

**ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍**

# କିଶୋର, ଆର୍ଡୋର ବିଜୟୀ

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚରେ କିଶୋର ସ୍ପୋର୍ଟିଂ ଓ ଆର୍ଡୋର ଏଫ୍‌ଏ ବିଜୟ ହାସଲ କରିଛି। ଅପରାହ୍ନ ୨ଟା୩୦ରେ ଅନୁଷ୍ଠିତ ମ୍ୟାଚରେ କିଶୋର ୫-୪ ଗୋଲରେ କିସ୍‌କୁ ପରାସ୍ତ କରିଛି। ଆସୋସିଏଶନର ବରିଷ୍ଠ ସଦସ୍ୟ ପ୍ରିୟନାଥ ଚୌଧୁରୀ ଅତିଥିଭାବେ ଯୋଗଦେଇ କିଶୋର ସ୍ପୋର୍ଟିଂର ସତ୍ୟମ୍ ସିଂଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଅପରାହ୍ନ ୫ଟାରେ ଅନୁଷ୍ଠିତ ମ୍ୟାଚରେ ଆର୍ଡୋର ୪-୧ ଗୋଲରେ ନୀତା ଫୁଟବଲ ଏକାଡେମୀକୁ ହରାଇ ଦେଇଛି। ବିଜୟୀ ଦଳର ଆୟୁଷ ଡିଗଲ ଅତିଥି ତଥା ଏମ୍‌ସିସି କ୍ଲବ ସମ୍ପାଦକ ଗୁରୁ ପ୍ରସାଦ ନନ୍ଦଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ।

# ଅଷ୍ଟ୍ରେଲିଆ ୪୪ ରନ୍‌ରେ ଅଗ୍ରଣୀ

**ବ୍ରିସ୍‌ବେନ୍ (ଅଷ୍ଟ୍ରେଲିଆ), ୫।୧୨ (ଏପି)**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆଶେସ ଟେଷ୍ଟର ଶୁକ୍ରବାର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୪ ରନ ଅଗ୍ରଣୀ ଲାଭ କରିଛି। ଭ୍ରମଣକାରୀ ଦଳ ଖରାପ ବୋଲିଂ ବ୍ୟତୀତ ୫ କ୍ୟାଚ ହାତଛଡ଼ା କରିବାରୁ ଅଷ୍ଟ୍ରେଲିଆ ବ୍ୟାଟରମାନେ ଏଥିରୁ ଫାଇଦା ଉଠାଇଥିଲେ। ଫଳତଃ ଦଳ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୩୭୮ ରନ କରିପାରିଛି। ଓପନର ଜେକ୍ ୱିଥରାଲ୍ଡ ୭୮ ବଲ୍‌ରୁ ୭୨ ରନ, ମାର୍ନସ ଲବୁସେନ (୬୫) ପଛକୁ ପଛ ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ କାମଚଳା ଅଧିନାୟକ ଷ୍ଟିଭ ସ୍ମିଥ୍ ୬୧ରନ ସଂଗ୍ରହ କରିନେଇଥିଲେ। ଗାବାରେ ବଲ୍ ବାଉନ୍ସ କରୁଥିଲେ ମଧ୍ୟ ବ୍ୟାଟରମାନେ ଆଧିପତ୍ୟ ବିସ୍ତାର କରିଥିଲେ। ଆଲେକ୍ସ କାରେ ବ୍ୟକ୍ତିଗତ ୨୫ ରନ କରି ଖେଳୁଥିବା ବେଳେ କ୍ୟାଚ ହାତଛଡ଼ା ହୋଇଯିବା ପରେ ଷ୍ଟମ୍ପ ଅପସାରଣ ବେଳକୁ ୪୫ ବଲ୍‌ରୁ ୪୬ରନ କରି ଅପରାଜିତ ରହିଥିଲେ। ମାଇକେଲ ନେସରଙ୍କ ମଧ୍ୟ ଏକ କ୍ୟାଚ ହାତଛଡ଼ା ହୋଇଥିଲା। ସେ ୧୫ ରନ କରି ଅପରାଜିତ ଥିଲେ। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ କାରେ ଓ ନେସରଙ୍କ ମଧ୍ୟରେ ୪୯ରନର ପାର୍ଟନରଶିପ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୩୪/ଅଲଆଉଟ ( ଜୋ ରୁଟ୍-୧୩୮*, ଜ୍ୟାକ୍ କ୍ରଲି-୭୬, ମିଚେଲ ଷ୍ଟାର୍କ-୬/୭୫)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ : ୩୭୮/୬ (ଜେକ୍ ୱିଥରାଲ୍ଡ-୭୨, ମାର୍ନସ ଲବୁସେନ-୬୫, ଷ୍ଟିଭେନ ସ୍ମିଥ୍-୬୧, ଆଲେକ୍ସ କାରେ-୪୬*, କାମେରନ ଗ୍ରୀନ୍-୪୫ ; ବ୍ରାଇଡନ୍ କାର୍ସି-୩/୧୧୩, ବେନ୍ ଷ୍ଟୋକ୍ସ-୨/୯୩)।

# ଜାତୀୟ ରୋଲର ସ୍କେଟିଂରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)**

ବିଶାଖାପଟନମ୍‌ଠାରେ ୬୩ତମ ଜାତୀୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାଗ ନେବାଲାଗି ଓଡ଼ିଶା ଦଳ ଶୁକ୍ରବାର ସେଠାକୁ ଯାତ୍ରା କରିଛି। ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ସ୍କେଟରମାନେ ଭଲଭାବେ ପ୍ରସ୍ତୁତି କରିଛନ୍ତି। ବର୍ଷସାରା ଖେଳାଳିମାନେ ପ୍ରସ୍ତୁତି ଜାରି ରଖିଥିବାରୁ ଏଥର ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ ପାଇଁ ଆଶା ରହିଛି ବୋଲି ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା ପ୍ରକାଶ କରିଛନ୍ତି।

# ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଭୁବନେଶ୍ୱର, ୫।୧୨(ତପନ ସ୍ୱାଇଁ)**

ଇଣ୍ଡିଆନ ଆସୋସିଏଶନ ଅଫ କିକ୍ ବକ୍ସିଂ ଅର୍ଗାନାଇଜେଶନ (ଆଇକେଓ) ଆନୁକୂଲ୍ୟରେ ନିଖିଳ ଓଡ଼ିଶା କିକ୍ ବକ୍ସିଂ ଆସୋସିଏଶନ ସହାୟତାରେ ଭୁବନେଶ୍ୱରଠାରେ ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ ଶୁକ୍ରବାର ଆରମ୍ଭ ହୋଇଛି। ମଞ୍ଚେଶ୍ୱରଠାରେ ୪ଦିନ ଧରି ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ପ୍ରତିଯୋଗିତା ହେଉଛି। ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି, ଭାଜପା ନେତା ଜଗନ୍ନାଥ ପ୍ରଧାନ, ସାମାଜିକକର୍ମୀ ରୋଜାଲିନ ପାଟଶାଣୀ ମିଶ୍ର, ରୋଟାରୀ ଜିଲା ଗଭର୍ନର ଜୟଶ୍ରୀ ମହାନ୍ତି, ଆଇଏକେଓ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ସଭାପତି ସଞ୍ଜୟ ଚୌଧୁରୀ, ଆଇଏକେଓ ସଭାପତି ପ୍ରବୋଧ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।


**Classified Everyday**
**0674-2580101, 9692975378**



REAL ESTATE
SALE

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14




The massage felt totally professional! & comfortable at all times-7978109255. D-221

All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

By virtue of an affidavit sworn before the Notary Public, Nuapada, Dtd.17.11.25, I, Nita Patel, W/o. Pustam Patel, R/o. Village- Tamkidadar, P.O.- Bhaleswar, P.S.- Beltukri, Dist.- Nuapada declare that after marriage I have changed my name from Chuni Patel to Nita Patel. That both the names is one and same person. Henceforth, I shall be known as Nita Patel. D-2767

I, Debdulal Mandal, S/o.- Late Rasbihari Mandal, resident of At/ Post- Talchua, P.S.- Marine, P.S.- Talchua, Dist.- Kendrapara, PIN- 754248, Odisha declare by this affidavit No.- 7578, dtd.- 26.09.2025 that now onwards I shall be known as DEBADULAL MANDAL for all future purposes. D-76880

By virtue of an affidavit sworn before Notary Public, dated 5th Dec 2025, I, Tukuni Bishoyi, Address Village- Jaripanga, P.O.- Tembaguda, Dist.- Rayagada, Odisha, 765025 declare that I have changed my name from T Tukuni to Tukuni Bishoyi. Henceforth, I shall be known as Tukuni Bishoyi for all purposes.
Tukuni Bishoyi D-2770

I, Sisir Dakua, S/o. Kabiraj Dakua, Resident Bhimapur P.O.- Chattamunduli, P.S.- Purushottampur, Ganjam, 761018, Odisha declare by this affidavit No.- 830/25, 03.12.2025 that now onwards I Shall be known as Sisir Dakua, S/o. Udayanath Dakua, Resident of Burtulu, P.O.- Jamuni, P.S.- Purushottampur, Ganjam for all future purpose. D-2768

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, dated 05th Dec 2025, I, Shib Bishoyi, Address At- Badanal, Village- Tembaguda, P.O.- Tembaguda, Dist.- Rayagada, Odisha, 765025, declare that I have changed my name from T Shib to Shib Bishoyi. Henceforth, I shall be known as Shib Bishoyi for all purposes.
Shib Bishoyi D-2771

By virtue of an affidavit dtd. 03.12.2025 sworn before Executive Magistrate, Bhadrak, I, Sasmita Ray, W/o. Abantikanta Ray, Vill.– Madhiali, P.O.– Babalpur, P.S.– Bhandaripokhari, Dist.– Bhadrak, Odisha, PIN– 756121 declare that I have changed my daughter's name from Laxmi pratima Ray to Lagnika Ray. Henceforth, She shall be known as Lagnika Ray for all future purposes. D-2769

ମୁଁ ରଞ୍ଜିତା ଶଙ୍ଖୁଆ, ଗ୍ରାମ- ସହଜପଦା, ଥାନା- ସିମୁଳିଆ, ଜି- ବାଲେଶ୍ୱର ଅଟେ। ମୋ ସ୍ୱାମୀ- କରୁଣାକର ଶଙ୍ଖୁଆଙ୍କର ୫୩ ବର୍ଷ ବୟସରେ ଗତ ତା୦୯.୦୬.୨୦୨୫ରିଖ ଆମ୍ଭ ସହଜପଦାସ୍ଥିତ ବାସଭବନରେ ସ୍ୱାଭାବିକ ଦେହାନ୍ତ ହୋଇଯାଇଛି। ତାଙ୍କ ଏଲ୍.ଆଇ.ସି. ପଲିସି ନଂ.- ୫୯୬୭୪୩୨୮୩ ବଣ୍ଡ ପେପରରେ ନୋମିନି ସ୍ଥାନରେ ମୋ ଡାକ ନାମ ଜୟନ୍ତୀ ଶଙ୍ଖୁଆ ଉଲ୍ଲେଖ ଅଛି। ଲିଗାଲ ହେୟାରରେ ରଞ୍ଜିତା ଶଙ୍ଖୁଆ ଅଛି। ମୁଁ ଜୟନ୍ତୀ @ ରଞ୍ଜିତା ଶଙ୍ଖୁଆ ଅଟେ। ଧ-୨୭୭୨

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଶ୍ୟାମଳୀ କନ୍ୟା

## ଗଳ୍ପ

ମଣୀନ୍ଦ୍ର କୁମାର ମେହେର

ପିଉସୀ ଦେଇଥିବା ୧୦ ପଇସା ହାତରେ ଧରି ଦୌଡ଼ି ଦୌଡ଼ି ଯାଉଥିଲି ମୁଁ ଗୁଡ଼ିଆ ଦୋକାନକୁ ବାରଗୁଲିଆ ଖଜା କିଣିବା ପାଇଁ। ଛୋଟ ଛୋଟ ବାରଟି ଗୋଲାକାର ବୂନା ଚାଉଳରେ ତିଆରି ସେହି ଲଡୁ। ଗୁଡ଼ ମିଶ୍ରିତ ହୋଇଥିବା ଯୋଗୁ ଅତ୍ୟନ୍ତ ସ୍ୱାଦିଷ୍ଟ। ତାହା ଦାନ୍ତରେ ଚୋବାଇ ଖାଇବାବେଳକୁ ଯେଉଁ ଶବ୍ଦହୁଏ କୁରୁମ କୁରୁମ, ତାହା ଥିଲା ଏକାନ୍ତ ଆନନ୍ଦଦାୟକ। ବାରଗୁଲିଆ ଖଜା ମିଳୁଥିବା ଗୁଡ଼ିଆ ଦୋକାନରେ ପହଞ୍ଚିବା ପୂର୍ବରୁ ହିଁ ମାଡ଼ି ଆସିବ ପ୍ରବଳ ତୋଫାନ ବୋଲି କେମିତି ବା ଭାବିଥାଆନ୍ତି! ଦେଖିଲି ସନ୍ଧ୍ୟାର ଝାପ୍‌ସା ଆଲୁଅରେ କିଳିକିଳା ରାବ କରି କେହି ଜଣେ ଦୌଡ଼ି ଆସୁଛି ମୋ' ନିକଟକୁ। ସେହିକ୍ଷଣି ପ୍ରତୀତ ହେଲା ମୋତେ ଏହା ମହାକାଳୀଙ୍କ ଭୟଙ୍କର ମୂର୍ତ୍ତି। ଯେତିକି ବେଗରେ ସେହି ମୂର୍ତ୍ତି ମୋ' ଆଡ଼କୁ ଅଗ୍ରସର ହୋଇ ଆସୁଥାଏ, ତା'ର ଦୁଇଗୁଣା ଅଧିକ ବେଗରେ ଦେହର ସବୁ ଶକ୍ତି ଠୁଳକରି ମୁଁ ଧାଇଁଲି ପଛଆଡ଼କୁ କୌଣସି ପ୍ରକାରେ ଜୀବନ ରକ୍ଷା ପାଇଁ। ଘରେ ପହଞ୍ଚିଲି। ବହୁ ସମୟ ଲାଗିଗଲା ସ୍ୱାଭାବିକ ଅବସ୍ଥା ଫେରିଆସିବା ପାଇଁ। ବଡ଼ମା', ପିଉସୀ ଓ ମା'ଙ୍କୁ ଜଣାଇଲି ମହାକାଳୀଙ୍କ ଭୟଙ୍କର ମୂର୍ତ୍ତି ଦେଖି ମୁଁ କିପରି ପଳାଇଆସିଛି। ପିଉସୀଙ୍କ କଥା ମାନି ନ ଥିବାରୁ ଓ ନିଜ ଜିଦ୍‌ରେ ଅଟଳ ରହି ମୋ' ପାଉଣା ଜବରଦସ୍ତି ଆଦାୟ କରିସାରି ମନୋବାଞ୍ଛା ପୂରଣ କରିବାର ଏହା ଦୁଷ୍ପରିଣାମ ବୋଲି ଭାବିଲି, ଆଉ ଏପରି କରିବି ନାହିଁ ବୋଲି ପ୍ରତିଶ୍ରୁତି ଦେଲି।

ପୁରୁଣା ଘରୁ ନୂଆ ଘରକୁ ଚାଲିଆସିବା ପରେ ମନ୍ଦିର ସବୁ ରହିଗଲେ ଦୂରବର୍ତ୍ତୀ ହୋଇ। କିନ୍ତୁ ଟିଉଶନ ପଢ଼ିବା ପାଇଁ ମୁଁ ସମଲାଇ ମନ୍ଦିର ନିକଟରେ ଥିବା କମଳ ମାଷ୍ଟ୍ରେଙ୍କ ଘରକୁ ଯାଉଥିଲି ଅଷ୍ଟମ ଶ୍ରେଣୀ ପଢ଼ିବାବେଳେ। ସେହି ସମୟରେ ହିଁ ଟିଉଶନ ପିଲାଙ୍କ ମଧ୍ୟରେ ସ୍ଥିରୀକୃତ ହୋଇଥିଲା ମା' ସମଲାଇଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିବା ପାଇଁ ମନ୍ଦିର ପ୍ରବେଶର ପ୍ରସ୍ତାବ। ମନର ଭୟ କାହା ଆଗରେ ବ୍ୟକ୍ତ କରିପାରୁ ନ ଥିଲି କିମ୍ବା ମନ୍ଦିର ଯିବା ପାଇଁ ଅନିଚ୍ଛା ମଧ ପ୍ରକାଶ କରିବା ଥିଲା ଅସମ୍ଭବ। ଅତ୍ୟନ୍ତ ଭୟାତୁର ଭାବରେ ସବୁ ପିଲାଙ୍କ ପଛରେ ରହି ସନ୍ତର୍ପଣ ସହକାରେ ପ୍ରବେଶ କରିଥିଲି ମନ୍ଦିର ମଧକୁ। ପୂଜା ଅର୍ଘ୍ୟ ପ୍ରଦାନ କରି ମୁଣ୍ଡିଆମାରି ଯେତେବେଳେ ମନ୍ଦିରରୁ ବାହାରି ଆସିଲି, ସେତେବେଳେ ନୂଆ ଜୀବନ ଲାଭ କରିବାର ଆଶ୍ୱସ୍ତି ଅନୁଭବ କରିଥିଲି।

ବୟସ ବଢ଼ିବା ପରେ କ୍ରମେ କ୍ରମେ ଉପଲବ୍ଧି କରିପାରିଥିଲି ଯେ ଦିବ୍ୟ ଜନନୀଙ୍କ ମନ୍ଦିର ମଧକୁ ପ୍ରବେଶ କରିବା ଭୟର କାରଣ ହୋଇ ନ ପାରେ। ମୋର ଏହି ଭୟକୁ ଯିଏ ଚୂର୍ଣ୍ଣିଭୂତ କରିଦେଇଥିଲେ, ସେ ହେଉଛନ୍ତି ରାମକୃଷ୍ଣ ପରମହଂସ। ବରପାଲିରେ ମାଆ କାଳୀଙ୍କ ପୂଜା ଦୀପାବଳି ସମୟରେ ଆୟୋଜନ ହୁଏ। ପ୍ରତ୍ୟେକ ବର୍ଷ ଯାଏ ମୁଁ ମାତୃମୂର୍ତ୍ତି ଦର୍ଶନ କରିବା ପାଇଁ। ମୂର୍ତ୍ତିର ଭୟଙ୍କର ରୂପ ଦେଖିବା ପରେ ମଧ ମନକୁ ଶାନ୍ତ କରି ରଖିବା କି କଠିନ ବ୍ୟାପାର ତାହା କାହାକୁ ବୁଝାଇ କହିବା ମୋ' ପକ୍ଷରେ ଥିଲା ଅସମ୍ଭବ। ନୃମୁଣ୍ଡମାଳିନୀ ଲହଲହ ଜିହ୍ୱାଧାରିଣୀ ମହାକାଳୀଙ୍କ ବିକଟାଳ ରୂପ ମୋର ମାନସପଟକୁ କିପରି କବଳିତ କରି ରଖିଥିଲା, ତାହା କାହାକୁ କହିପାରୁ ନ ଥିଲି ଉପହସିତ ହେବା ଆଶଙ୍କାରେ। ସ୍କୁଲ ସମୟ ବିତିଗଲା। କଲେଜ ଓ ବିଶ୍ୱବିଦ୍ୟାଳୟର ପାଠ ହୋଇଗଲା ସମାପ୍ତ। ବରପାଲି କଲେଜରେ ହେଲି ଅଧ୍ୟାପକ। ଏହାରି ମଧ୍ୟରେ ମୋର ଭୀତତ୍ରସ୍ତ ମାନସିକତାରେ ଘଟିଯାଇଥିଲା ଉଲ୍ଲେଖନୀୟ ପରିବର୍ତ୍ତନ। ରାମକୃଷ୍ଣ ପରମହଂସଙ୍କ ଜୀବନୀ ଅଧ୍ୟୟନ କରୁକରୁ ମୁଁ ନିଜେ ଯେ ପରିଣତ ହୋଇଯାଉଥିଲି ଆଉ ଏକ ରାମକୃଷ୍ଣରେ, ତାହା ବୁଝିପାରିବାର ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥାଏ। ତଥାପି କେଜାଣି କାହିଁକି କ୍ଲାସ୍ ନେବାବେଳେ ରାମକୃଷ୍ଣ ଓ ମାଆ କାଳୀଙ୍କ ବିଷୟ କି ବିମୁଗ୍ଧ କଣ୍ଠରେ ବ୍ୟକ୍ତ କରୁଥିଲି ମୁଁ! ନିଜ ବକ୍ତବ୍ୟରେ ନିଜେ ହିଁ ହେଉଥିଲି ସ୍ତମ୍ଭିତ। କ୍ଲାସ୍‌ରେ ବସିଥିବା ଛାତ୍ରୀଛାତ୍ର ମଧ ଯେପରି ଧ୍ୟାନମଗ୍ନ ହୋଇଉଠୁଥିଲେ, ତାହା ଦେଖି ମୁଁ ନିଜେ ଅଭିଭୂତ ହୋଇଯାଇଛି ପ୍ରତି ଥର।

ଦିନେ କଥା ପ୍ରସଙ୍ଗରେ ହଠାତ୍ ମୋ' ମୁହଁରୁ ଏକ ପ୍ରସ୍ତାବ ନିର୍ଗତ ହୋଇଗଲା ଆପଣାଛାଏଁ। ତାହା ହେଲା 'ବାସନ୍ତୀ' ଅନୁଷ୍ଠାନ ତରଫରୁ ବରପାଲିର କାଳୀମନ୍ଦିର ଦର୍ଶନ। ଏପରି ପ୍ରସ୍ତାବଟିଏ କିପରି ସ୍ଫୁରିତ ହୋଇଗଲା ନିର୍ବିଚାରରେ ତାହା ଭାବି ମଧ ପାରିଲି ନାହିଁ। ମୁଁ ନିଜେ ତ ମନ୍ଦିର ମଧକୁ କେବେହେଲେ ପ୍ରବେଶ କରିବା ପାଇଁ ସାହସ କରିନି। ମୁଁ ପୁଣି ମୋ' ପ୍ରିୟ ଛାତ୍ରୀଛାତ୍ରଙ୍କୁ ନେଇ ମନ୍ଦିରକୁ ଯିବି କେଉଁ ଦମ୍ଭ ନେଇ? ଯେହେତୁ କହିଦେଇ ସାରିଛି ଆଉ ସେହି କଥାରୁ ଓହରି ଆସିବା ସମ୍ଭବ ନ ଥିଲା। ଛାତ୍ରୀଛାତ୍ରଙ୍କ ଉତ୍ସାହ କ୍ରମଶଃ ବଢ଼ିଆସୁଥାଏ ନଈବଢ଼ି ପରି। ସେମାନଙ୍କ ଉତ୍କଣ୍ଠାପୂର୍ଣ୍ଣ ଉତ୍ସାହ ସହିତ ନିଜକୁ ଏକାତ୍ମ ନ କରି କିପରି ଭିନ୍ନ ହୋଇ ରହିପାରିଥାଆନ୍ତି?

ନିର୍ଦ୍ଧାରିତ ଦିନ ଓ ସମୟ ନିକଟତର ହୋଇଆସିଲା। ମଧ୍ୟାହ୍ନ ଅତିକ୍ରମ କରିବା ପରେ ଶୀତଦିନର ଖରାବେଳେ ବାହାରିଲୁ ଆମେ କଲେଜରୁ ସଦଳବଳ। ମୋ' ପାଇଁ ଶୀତର ପ୍ରକୋପ ଭୟର ପ୍ରତୀକ। ଆଉ ଉଷୁମ ଖରା ହେଲା ନିର୍ଭୟତାର ଆଶ୍ୱାସନା। ମୁଁ ଚାଲିଥିଲି ଭୟାର୍ତ୍ତ ଚିତ୍ତରେ। ଛାତ୍ରୀଛାତ୍ରମାନେ ଥିଲେ ମୋ' ପାଇଁ ଶୀତଦିନର ମଧ୍ୟାହ୍ନ ପରି ଆଶା ଆଶ୍ୱାସନା ଓ ନିର୍ଭୟତାର ଏକ ସୁରକ୍ଷିତ ବଳୟ। ଏକୁଟିଆ ମହାକାଳୀଙ୍କ ମନ୍ଦିର ମଧକୁ ପ୍ରବେଶ କରିବାର ସାହସ ନ ଥିଲା ବୋଲି ମୋର ଅନ୍ତର୍ମନ ଛାତ୍ରୀଛାତ୍ର ରୂପକ ସୈନ୍ୟବାହିନୀ ସହିତ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲା। ନ ହେଲେ ଏ ଆୟୋଜନ ହୋଇପାରି ନ ଥାନ୍ତା କେବେହେଲେ।



ବରପାଲି ରାଜବାଟୀ ସୀମା ମଧ୍ୟରେ ପ୍ରତିଷ୍ଠିତ ହୋଇଛି ମା' କାଳୀଙ୍କ ମନ୍ଦିର। ଜମିଦାରଙ୍କ ଉତ୍ତରଦାୟାଦ ମୋର ପିତୃପ୍ରତିମ ଓ ମୋ' ପ୍ରତି ଅତ୍ୟନ୍ତ ସ୍ନେହଶୀଳ। ଯେତେବେଳେ ଜାଣିଲେ ସେ ଯେ ଛାତ୍ରୀଛାତ୍ରମାନଙ୍କୁ ନେଇ ମନ୍ଦିର ମଧକୁ ପ୍ରବେଶ କରିବା ନିମନ୍ତେ ମୁଁ ଆସି ପହଞ୍ଚିଛି, ଦର୍ଶନ ନିମିତ୍ତ ଉନ୍ମୁକ୍ତ କରିଦେଇଥିଲେ ମନ୍ଦିରର ରୁଦ୍ଧଦ୍ୱାର। ଜଣେ ଜଣେ ହୋଇ ସମସ୍ତେ ପ୍ରବେଶ କଲୁ ମନ୍ଦିର ମଧକୁ। ମହାକାଳୀଙ୍କ ସେହି ଲହଲହ ଜିହ୍ୱା କୋପିତ ଅଗ୍ନିବର୍ଷୀ ଚକ୍ଷୁ ଯୁଗଳ ନରମୁଣ୍ଡର ମାଳା ଧାରଣ କରିଥିବା ଦେବୀ ପ୍ରତିମାଙ୍କୁ ମୁଁ ଚାହିଁ ପାରିବି ତ? ଏହି ଚିନ୍ତାରେ ମୋର ଦେହ ହୋଇଯାଇଥିଲା ସ୍ୱେଦ ଜର୍ଜରିତ। ମନ୍ଦିର ଭିତରକୁ ପ୍ରବେଶ କଲି ଅତି ସାବଧାନତାର ସହିତ। ମହାକାଳୀଙ୍କ କଳ୍ପିତ ସେହି ଭୟଙ୍କର ମୂର୍ତ୍ତି ଦେଖିବା ସକାଶେ ଆଖି ବୁଲାଇ ଆଣିଲି ସର୍ବତ୍ର। କି ଆଶ୍ଚର୍ଯ୍ୟ କଥା! କ'ଣ ଘଟିଗଲା ମୁହୂର୍ତ୍ତଟିଏ ମଧ୍ୟରେ! ମହାକାଳୀଙ୍କ ସେହି ଭୟ ସଂଚାରିଣୀ ମୂର୍ତ୍ତି କେଉଁଠି? ମୁଁ ଯେ ଦେଖିପାରୁ ନାହିଁ ତାଙ୍କ ଉପସ୍ଥିତି। ମୋ' ପ୍ରିୟ ଛାତ୍ରୀଛାତ୍ରମାନଙ୍କୁ ଜିଜ୍ଞାସା କଲି ଏ ବିଷୟରେ। ସେମାନେ ହସିଲେ। କହିଲେ- ''ସାର୍ ଆପଣ କ'ଣ ଦେଖିପାରୁ ନାହାନ୍ତି, ଏଇ ପରା ମାଆ ବସିଛନ୍ତି ଆମକୁ ଅନାଇ।'' ମୋ' ଦୃଷ୍ଟି କେନ୍ଦ୍ରୀଭୂତ ହେଲା ଏକ କ୍ଷୁଦ୍ର ସୁବର୍ଣ୍ଣ ନିର୍ମିତ ଖଟୁଲି ଉପରେ। ତା' ମଧ୍ୟରେ ବିରାଜିତା ମାଆ କାଳୀଙ୍କ ପ୍ରତିମା ଆହୁରି କ୍ଷୁଦ୍ରକାୟ। ଯେମିତି ଘରେ ଘରେ ଲକ୍ଷ୍ମୀପୂଜା ହୁଏ ଏବଂ ମାଆ ଲକ୍ଷ୍ମୀଙ୍କ ପ୍ରତିମା ଯେଉଁ ଆକାରରେ ନିର୍ମିତ, ମାଆ କାଳୀଙ୍କ ମୂର୍ତ୍ତି ଠିକ୍ ସେହିପରି ପ୍ରତିଭାତ। ମୋ' ଆଖିକୁ ଦେଖାଗଲା କଲେଜରୁ ମୋର ଫେରିବା ପଥକୁ ଚାହିଁ ରହିଛି ମୋର ତିନି ବର୍ଷର ସୁନା ଝିଅଟି। ମୋତେ ଦେଖୁଦେଖୁ ଡାକିଦେବ ବାପା ବୋଲି, ଆଉ ମୋ' ବେକରେ ଝୁଲିପଡ଼ିବ ଅବିଳମ୍ବେ। ପଚାରିବ ଆଜି ମୋ' ପାଇଁ ଆଇସ୍‌କ୍ରିମ ନେଇ ଆସିଛ ନା ବାପା? ମୁଁ ଉତ୍ତର ଦେଉଛି- ''ସୁନା ମାଆ ମୋର ଶୀତଦିନେ କ'ଣ ଆଇସ୍‌କ୍ରିମ୍ ଖାଆନ୍ତି?''

- ପରିଦର୍ଶକ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର

## ପୁସ୍ତକ ପରିଚୟ

### ବୁଦ୍ଧ କଥାମୃତ




**ଲେଖକ:** ନଗେନ୍ଦ୍ରନାଥ ପଟ୍ଟନାୟକ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୦/-

'ବୁଦ୍ଧ କଥାମୃତ' ବୁଦ୍ଧଦେବଙ୍କ ଜୀବନ ଦର୍ଶନକୁ ନେଇ ରଚିତ ଏପରି ଏକ ମହାର୍ଘ ଗ୍ରନ୍ଥ, ଯାହା ପାଠିକାପାଠକମାନଙ୍କୁ ବୁଦ୍ଧଦେବଙ୍କ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିବା ସହିତ ପାଠକୀୟ ଆନନ୍ଦ ମଧ ଦେବ- ଏହି ମର୍ମରେ ଗ୍ରନ୍ଥ ଓ ଗ୍ରନ୍ଥକାରଙ୍କ ସମ୍ପର୍କରେ ସୂଚନା ପ୍ରଦତ୍ତ ହୋଇଛି। ମୋଟ ୯୨ଟି ପ୍ରସଙ୍ଗ ରହିଛି ଗ୍ରନ୍ଥରେ। ସବୁ ଗୋଟିଏ ଗୋଟିଏ ଚମତ୍କାର ବୁଦ୍ଧ-କାହାଣୀ। ଏଥିରେ ଥିବା ଚାରି ଆର୍ଯ୍ୟ ସତ, ଗୌତମ ବୁଦ୍ଧ ଓ ପ୍ରେମଶକ୍ତି, ବୁଦ୍ଧଙ୍କ ଏକାଗ୍ରତା, ଭଗବାନ୍ ବୁଦ୍ଧ ଓ ସେଠ୍, ବୁଦ୍ଧ ଓ ଚିରାବସ୍ତ୍ର ପରିହିତ ବ୍ୟକ୍ତି, ଅମରତ୍ୱର ଫଳ, କନ୍ୟାରତ୍ନ ଅଛୁଆଁ ନୁହେଁ, ବୃକ୍ଷକୁ ସମ୍ମାନ, ସାତ୍ତ୍ୱିକ ଜୀବନ, ମହାତ୍ମା ବୁଦ୍ଧ ଓ ନିଃସ୍ୱ ବ୍ୟକ୍ତି, ବୌଦ୍ଧଭିକ୍ଷୁ ଓ ବିଶାଖା, ବୌଦ୍ଧ ଓ ଶିଷ୍ୟ ଅନାଥପିଣ୍ଡକ, ବିଶ୍ୱାସ ଓ ଶ୍ରଦ୍ଧା, ମୃତ୍ୟୁ ଔଷଧ, ଆତ୍ମ-ସାକ୍ଷାତ୍‌କାର, ଜୀବ-ହନ୍ତକରୁ ଜୀବ-ରକ୍ଷକ ଓ ନିର୍ବାଣର ମୂଳମନ୍ତ୍ର ପ୍ରଭୃତି ଆଖ୍ୟାୟିକାଗୁଡ଼ିକ ବ୍ୟକ୍ତିର ନୈତିକ ଜୀବନ ଗଠନ ଓ ସଦାଚାର ଶିକ୍ଷା ପ୍ରତି ସବୁବର୍ଗର ପାଠକଙ୍କୁ ଅନୁପ୍ରେରିତ କରିବାର ସାମର୍ଥ୍ୟ ରଖେ। ବୁଦ୍ଧଙ୍କର ଜଗତ କଲ୍ୟାଣ ପାଇଁ ବାର୍ତ୍ତା ଥିଲା- ''ସର୍ବେସତା ସୁଖୀ ହୋନ୍ତୁ'', ଅର୍ଥାତ୍ ସକଳ ପ୍ରାଣୀ ସୁଖୀ ହୁଅନ୍ତୁ। ବୁଦ୍ଧ ପୁଣି କହିଥିଲେ- ''ନାହି ବୈରନ ବୈରାନି ସମନ୍ୱୀତା କୁଦାଚନଂ/ ଅବୈରେନ ତୁ ସମନ୍ୱୀତା ଏସ ଧମ୍ମୋ ସମନ୍ତିନୋଂ।'' ଅର୍ଥାତ୍ ବୈରୀ, ବୈରତାରେ କେବେ ଶାନ୍ତି ନ ଥାଏ। ସୁତରାଂ ମୈତ୍ରୀ ଭାବରେ ହିଁ ଶାନ୍ତି ନିହିତ। ରାଗ, ଦ୍ୱେଷ, ଈର୍ଷା, ଅସୂୟା, ମୋହ, ମାତ୍ସର୍ଯ୍ୟ ଓ ହିଂସାରେ ଦଗ୍ଧିଭୂତ ସାମ୍ପ୍ରତିକ ସମୟରୁ ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ ବୁଦ୍ଧଙ୍କର ବାଣୀ ଯେ ବିଶଲ୍ୟକରଣୀତୁଲ୍ୟ- ଏଥିରେ ସନ୍ଦେହ ନାହିଁ। ବହିଟି ସୁଜନଙ୍କ ଦ୍ୱାରା ମିତ୍ର ପରି ଆଦୃତ ହେବ ବୋଲି ଆଶା।

### ପ୍ରୀତିସିକ୍ତା




**କବି:** ଡ. ଭରତ ଚନ୍ଦ୍ର ଦାଶ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୨୦/-

'ପ୍ରୀତିସିକ୍ତା'ର ପ୍ରାରମ୍ଭରେ କବି କହିଛନ୍ତି ଯେ, ଏହା ହେଉଛି ତାଙ୍କର ସପ୍ତଦଶ କବିତାଗ୍ରନ୍ଥ ଓ ଷୋଡ଼ଶ ଏକପଦୀ କବିତା ସଂକଳନ। ପ୍ରେମ ଓ ପ୍ରତ୍ୟୟର ସମନ୍ୱୟରେ ଗ୍ରନ୍ଥସ୍ଥ କବିତାଗୁଡ଼ିକ ରସସିକ୍ତ ଓ ଜୀବନଧର୍ମୀ। ଏଥିରେ ୧୪୦ଟି ଏକପଦୀ ରହିଛି। ଓଡ଼ିଆ କବିତା ବିଶେଷକରି ସାମ୍ପ୍ରତିକ ସମୟଖଣ୍ଡରେ ଏକପଦୀର ରଚନା ପ୍ରାୟତଃ ବିରଳ ହୋଇଥିବା ବେଳେ କବିଙ୍କର ଏ ଦିଗରେ ପ୍ରଚେଷ୍ଟା ଅଭିନନ୍ଦନୀୟ। ଗ୍ରନ୍ଥରୁ କେତୋଟି ଉଦାହରଣ ନେଇ ଶ୍ରଦ୍ଧାଳୁ ପାଠକଙ୍କୁ ଗ୍ରନ୍ଥଟି ପ୍ରତି ଉନ୍ମୁଖ କରିହେବ। ଯଥା: ୧. ''ଅନାମିକା ଫୁଲ କାନରେ କୁଣ୍ଡଳ/ ରହି ରହି ଝୁଲେ ଧୀରେ/ ଜାଣିଛ କି ତୁମେ ଭ୍ରମର ମରମେ/ ପ୍ରୀତିର ସୁରଭି ଭରେ।'', ୨. ''ମୋର ଏ କବିତା ଜୀବନ ସଳିତା/ ପ୍ରୀତିର ପ୍ରଦୀପେ ଜଳେ/ ଜୀବନର ଗାଥା ପ୍ରଣୟ ବାରତା/ ଛଳନା କରିନି ତିଳେ।'', ୩. ''ସମୟ ପାଇଲେ କଥା ହେବ ବୋଲି/ କହିଥିଲ ତୁମେ କାଲି/ ପ୍ରୀତିମନସ୍କରେ ସ୍ୱପ୍ନ ଦେଖୁଥିଲ/ ପ୍ରଣୟୀକୁ ଗଲ ଭୁଲି।'' ଓ ୪. ''କାଳ କବଳରେ ଲିଭିଯିବ ଦିନେ/ ଜୀବନ ପ୍ରଦୀପ ମୋର/ ଦେଖିବ ଗୋ ପ୍ରିୟେ ଶବ୍ଦ ଚାରୁକଳା/ ଅକ୍ଷୟ ଅକ୍ଷର ଚିର।'' ବହି ସମ୍ପର୍କରେ କହିବାକୁ ଯାଇ ଡ. ବିଶ୍ୱରଂଜନ ଦାସ କହିଛନ୍ତି: ''ପ୍ରେମର ବାଣୀ ସ୍ମୃତିଲଗ୍ନ ହୋଇ ଗୀତିମୟ ଉଚ୍ଛ୍ୱାସ ଭରିବା ଉଭୟ କବିତା ଓ ସଂଗୀତକୁ ଗୁଣାତ୍ମକ କରେ। ଭରତଙ୍କ ଏକପଦୀ କବିତାର ପଙ୍‌କ୍ତିଗୁଡ଼ିକ 'ନବ-ଗୀତିକାବ୍ୟ' (Neo-Lyricism) ପର୍ଯ୍ୟାୟର।'' ପ୍ରକାଶକୀୟରେ ଉଲ୍ଲେଖ ରହିଛି: ''...ପାଠକ ପଢ଼ିବା ଆରମ୍ଭ କଲେ ଭାବରାଜ୍ୟରେ ଏମିତି ହଜିଯାଏ ଯେ ବହିଟିକୁ ପଢ଼ି ଶେଷ କରିବାକୁ ବିବଶ ହୋଇପଡ଼େ।''

## କାଳକାଳକୁ



''ମୋ ଲେଖା ଶ୍ରାବ୍ୟ,
ଅନୁଭବ୍ୟ ଓ ଦୃଶ୍ୟହେଉ-
ଶବ୍ଦ-ଶକ୍ତି ବଳରେ
ମୁଁ ଏହା ହିଁ ଚାହେଁ''
- ଜୋସେଫ୍ କନ୍‌ରାଡ୍

**ଜୋସେଫ୍ କନ୍‌ରାଡ୍‌ଙ୍କ** ଜନ୍ମ ୩ ଡିସେମ୍ବର ୧୮୫୭ରେ ୟୁକ୍ରେନ୍‌ର କିଭ୍ (ରୁଷ୍ ସାମ୍ରାଜ୍ୟର ତତ୍କାଳୀନ ଅଂଶବିଶେଷ)ରେ ଓ ପରଲୋକ ୩ ଅଗଷ୍ଟ ୧୯୨୪ରେ ଇଂଲଣ୍ଡର କେଣ୍ଟ୍‌ରେ। ପୋଲିସ୍-ବ୍ରିଟିଶ୍ ଉତ୍ସର ଏଇ ଲେଖକ ଇଂଲିଶ୍ ଉପନ୍ୟାସର ଇତିହାସରେ ଜଣେ ପ୍ରମୁଖ ଔପନ୍ୟାସିକ ଭାବେ ମାନ୍ୟତାପ୍ରାପ୍ତ। ତାଙ୍କର ପ୍ରଖ୍ୟାତ ରଚନା ମଧ୍ୟରେ ଅନ୍ତର୍ଭୁକ୍ତ 'ହାର୍ଟ ଅଫ୍ ଡାର୍କନେସ୍' ଓ 'ନୋଷ୍ଟ୍ରୋମୋ'। ଇଂଲିଶ୍ ସାହିତ୍ୟରେ ଅଣ ଇଂଲିଶ୍ ଭାବଧାରାର ଅନୁପ୍ରବେଶ ଘଟାଇ ସେ ଇଂଲିଶ୍ ଉପନ୍ୟାସରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ସେ କହନ୍ତି: ''ଜୀବନ ହେଉଛି ସ୍ୱପ୍ନ ଓ ଭୟର ଯୁଗ୍ମରୂପ।''

# ମାମଲା

## ଲଘୁ ଗଳ୍ପ

ଗୋପାଳକୃଷ୍ଣ ଆଚାର୍ଯ୍ୟ

ବାପେ ଥିଲେ ଟ୍ରେଜେରି କିରାଣି। ଭାରି ନିୟତିଆ। କାହାଠୁ ଟଙ୍କାଟେ ଧପେଇବେନି କି କାହାକୁ ଅଯାଚିତ ଦୟା ଦେଖେଇବେନି। ଏଣୁ ରାଇଟିଆ ମଣିଷ ବୋଲି ତାଙ୍କ ନାଁ ଡାକ। ସକାଳୁ ଚନପେଡ଼ି ଘୋରି ଦିଅଁ ତୁଳସୀ ଚଢ଼େଇ ଆସିବେ ଅଫିସ। ଦିନସାରା ମିହନ୍ତ। ରଜାଘର କାମକାଯ ଆଗ। ପଛରେ ନିଜ ପିଲାକବିଲା। ଏମିତି ଏମିତି କଟିଗଲା ଚାକିରି। ତିନିପୁଅ। ବଡ଼ପୁଅର ମୋଟରପାର୍ଟ୍ସ ଦୋକାନ। ମଝିଆ କେପିଟଲରେ ଟୁଙ୍ଗୁଣି ମନୋହାରୀ ଦୋକାନ ଦେଇଚି। ସାନପୁଅ ଘରଭାଗ, ଜଉତିଷାଦି କରେ। ମୋଟାମୋଟି ବଡ଼ପୁଅ ତା' ବିଦ୍ୟାବୁଦ୍ଧି ଖଟେଇ ଭଲ ପରିଚୟଟେ ତିଆରିଚି। ଖଣ୍ଡମଣ୍ଡଳ ତାକୁ ଜାଣେ। ସେ ଅଲଗା ରହେ। ସହରରେ।

ବାପର ସରକାରୀ ଅବସର ପରେ ବାପ ପେନସନରେ ଚଳିଲା, ବାକି ଦୁଇପୁଅଙ୍କ ପରିବାର। ଝିଅଝିଆଣି, ଦୋଦୋଓଣି, ଦେହମୁଣ୍ଡ ବାବଦକୁ ଖର୍ଚ୍ଚ ବଢ଼ିଯାଏ। ଏମିତି ସମୟ ଆସେ ଯେ ହାଟରୁ ବିଲାତି କିଲେ କିଣି ସୁଆଦ ତରକାରି କରି ଖାଇବା ଯୁଟେନା ଭେଇବା ଲୋକର କିସିମତରେ।

ଯୋଗକୁ ବୁଢ଼ା ବଡ଼ ବ୍ୟାଧି ଭୋଗିନାହିଁ। ହାସପାତାଳ ଫାଟକ ମାଡ଼ି ନାହିଁ। ଜିଇଲା ତଥାପି ଢେର୍ ବଅସ। ପଡ଼ିଉଠି ଠୋ ଠା। କାହାକୁ ଘାଣ୍ଟିବାର ନାଇଁ କି କାହାଠୁ ସେବା ଖୋଜିବାର ନାଇଁ। ସବୁ ଫଇସଲା ହେଇଗଲା।

ବୁଢ଼ାର ଶୁଦ୍ଧବାଧକୁ ବଡ଼ପୁଅ ଧାଇଁ ଆସିଲା। ତା ନାଁକୁ ଅନେଇ କିଛି ଆଖି ଦୁରୁଶିଆ କରିବାକୁ ପଡ଼ିବ। ଜାକଜମକରେ ହେଲା ଭୋଜିଭାତ। ସାମିଆନା ସାଜସଜ୍ଜା ଚହଟିଲା। ଭାଉଜ ଗାରଡ଼େଇ ଅନେଇଲା ବେଳକୁ ମଝିଆ ସାନ ବଢ଼େଇଦେଲେ ସାଧ ମୁତାବକ। ବଡ଼ଭାଗ ବଡ଼ପୁଅର। ସମସ୍ତେ ଯୋଗାପୁଅ କହି ଧନ୍ୟ ଧନ୍ୟ କଲେ।



ବଡ଼ପୁଅ କ୍ରମେ ପଡ଼ିଲା ବଡ଼ ବ୍ୟାଧିରେ। ବଡ଼ବଡ଼ ହାସପାତାଳରେ କୁଡ଼କୁଡ଼ ଖର୍ଚ୍ଚ। ଦୈନିକ ଲକ୍ଷ ଲକ୍ଷ ପାଣି ପରି ବୋହିଗଲା। ମଝିଆ ପଚାରିଲା : ଭାଇ! କିଛି ରଖିଥାଅ। କର୍ମରେ ଆସିବ। ବଡ଼ଭାଇ ମନାକଲା। ସତକୁ ସତ ଦିନେ ବଡ଼ଭାଇ ମଝିଆକୁ ଟଙ୍କା ପଚାଶ ହଜାର ଦେବାକୁ କହିଲା। ମଝିଆର ଠୁକ ଚଲେ ଟୁଙ୍ଗୁଣି ଦୋକାନରେ। ସେ କାନ୍ଦିକୁନ୍ଥେଇ ଟଙ୍କା ତେୟାଳିଶି ସରିକି ନେଇ ହାଜର ହେଲା। ବଡ଼ପୁଅ ଚାଳିଶି ରଖି ତିନି ହଜାର ଫେରେଇ ଦେଲା। ଚିକିତ୍ସା ପରେ ଘରକୁ ଫେରିଲା ବଡ଼। ଡକେଇଲା ମଝିଆକୁ: ଆ ପାନ ଚାରିଖଣ୍ଡ ଭାଙ୍ଗି କି ଆ। ଭାଉଜ ପାଟି ଆମ୍ବିଳା ହେଇଗଲାଣି। ପହଞ୍ଚିଲା ମଝିଆ। ଭାଉଜ ଫେରେଇ ଦେଲା ଅକ୍ଷତ ଚାଳିଶି। ମଝିଆ ମୁଣ୍ଡ ହଲେଇଲା।
-ମୋତେ କାହିଁକି ଏତେ ନିଉନ ମଣୁଚ? ମୁଁ କ'ଣ ମୋ' ଭାଇ ପାଇଁ ଏତିକି କରିପାରିବିନି? ଛଳଛଳ ହେଇଗଲେ ଭାଇ ଭାଉଜ।
-ରଖିଥାଅ। ଯୋଗାଡ଼ ତ ହେଇଗଲା। ଯାଅ। ମଝିଆ ଜୁହାରିଲା ଭାଇ ଭାଉଜଙ୍କୁ। ଫେରିଲା ବାଟେ ବାଟେ। ମନ ବିଢ଼ିବାରେ ସଫଳ ହେଲା ବଡ଼ଭାଇ। ମାମଲା ଖଲାସ।

- ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୭୭୬୫୪୬୧୩୦

## କବିତା

### ଅଧେ ସତ ଅଧେ ସ୍ୱପ୍ନ

ତପନ ରଥ

ରାତି ବଢ଼ିବା ସାଥେ ସାଥେ ଜୀବନଟା
ସରି ସରି ଗଲା ପରି ଲାଗେ
କେତେ ଦିନ ସରିଗଲା
କେତେ ରାତି ବିତିଗଲା
କେତେ ଜୀବନ ଜିଇଲି
କେତେ ସପନରେ ପହଁରିଲି
ସବୁକିଛି ମୋ ପେଯୁଆ ଆଖିରେ
ଝାପସେଇ ଝାପସେଇ ଦିଶେ
ସେ ସବୁକୁ ନିରେଖି ନିରେଖି
ଦେଖିବାକୁ ଇଚ୍ଛାହୁଏ
ଚହଲା ପାଣି ପରି
କିଛିକ୍ଷଣ ଦୃଶ୍ୟ ହୁଏ
ପୁଣି ଚହଲିଯାଏ।

ମୋ' ଜୀବନ ଏକ ରଙ୍ଗିନ ଗୁଡ଼ି
ଶୀତଳ ପବନରେ
ମଥା ଉଚାକରି ଆକାଶକୁ
ଛୁଇଁବାର ପ୍ରୟାସ କରେ
ଭସା ବାଦଲର ସ୍ପର୍ଶ ଅନୁଭବ କରେ
ଗରମ ପବନ ସ୍ପର୍ଶରେ ଦିଗହରା ହୁଏ
ବର୍ଷା ବିଜୁଳିର ପ୍ରହାରେ
ରସାତଳଗାମୀ ହୁଏ
ତଥାପି ନିଜ ଅସ୍ତିତ୍ୱକୁ ସମ୍ଭାଳିନିଏ।

ବେଳେବେଳେ ମୋ ମନରେ ଝଡ଼ ଉଠେ
ଝଡ଼ର ଇଗଲ ପରି ମୁଁ ଘୂରିବୁଲେ
ମୋ' ମନ ଆକାଶରେ
ମୋ' ପ୍ରେମିକାର ସନ୍ଧାନରେ।
ଜଳ ସ୍ଥଳ ଏକାକାର କରିଦିଏ
ତା'ର ଗରମ ପାପୁଲିକୁ ଧରି
ଉଡ଼ିବାକୁ ଇଚ୍ଛାହୁଏ ନୀଳ ଆକାଶରେ।

ଆଉ କେତେବେଳେ
ମନ ମୋ ବିଦ୍ରୋହ କରି ଉଠେ
ସମାଜର ଠିକାଦାରଙ୍କ
କାର୍ଯ୍ୟକଳାପରେ
ଇଚ୍ଛାହୁଏ ହୋଇଥାନ୍ତି କି କୃଷ୍ଣ
ବିନା ଅସ୍ତ୍ରେ ସଂହାର କରନ୍ତି
କୌରବକୁଳକୁ
କୁରୁକ୍ଷେତ୍ରର ମହାସଂଗ୍ରାମରେ।

କେତେବେଳେ ପଥଶ୍ରାନ୍ତ ପଥିକ ପରି
ବସିପଡ଼େ ଗାଁ ଶେଷରେ ଥିବା
ବରଗଛ ତଳେ ତ
କେତେବେଳେ ଘର ଚାଳିପିଣ୍ଡା ତଳେ
ହେତୁ ପାଇବାଠାରୁ ଅଣ୍ଟା ନଇଁ
ବାଡ଼ି ଧରିବା ପର୍ଯ୍ୟନ୍ତ
ସବୁ ଧୂସର ଧୂସର ଦେଖାଯାଏ
ନଈପାଣିରେ ମାଛ ଲାଞ୍ଜ
ଦେଖା ଦେଇ ଉଭେଇଗଲା ପରି
ପୁଣି ସବୁକିଛି ମିଳେଇଯାଏ।

ଏଇ ମୋ' ଜୀବନ
ଅଧେ ରାତି ଅଧେ ଦିନ
ଅଧେ ସତ ଅଧେ ସ୍ୱପ୍ନ
ଏଇ ମୋ ଜୀବନ।

- ଅଧିବକ୍ତା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ,
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ମୋ: ୭୯୭୮୫୪୫୮୮୦

### ହୁଅନା ହତାଶ

ମୂଳ ରଚନା: ଲାଉରା ଡିଙ୍ଗ୍ ଏଡ୍‌ୱାର୍ଡ୍ସ
ଅନୁସୃଜନ: ଡ. ସୂଚନା ପାଢ଼ୀ

ଚଢ଼ିପାରୁନ କି ପର୍ବତ
ପାହାଡ଼ କୋଳେଇନିଅ
ସକାଳଟା ମନେ ଦୁଃଖ ଭରିଦେଲେ
ଶେଯରେ ଶୋଇକି ରୁହ
ଅସଫଳ ଯୋଜନା?
ଅନାଗତ କାଳିମା?
ସାୱାର ଜଳସ୍ନାନ?
ଦେଇଥାଏ ଯନ୍ତ୍ରଣା
ବାଥ୍‌ଟବ୍‌ରେ ବୁଡ଼ିଯିବା ଭୟ?
ହତାଶ ହୁଅନା- ନିରାଶ ହୁଅନା।

ମନକୁ ବୁଝାଇ କୁହ
ଏକ ଦିନ, ଜୀବନର ମାପକାଠି ନୁହଁ
କିମ୍ବା ମ୍ରିୟମାଣ?
ସମୟ ଆଣିଦେବ
ଈପ୍‌ସିତ ସୋହାଗ ଚୁମ୍ବନ।

ଅଟକିଯାଇନି ପୃଥିବୀ ଘୂର୍ଣ୍ଣନ
କେବେ ଅଟକିବ ନାହିଁ
ଜାଗ୍ରତ ପ୍ରୟାସେ ଅଟଳ ରୁହ
ବନ୍ଧୁ! ଚାଲ ଆଗେଇ
ଅଜାଣତେ ଛୁଇଁଯିବ
କୁହୁକଭରା ପଥ
ଆଲୋକ ବିକଶିତ
ସମ୍ମୋହିତ ମନ ତୁମ
ହୋଇଯିବ ବିମୋହିତ।

ମୋ: ୭୦୦୮୨୯୧୦୪୦

### ଗୀତି-କବିତା

### ଆଜି ଭଳି

ଅଶୋକ କୁମାର ମଲ୍ଲ

ଆଜି ଭଳି ଖରା ସେଦିନ ବି ଥିଲା ଚିକ୍ ଚିକ୍ ନଈପାଣି
ଏ କୂଳେ ବଂଶୀର ପୂରବୀ ରାଗିଣୀ ସେ କୂଳେ ମନୋଇ ରାଣୀ
ଚହଲା ପାଣିରେ ଭସେଇଥିଲା ତା' ପାନ ପତରିଆ ମୁହଁ
ଦେହର ଦାହକୁ ନଈକୁ ସଅଁପି ଯୋଡ଼ିଥିଲା ଗପ ଖିଅ।

ଆଜି ଭଳି ତାତି ସେଦିନ ବି ଥିଲା ଗଭାର ଗଜରା ହାର
ଥରିଲା ହାତର ପାପୁଲି ଛୁଆଁରେ ଫିଟିଗଲା ଗଭା ତା'ର
ଗୋଟିଏ ଘାଟରେ ଆକାଶ ପାତାଳ ବେଳ ଭୁଲିଗଲା ବାଟ
ବେସୁରା ଗୀତଟା ସୁରିଲା ଲାଗିଲା ମିଛ ବି ଲାଗିଲା ସତ।

ଆଜି ଭଳି ନିଆଁ ସେଦିନ ବି ଥିଲା ଜାଳୁଥିଲା ଦେହ ମନ
ମିଠା ଦରଜର ମହୁଆ ପୀଡ଼ାରେ ମତୁଆଲା ଶ୍ୟାମବନ
ତଥାପି ନିଅଣ୍ଟ ଅଣ୍ଟାର କଉଡ଼ି ଜୀବନ ସଉଦା ପାଇଁ
ଯେତିକି ବିଶ୍ୱାସ ସେତିକି ନିଃଶ୍ୱାସ ଫେରୁଥିଲା ଛାତି ଛୁଇଁ।

ସେଦିନ ଦେହର ଦେଉଳ ଦୁଆରେ ମହୁଲ ଫୁଲର ବାସ
ଭୋଦୁଅ ସତେ କି ଭାବରତୁ ଦେହେ ରଚୁଥିଲା ନିତ୍ୟ ରାସ।

- ବେଗୁନିଆପାଟଣା, ନୟାଗଡ଼
ମୋ: ୯୪୩୭୦ ୨୨୯୬୮

ଯୋଗାଯୋଗ: E-mail:dharitrisahityayana@gmail.com



Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




# ଓଡ଼ିଶାର ତନ୍ଭୀ, ସ୍ୱାତି-ନିମିଶା ଫାଇନାଲରେ

ଭୁବନେଶ୍ୱର, ୫।୧୨ (ବିଜୟ ରଣା)


ଶଟ୍ ଖେଳିବା ଅବସରରେ ତନଭୀ ପତ୍ରି।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଅବସ୍ଥିତ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ)ରେ ଚାଲିଥିବା ୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍ମିଣ୍ଟନ ଚମ୍ପିୟନଶିପର ପଞ୍ଚମ ଦିବସରେ ସମସ୍ତ ବିଭାଗର ଫାଇନାଲ ଲାଇନ ଚୂଡାନ୍ତ ହୋଇଯାଇଛି। ୧୫ବର୍ଷରୁ କମ୍ ବାଳିକା ସେମିଫାଇନାଲରେ ଓଡ଼ିଶାର ତନଭୀ ପତ୍ରୀ ତେଲେଙ୍ଗାନାର ହାମସିନୀ ଚଦରମଙ୍କୁ ୨୧-୧୨ ଓ ୨୧-୧୯ ରେ ପରାଜିତ କରି କରିଛନ୍ତି। ଏହି ବୟସ ବର୍ଗର ଅନ୍ୟ ଏକ ସେମିଫାଇନାଲରେ ତେଲେଙ୍ଗାନାର ଅବନି ବିକ୍ରମ ଗୋବିନ୍ଦ ପଞ୍ଜାବର ଇନାୟତ ଗୁଲାଟିଙ୍କୁ ୨୧-୧୪,୨୧-୧୩ ଗେମରେ ହରାଇ ଦେଇଛନ୍ତି। ଫାଇନାଲରେ ସେ ତନ୍ଭୀଙ୍କୁ ଭେଟିବେ। ସେହିପରି ୧୭ ବର୍ଷସ୍‌ରୁ କମ୍ ବାଳିକା ସିଙ୍ଗଲ୍ସରେ ମଧ୍ୟ ତନ୍ଭୀ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରି ଆନ୍ଧ୍ର ପ୍ରଦେଶର ହସାନା ଶ୍ରୀଙ୍କୁ ୨୧-୧୧, ୨୧-୪ରେ ପରାସ୍ତ କରିଛନ୍ତି। ସେ ଫାଇନାଲରେ ତାମିଲନାଡୁର ଦୀକ୍ଷା ଏସ୍. ଆର୍‌ଙ୍କୁ ଭେଟିବେ। ୧୫ବର୍ଷରୁ କମ୍ ବାଳକ ବିଭାଗ ସେମିଫାଇନାଲରେ କର୍ଣ୍ଣାଟକର ପୁଷ୍କର ସାଇ ତେଲେଙ୍ଗାନାର ଶ୍ରୀଚେତନ ସାମଲାଙ୍କୁ ୨୧-

**ଜାତୀୟ ସବ୍-ଜୁନିୟର ବ୍ୟାଡ୍ମିଣ୍ଟନ ଚମ୍ପିୟନଶିପ୍**

୮, ୨୧-୧୩ ରେ ହରାଇଛନ୍ତି। ଏହି ବିଭାଗର ଦ୍ୱିତୀୟ ସେମିଫାଇନାଲରେ ଦିଲ୍ଲୀର ହର୍ଷିତ ଖତ୍ରୀ ରାଜସ୍ଥାନର ଅଂଶୁମାନ ଚୌଧୁରୀଙ୍କୁ ୨୧-୧୦,୨୧-୧୪ରେ ପରାସ୍ତ କରିଛନ୍ତି। ୧୫ବର୍ଷରୁ କମ୍ ବାଳିକା ଡବଲ୍ସରେ ଓଡ଼ିଆ ଯୋଡି ସ୍ୱାତି ନାୟକ ଓ ନିମିଶା ଓଝା ତାମିଲନାଡୁ ଯୋଡି ନୟୋନିକା. ଏ. ଏବଂ ଧନ୍ୟା.ଏସ.ଜେଙ୍କୁ ୨୧-୧୬,୯-୨୧,୨୧-୧୨ରେ ପରାସ୍ତ କରିଛନ୍ତି। ଏହି ବିଭାଗର ଅନ୍ୟ ମ୍ୟାଚରେ ମହାରାଷ୍ଟ୍ର ସରାୟୁ ରଞ୍ଜନେ ଏବଂ ସୋୟାରା ସେଲାର ତାମିଲନାଡୁ ଯୋଡି ଭଭଛିଗା ରାମକୁମାର ଏବଂ ୟାଲିନି ଏସ. କେଙ୍କୁ ୨୧-୧୪, ୨୧-୧୨ରେ ହରାଇଛନ୍ତି। ଏହି ଯୋଡ଼ି ଫାଇନାଲରେ ଓଡ଼ିଆ ଯୋଡ଼ି ସ୍ୱାତି-ନିମିଶାଙ୍କ ସହ ମୁକାବିଲା କରିବେ। ୧୭ବର୍ଷରୁ କମ୍ ବାଳକ ବିଭାଗରେ ଟପ୍ ସିଡ ଜଗସେର ସିଂ ଖାଙ୍ଗୁରା ଆସାମର ବର୍ନିଲ ଆକାଶଙ୍କୁ ୨୧-୧୯, ୨୧-୧୨ରେ ହରାଇ ଦେଇଛନ୍ତି।

# ଫ୍ରାନ୍ସକୁ ହରାଇ ସେମିରେ ଜର୍ମାନୀ

ଚେନ୍ନାଇ, ୫।୧୨ (ପି.ଟି.)

**ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି**

ସାତ ଥର ଚାମ୍ପିୟନ ଜର୍ମାନୀ ଶୁଟ୍ ଆଉଟ୍‌ରେ ଫ୍ରାନ୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରି ଚଳିତ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ଭାବେ ଶେଷ ହେବାଦ୍ୱାରା ଶୁଟ୍‌ଆଉଟ ପଦ୍ଧତିର ସହାୟତା ନିଆଯାଇଥିଲା। ଶୁଟ୍ ଆଉଟରେ ଜର୍ମାନୀ ତରଫରୁ ଜୋନାସ ଭନ୍ ଜେରସମ୍, ଜଷ୍ଟସ ୱାରୱିଗ୍ ଓ ଲୁକାସ କୋସେଲ ଗୋଲ ସ୍କୋର କରିବାରେ ସଫଳ ହୋଇଥିବା ବେଳେ ଜର୍ମାନୀ ତରଫରୁ ଏକମାତ୍ର ଗୋଲ ଦେଇଥିଲେ ଆରିଷ୍ଟିଡ୍ ମିଚେଲିସ୍। ସୂଚନାଯୋଗ୍ୟ, ୨୦୨୩ ସଂସ୍କରଣ ଫାଇନାଲରେ ଜର୍ମାନୀ ୨-୧ ଗୋଲ୍‌ରେ ଫ୍ରାନ୍ସକୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟରଫାଇନାଲରେ ସ୍ପେନ ୪-୩ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ରୋମାଞ୍ଚକ ପରିସମାପ୍ତି ଘଟିଥିବା ଏହି ମ୍ୟାଚର ପ୍ରଥମ ୧୨ ମିନିଟ୍ ଖେଳରେ ସ୍ପେନ୍ ୩-୦ରେ ଅଗ୍ରଣୀ ଲାଭ କରିଥିଲା। ଗୋଲ୍‌ଗୁଡ଼ିକୁ ନିକୋଲାସ ମଷ୍ଟାରେସ, ଜୋସେପ୍ ମାର୍ଟିନ ଓ ଆଲବର୍ଟ ସେରାହିମା ପ୍ରମୁଖ ସ୍କୋର କରିଥିଲେ। ମାତ୍ର ସାମ୍ ଲିଷ୍ଟଙ୍କ ଡବଲ ଗୋଲ୍ ଏବଂ ର୍ୟାନ୍ ପାର୍‌ଙ୍କ ପେନାଲ୍ଟି କର୍ନରରୁ ରୁପାନ୍ତରିତ ଗୋଲ୍ ବଳରେ ନ୍ୟୁଜିଲାଣ୍ଡ ଲଢୁଆ ପ୍ରତ୍ୟାବର୍ତ୍ତନ କରିଥିଲା। କିନ୍ତୁ ଫାଇନାଲ ହୁଟର ପୂର୍ବରୁ ସ୍ପେନ ଡ୍ରାଗ୍ ଫ୍ଲିକର ବ୍ରୁନୋ ଆଭିଲା ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ତାଙ୍କ ଦଳକୁ ଜିତାଇଥିଲେ। ଅନ୍ୟ ଏକ ମ୍ୟାଚରେ ଆର୍ଜେଣ୍ଟିନା ୧-୦ ଗୋଲ୍‌ରେ ନେଦରଲାଣ୍ଡସ୍‌କୁ ହରାଇ ଦେଇଛି।

**ଆଇସିସି ମହିଳା ପ୍ଲେୟର ଅଫ୍ ଦି ମନ୍ଥ୍**

# ସଂକ୍ଷିପ୍ତ ତାଲିକାରେ ଶେଫାଳି

ଦୁବାଇ, ୫।୧୨ (ପି.ଟି.)

ଭାରତୀୟ ଓପନର ଶେଫାଳି ବର୍ମାଙ୍କ ନାମ ନଭେମ୍ବର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ଶର୍ଟଲିଷ୍ଟ ତାଲିକାରେ ସ୍ଥାନ ପାଇଛି। ଭାରତୀୟ ଓପନରଙ୍କ ଦ୍ରୁତ ୮୭ ରନ ଏବଂ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହାସଲ ଯୋଗୁ ଦେଶ ପ୍ରଥମ ଥର ଆଇସିସି ମହିଳା ବିଶ୍ୱକପ୍ ଟାଇଟଲ ବିଜେତା ହୋଇପାରିଥିଲା। ଶେଫାଳି ଜଣେ ଇଞ୍ଜୁରୀଙ୍କ ବଦଳ ଖେଳାଳି ଭାବେ ମୁମ୍ବାଇରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ପାଇଁ ଦଳରେ ସ୍ଥାନ ପାଇଥିଲେ। ବର୍ତ୍ତମାନ ଆଇସିସି ମାସିକ ପୁରସ୍କାର ପାଇଁ ସୁପାରିସ ୩ଜଣିଆ ସଂକ୍ଷିପ୍ତ ଖେଳାଳି ତାଲିକାରେ ସ୍ଥାନ ପାଇଛି। ଅନ୍ୟ ଦୁଇ ଖେଳାଳି ହେଲେ ସଂଯୁକ୍ତ ଆରବ ଏମିରେଟ୍ସର ଇଶା ଓଜା ଓ ଥାଇଲାଣ୍ଡର ଥିପାଚତା ପୁଥାଓଙ୍ଗ୍। ପୁରୁଷ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ୩ ଖେଳାଳି ହେଲେ ଦକ୍ଷିଣ ଆଫ୍ରିକାର ଅଫ୍ ସ୍ପିନର ସିମନ ହାର୍ମର, ବାଂଲାଦେଶର ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମ ଓ ପାକିସ୍ତାନ ଅଲ ରାଉଣ୍ଡର ମହମ୍ମଦ ନୱାଜ।




